୬ ସେମିଫାଇନାଲ ସ୍ୱପ୍ନ ଚୂରମାର: ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଲେ ଭାରତ-ପାକିସ୍ତାନ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୨୭୧ ● ୧ ନଭେମ୍ବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-271 ● 1st November 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ

୪୨୬.୭୧ କୋଟିର ୩୧ ପର୍ଯ୍ୟଟନ ଏବଂ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ

ଏକତାନଗର/ଗୁଜୁରାଟ, ୩୧ ।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ସର୍ଦ୍ଦାର ବଲ୍ଲଭଭାଇପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସର୍ଦ୍ଦାର ବଲ୍ଲଭଭାଇପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀରେ ଏକତା ନଗର (କେଭାଡିଆ)ରେ ଆୟୋଜିତ ଜାତୀୟ ଏକତା ଦିବସ କାର୍ଯ୍ୟକ୍ରମରେ ମୋଦୀ ଯୋଗ ଦେଇଥିଲେ । ସେ ୪୦୦ କୋଟିରୁ ଅଧିକ ମୂଲ୍ୟର ବିକାଶ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି ।

ଶନିବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ଅବସରରେ ସାରା ଦେଶରେ ଜାତୀୟ ଏକତା ଦିବସ ପାଳନ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ସକାଳେ ଗୁଜରାଟର ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ପହଞ୍ଚି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ସମୟରେ ସେ ଷ୍ଟାଚ୍ୟୁ ଅଫ୍ ୟୁନିଟି ଅଞ୍ଚଳରେ ୪୨୬.୭୧ କୋଟି ଟଙ୍କାର ୩୧ଟି ପର୍ଯ୍ୟଟନ ଏବଂ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ *(ପୃଷ୍ଠା ୭ରେ)*

ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ ଗଢ଼ିବୁ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା

ଭୁବନେଶ୍ୱର, ୩୧ ।୧୦
ନ୍ୟୁଜ୍ ବ୍ୟୁରୋ

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନିଜର ଅସାଧାରଣ ରାଜନୈତିକ ଦୂରଦୃଷ୍ଟି, ଦୃଢ଼ ଇଚ୍ଛାଶକ୍ତି ଏବଂ ବାସ୍ତବବାଦୀ ନେତୃତ୍ୱ ବଳରେ ୫୬୦ରୁ ଅଧିକ କ୍ଷୁଦ୍ର ଓ ବୃହତ୍ ରାଜ୍ୟକୁ ଏକତ୍ରିତ କରି ଏକ ବିଶାଳ, ଶକ୍ତିଶାଳୀ ଭାରତର ମୂଳଦୁଆ ପକାଇଥିଲେ । ତାଙ୍କ ଜନ୍ମ ଦିବସ କେବଳ ଜୟନ୍ତୀ ପାଳନର ଦିନ ନୁହେଁ, ବରଂ ଏହା ଆମର ସାମୂହିକ ସଂକଳ୍ପ, ଦେଶପ୍ରେମ ଏବଂ ଜାତୀୟ ଅଖଣ୍ଡତା ପ୍ରତି ଆମର ଅଙ୍ଗୀକାରବଦ୍ଧତାର ପ୍ରତୀକ ବୋଲି ଶନିବାର 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ଜୟନ୍ତୀ ଅବସରରେ ଓଏସଏପି ୭ମ ବାଟାଲିୟନ ପରେଡ ପଡ଼ିଆଠାରେ ଆୟୋଜିତ 'ରାଷ୍ଟ୍ରୀୟ ଏକତା ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ *(ପୃଷ୍ଠା ୭ରେ)*

ବଙ୍ଗୋପସାଗରରେ ସୃଷ୍ଟି ହେଲା ଅବପାତ : ଆଜି ବାତ୍ୟା ସମ୍ଭାବନା

ଭୁବନେଶ୍ୱର, ୩୧ ।୧୦
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ପୁଣି ଏକ ଅବପାତ ସୃଷ୍ଟି ହୋଇଛି । ଆଇଏମଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ଏନେଇ ସୂଚନା ଦେଇ କହିଛନ୍ତି ଯେ ଅବପାତଟି ରାତି ସୁଦ୍ଧା ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ପରେ ଆହୁରି ଘନୀଭୂତ ହୋଇ ବାତ୍ୟାର ରୂପ ନେଇପାରେ । ଏହା ସୋମବାର ସନ୍ଧ୍ୟାରେ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି । ୩ ତାରିଖ ସକାଳ ବେଳକୁ ଆନ୍ଧ୍ର ପ୍ରଦେଶ ଉପକୂଳରେ ପହଞ୍ଚିବ । ଏହି ସମୟରେ ପନବର ବେଗ ୮୦ରୁ ୯୦ ଓ ସର୍ବାଧିକ ୧୦୦କିମି ରହିବ । ଦକ୍ଷିର ଓଡ଼ିଶା ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପବନ ରହିବ । ପବନର ବେଗ ୪୦ରୁ ୫୦ କିମ୍ବା ଝଟ୍‌କା ପବନ ୬୦କିମି ରହିବ । ୩ ତାରିଖରେ ୫୦ରୁ ୬୦ କିମ୍ବା ଝଟ୍‌କା ପବନ ୭୦କିମି ଯାଏ ରହିବ । ୩ରୁ ୪ତାରିଖରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ସମୁଦ୍ର ଅଶାନ୍ତ ରହୁଥିବାରୁ ୪ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । *(ପୃଷ୍ଠା ୭ରେ)*

ଏନ୍‌ଭିଏସ୍-୦୩ ସାଟେଲାଇଟର ସଫଳ ଉତ୍‌କ୍ଷେପଣ

ନୂଆଦିଲ୍ଲୀ, ୩୧ ।୧୦

ଆହୁରି ସୁଦୃଢ଼ ହେଲା ଭାରତୀୟ ନାଭିଗେସନ ସିଷ୍ଟମ । ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏହାର ନୂତନ ନାଭିଗେସନ୍ ସାଟେଲାଇଟ୍ ଏନ୍‌ଭିଏସ୍-୦୩ ଉତକ୍ଷେପଣ କରିଛି । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ ପ୍ୟାଡ୍‌ରୁ ଉତ୍‌କ୍ଷେପଣ କରାଯାଇଥିଲା । ଏହା ଜିଏସ୍‌ଏଲ୍‌ଭି ରକେଟ୍‌ର ୨୦ତମ ଉଡ଼ାଣ ଯାହା ଏହି ଉପଗ୍ରହକୁ ମହାକାଶରେ ଏହାର ଲକ୍ଷ୍ୟସ୍ଥଳରେ ପହଞ୍ଚାଇଛି ।

ଏନ୍‌ଭିଏସ୍-୦୩ ହେଉଛି ଭାରତର ସେକେଣ୍ଡ ଜେନେରେସନ ନାଭିଗେସନ୍ ସାଟେଲାଇଟ୍ ସିରିଜର *(ପୃଷ୍ଠା ୭ରେ)*

ଅଭିନନ୍ଦନ ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩୧ ।୧୦

ଜିଏସ୍‌ଏଲଭି-ଏଫ୍‌୧୮ ମିଶନର ସଫଳ ଉତ୍‌କ୍ଷେପଣ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶନିବାର ଇସ୍ରୋର ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କ ଟିମ୍‌କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ସଫଳତା ପାଇଁ ଇସ୍ରୋର ବୈଜ୍ଞାନିକମାନଙ୍କୁ ବିଶେଷ ଅଭିନନ୍ଦନ ଜଣାଇଛନ୍ତି ।

ଆଜିର ମୁଖ୍ୟ ଖବର

- ଭାରତୀୟ ଜେଲରେ ତିନି ବର୍ଷର ସଜା କାଟିବା ପରେ ସ୍ୱଦେଶ ଫେରିଲେ ୧୦ ଜଣ ବାଂଲାଦେଶୀ ମହିଳା ।
- ଆମେରିକା ୟୁକ୍ରେନକୁ ୨.୧ ବିଲିୟନ ଡଲାର ମୂଲ୍ୟର ୫୦୦ଟି ପାଟ୍ରିଅଟ୍ କ୍ଷେପଣାସ୍ତ୍ର ବିକ୍ରି ପାଇଁ ଦେଲା ଅନୁମତି ।
- ଦିଲ୍ଲୀ: ମଙ୍ଗୋଲପୁରୀର ଏକ ଜୋତା କାରଖାନାରେ ନିଆଁ ଲାଗି ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଏବଂ ୨ ଜଣ ଗୁରୁତର ଆହତ ।
- ଉତ୍ତରାଖଣ୍ଡ ହେଲିକପ୍ଟର ଦୁର୍ଘଟଣା: ୬ ମୃତକଙ୍କ ମୃତଦେହ ଉଦ୍ଧାର ପାଇଁ ଜାରି ରହିଛି ରେସ୍କ୍ୟୁ ଅଭିଯାନ ।
- ସାମ୍ବାଦିକ ନିଧି ରାଜଦାନଙ୍କୁ ବିବାହ କଲେ ଉମର ଅବଦୁଲ୍ଲା ।
- ଆଇପିଏସ ଅନୁପ ବର୍ଥାରେଙ୍କ ସମେତ ଝାଡ଼ଖଣ୍ଡର ୨୮ ଜଣ ପୋଲିସ କର୍ମଚାରୀଙ୍କୁ ଉତ୍କର୍ଷତା ପାଇଁ ମିଳିବ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ପଦକ ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୮୮ (-୩୩୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୩୦ (-୩୧୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୪୧୬ (-୨୫୩)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୦ (-୧୦)

ଭୂସ୍ଖଳନ ସ୍ଥଳରେ ନୌସେନାର 'ସିସ୍‌ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍'

ମାଟି ତଳେ ନିଖୋଜଙ୍କୁ ଖୋଜିବ ଅତ୍ୟାଧୁନିକ ସେନ୍ସର

ଭୁବନେଶ୍ୱର, ୩୧ ।୧୦
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସମ୍ପ୍ରତି ବାତ୍ୟା 'ଅର୍ଣ୍ଣବ' ପରେ ଘଟିଥିବା ଭୂସ୍ଖଳନ ଜନିତ ସ୍ଥିତି, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ଆଗାମୀ ସମ୍ଭାବ୍ୟ ବାତ୍ୟାର ମୁକାବିଲାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି ।

ଏହି ବୈଠକରେ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଥିବା ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ଓ ଜୀବନ ରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ସମୀକ୍ଷା ବୈଠକରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟସୂଚୀ ସମ୍ପର୍କରେ ନିର୍ଦ୍ଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା । ଭୂସ୍ଖଳନ ପ୍ରଭାବିତ ପ୍ରତ୍ୟେକଟି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନିଆଯାଉ ଏବଂ ମାଟି ତଳେ ଫସି ରହିଥିବା ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଉ ବୋଲି ସେ କହିଛନ୍ତି ।

ବାତ୍ୟା କ୍ଷୟକ୍ଷତିର ସଠିକ୍ *(ପୃଷ୍ଠା ୭ରେ)*

ଚୋରା ଚାଲାଣ ବେଳେ ୪୯ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କଲା ଏସ୍‌ଟିଏଫ

ଖୋର୍ଦ୍ଧା, ୩୧ ।୧୦
ନ୍ୟୁଜ୍ ବ୍ୟୁରୋ

କାରରେ ଓଡ଼ିଶାରୁ ମହାରାଷ୍ଟ୍ରକୁ ଚାଲାଣ ହେଉଥିଲା ଗଞ୍ଜେଇ । ହେଲେ ଖୋର୍ଦ୍ଧା ନିକଟରେ ମାଡ଼ି ବସିଲା ଏସ୍‌ଟିଏଫ୍ । ଦୁଇଟି କାରରୁ ଜବତ ହୋଇଛି ୯୭ କେଜି ଗଞ୍ଜେଇ । ଏହାର ଆନୁମାନିକ ବଜାର ଦର ୪୯ ଲକ୍ଷ ଟଙ୍କା ହେବ ।

ଏସ୍‌ଟିଏଫ୍ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ସିଣ୍ଡିକେଟ୍‌ର କିଙ୍ଗପିନ୍ । ତାଙ୍କ ନାଁ ସାଗର ବସବରାଜ କାପାଲେ । ତାଙ୍କ ଘର ମହାରାଷ୍ଟ୍ରର ସୋଲାପୁର ଅଞ୍ଚଳରେ । ଅନ୍ୟ ୪ ଅଭିଯୁକ୍ତ ହେଉଛନ୍ତି କନ୍ଧମାଳ ଜିଲ୍ଲାର ଉଦୟ ଦିଗଲ, ନରେଶ ପ୍ରଧାନ, କାର୍ତ୍ତିକ ମଲ୍ଲିକ ଓ ଗୋବିନ୍ଦ ରାଜ ବେହେରା । ଏସଟିଏଫ୍ ଦୁଇଟି କାର ସହ ଅଭିଯୁକ୍ତମାନଙ୍କ ମୋବାଇଲ୍ ଫୋନ୍, ଡେବିଟ୍ କାର୍ଡ ଏବଂ ନଗଦ ୧୧ ହଜାର ୬୦୦ ଟଙ୍କା ଜବତ କରିଛି ।

ଦୀପାବଳିରେ ବାଣ ଫୁଟା ନେଇ ଓଏସ୍‌ପିସିବିର କଟକଣା

ଭୁବନେଶ୍ୱର, ୩୧ ।୧୦
ନ୍ୟୁଜ୍ ବ୍ୟୁରୋ

ଆଗାମୀ ଦୀପାବଳି ପର୍ବକୁ ପ୍ରଦୂଷଣମୁକ୍ତ ଓ ସୁରକ୍ଷିତ ଭାବେ ପାଳନ କରିବା ଲକ୍ଷ୍ୟରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାଣ ଫୁଟାଇବା ନେଇ ଜାରି ହୋଇଛି ପରାମର୍ଶମୂଳକ ନିର୍ଦ୍ଦେଶାବଳୀ । ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ସହ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ବୋର୍ଡ ପକ୍ଷରୁ ଏହି ଗାଇଡଲାଇନ୍ ଜାରି କରାଯାଇଛି । ଗାଇଡଲାଇନ୍ ଅନୁଯାୟୀ, ଦୀପାବଳିରେ କେବଳ ଅନୁମୋଦିତ *(ପୃଷ୍ଠା ୭ରେ)*

ଏକାଳ ପଖାଳ

ଜିରୋ କାଜୁଆଲିଟି ମନ୍ତ୍ର
କେତେ ପ୍ରକାର ଯେ ବାଣୀ
ବଙ୍ଗୋପସାଗରେ ଠେଲିଦେବା କଥା
ଦମ୍ଭେ ଶୁଣେଇଲେ ପୁଣି
ଏବେ ଦଶ ଶହେ ଶହେ ପୁଣି
ପ୍ରଶ୍ନଗୁଡାକ ଖିନ୍‌ଭିନ୍ କରେ
ମିଠା ବି ଲାଗଇ ଲୁଣି ।

ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଓ ଚିକିତ୍ସା ବାବଦ ବିଲ୍ ପୈଠ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ଅଗ୍ରଣୀ

ଭୁବନେଶ୍ୱର, ୩୧ ।୧୦
ନ୍ୟୁଜ୍ ବ୍ୟୁରୋ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନସ୍ଥ ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି (ସାସ୍)ର ନୂତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡାକ୍ତର ଗାଭାଲି ପରାଗ ହର୍ଷଦ ଶନିବାର ସମିତିର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ ।

ସାସ୍‌ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅଗ୍ରଗତି ସମ୍ବନ୍ଧିତ ବିସ୍ତୃତ ତଥ୍ୟ ଅନୁଧ୍ୟାନ କରିବା ପରେ ଡାକ୍ତର ପରାଗ ଗାଭାଲି ଜାଲିଆତି ଚିହ୍ନଟ ଓ ହିତାଧିକାରୀଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ବ୍ୟାପକ କ୍ଷେତ୍ର ପରିଦର୍ଶନ ନିମନ୍ତେ ପରାମର୍ଶ ଦେଇଥିଲେ । ଏଥିସହିତ, ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ପିଏମ୍ – ରାହତ ଯୋଜନା ଅଧୀନରେ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ହସ୍ପିଟାଲଗୁଡ଼ିକୁ ସଚେତନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଯୋଜନା ଅନୁଯାୟୀ, ଆର୍ଥିକ ସ୍ଥିତି ନିର୍ବିଶେଷରେ ପ୍ରତ୍ୟେକ ସଡ଼କ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ଦୁର୍ଘଟଣାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଯୋଜନାରେ *(ପୃଷ୍ଠା ୭ରେ)*

କୋରାପୁଟ ମେଡିକାଲ କଲେଜ ୧୫୦କୁ ବୃଦ୍ଧି ପାଇବ ନାମଲେଖା ସିଟ୍

କୋରାପୁଟ/ଭୁବନେଶ୍ୱର, ୩୧ ।୧୦
ନ୍ୟୁଜ୍ ବ୍ୟୁରୋ

କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୨୫ଟି ଏମ୍‌ବିବିଏସ୍ ସିଟ୍ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଫଳରେ କଲେଜରେ ବାର୍ଷିକ ଏମ୍‌ବିବିଏସ୍ ନାମଲେଖା ସଂଖ୍ୟା ୧୨୫ରୁ ବୃଦ୍ଧି ପାଇ ୧୫୦ରେ ପହଞ୍ଚିବ ।

୨୦୨୭-୨୮ ଶିକ୍ଷାବର୍ଷରୁ ଏହି ନୂତନ ସିଟ୍ ବ୍ୟବସ୍ଥା ଲାଗୁ ହେବ । ଏନେଇ ୨୯ ଅକ୍ଟୋବର ୨୦୨୬ରେ ଜାରି ହୋଇଥିବା ସରକାରୀ ଆଦେଶରେ ଏନ୍‌ଏମ୍‌ସିକୁ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ସିଟ୍ ବୃଦ୍ଧି ସମସ୍ତ ପ୍ରଚଳିତ ନିୟମ ଓ ନିୟାମକ ସର୍ତ୍ତ ପାଳନ ଉପରେ ନିର୍ଭର କରିବ । ମେଡିକାଲ କଲେଜ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ, ଦସ୍ତାବିଜ୍ ଓ ଅନ୍ୟାନ୍ୟ ତଥ୍ୟକୁ ବିଚାର କରିବା ପରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।

ଏହା ଫଳରେ ଚିକିତ୍ସା ଶିକ୍ଷାର ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି । ସେ କହିଛନ୍ତି ଯେ "ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟକୁ ଅଭିଶାପ ଶାଗୁଆନ ବଣ : ବୁଡ଼ିଗଲାଣି ଭାଲୁ ଓ ମୟୂର ବଂଶ

ନୟାଗଡ଼,ନ୍ୟୁଜ୍‌ବ୍ୟୁରୋ

ବାଘଶୂନ୍ୟ ବ୍ୟାଘ୍ର ଅଭୟାରଣ୍ୟ ସାତକୋଶିଆକୁ ଅଭିଶାପ ପାଲଟିଛି ଶାଗୁଆନ ବଣ। ପ୍ରାୟ ୫୦ ଭାଗ କୃତ୍ରିମ ଶାଗୁଆନ ଜଙ୍ଗଲରେ ପରିପୂର୍ଣ୍ଣ ଏ ଜଙ୍ଗଲରେ ଉଧେଇ ପାରୁନି ଅନ୍ୟ କୌଣସି ପ୍ରଜାତିର ବୃକ୍ଷଲତା। ଯେଉଁ ପ୍ରାକୃତିକ ବାସସ୍ଥଳୀରେ ପୂର୍ବରୁ ମହାବଳ ବଂଶ ତ ବୁଡ଼ିଥିଲା, ଖାଦ୍ୟ ଅଭାବରୁ ଏବେ ହଜିବାକୁ ବସିଛି ଭାଲୁ ଓ ମୟୂର ବଂଶ। ହାତୀ ସମେତ ଅନେକ ତୃଣଭୋଜି ପ୍ରାଣୀ ଏବେ ଏଠାରୁ ମୁହଁ ଫେରାଇ ଅନ୍ୟତ୍ର ଚାଲିଯାଉଛନ୍ତି।

୯୬୩ ବର୍ଗକିଲୋମିଟରରେ ପରିବ୍ୟାପ୍ତ ଏ ଅଭୟାରଣ୍ୟର ଯୁଆଡ଼େ ନଜର ପକାଇବେ, ଦେଖିବାକୁ ପାଇବେ କେବଳ ବିଶାଳ ବିଶାଳ ଶାଗୁଆନ ଗଛ। ଏହି କାରଣରୁ ଦୀର୍ଘବର୍ଷ ହେଲା ମହାବଳ ବଂଶ ତ' ବୁଡ଼ିଥିଲା, ଏବେ ଭାଲୁ ଓ ମୟୂର ବଂଶ ବି ସତ୍ତା ହରାଇବାକୁ ବସିଲାଣି। ଏମିତିକି ଗଜରାଜ ବି ଏଠାରୁ ମୁହଁ ଫେରାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଧିବାସୀ ଓ ବନ୍ୟପ୍ରାଣୀ ବିଶେଷଜ୍ଞ। ସେମାନଙ୍କ ମତରେ, ଏକଦା ତୃଣଭୋଜି ପ୍ରାଣୀଙ୍କ ଲାଗି ଭରପୂର ମାତ୍ରାରେ ଶାଳ, ଓସ୍ତ, ବର, ବେଲ, ଅଁଳା, ବାହାଡ଼ା, ହରିଡ଼ା, କେନ୍ଦୁ ଓ ଶାଳୀୟ ବାଉଁଶ ଭଳି ପ୍ରାକୃତିକ ବୃକ୍ଷଲତା ଥିଲା। ଯାହାକୁ ଖାଇ ସେମାନେ ଜଙ୍ଗଲରେ ରହୁଥିଲେ, ହେଲେ ଏବେ ସେସବୁ ବୃକ୍ଷଲତାର ସ୍ଥାନ ନେଇଛି ଶହଶହ ବର୍ଗକିଲୋମିଟରର କୃତ୍ରିମ ଶାଗୁଆନ ଜଙ୍ଗଲ।

ବ୍ରିଟିଶ ଶାସନ କାଳରେ ବାଣିଜ୍ୟିକ ଉଦ୍ଦେଶ୍ୟରେ ସାତକୋଶିଆର କିଛି ଅଞ୍ଚଳରେ ଶାଗୁଆନ ଗଛ ଲଗାଯାଇଥିଲା। କିନ୍ତୁ ୧୯୭୬ ମସିହାରେ ଅଭୟାରଣ୍ୟ ଘୋଷଣା ହେବା ପରେ ବି ୨୦୦୫ ଯାଏଁ ଏଠାକାର ପ୍ରାକୃତିକ ଜଙ୍ଗଲକୁ କାଟି ଶାଗୁଆନ ବଣ ତିଆରି କରିଚାଲିଥିଲା ବନ ବିଭାଗ। ସାତକୋଶିଆ ଅଭୟାରଣ୍ୟର ଜୈବ ବିବିଧତା ଫେରାଇ ଆଣିବାକୁ ସରକାର ଶାଗୁଆନ ଗଛକୁ କାଟି ପ୍ରାକୃତିକ ଜଙ୍ଗଲ ତିଆରି କରାନ୍ତୁ ବୋଲି ସ୍ଥାନୀୟ ବିଧାୟକ ଦାବି କରିଛନ୍ତି। ସେପଟେ ଏନେଇ ସରକାର ଯାହା ନିର୍ଦ୍ଦେଶ ଦେବେ ସେହି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ କ୍ଷେତ୍ର ନିର୍ଦ୍ଦେଶକ। ଏବେ ଦେଖିବାକୁ ବାକି ରହିଲା, ସାତକୋଶିଆର ପ୍ରାକୃତିକ ଜୈବ ବିବିଧତା ଫେରାଇ ଆଣି ବନ୍ୟପ୍ରାଣୀଙ୍କ ଲାଗି ଅନୁକୂଳ ପରିବେଶ ଯୋଗାଇବାକୁ କି ପଦକ୍ଷେପ ନେଉଛନ୍ତି ସରକାର।

କେସିଙ୍ଗା କଲେଜ ସମ୍ମୁଖରେ ଆଣ୍ଠୁଏ ଗାତ : ଦୁର୍ଘଟଣା ଆଶଙ୍କା

କେସିଙ୍ଗା, ନ୍ୟୁଜ୍‌ବ୍ୟୁରୋ

କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ଦେଇ ଜୋରାଡବ୍ରା ଓ ଏମ୍. ରାମପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର କେସିଙ୍ଗା ମହାବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ଦିନ ହେଲା ଏକ ବଡ଼ ଗାତ ସୃଷ୍ଟି ହୋଇଛି। ରାସ୍ତାର ଏହି ଦୁରବସ୍ଥା ଯୋଗୁ ଦୈନିକ ଯାତାୟାତ କରୁଥିବା ହଜାର ହଜାର ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ରାସ୍ତା ମରାମତି ଦିଗରେ ପିଡବ୍ଲ୍ୟୁଡି ବିଭାଗର ଆଖି ପଡୁ ନ ଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଦେଇ ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀଙ୍କ ସମେତ ତହସିଲ କାର୍ଯ୍ୟାଳୟ, ସ୍ଥାନୀୟ କୋର୍ଟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଲୋକେ ଦୈନିକ ଯାତାୟାତ କରୁଛନ୍ତି। ରାସ୍ତାରେ ବଡ଼ ଗାତ ଥିବାରୁ ଏହା

ନିକଟରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ବର୍ଷା ଦିନରେ ଗାତରେ ପାଣି ଜମି ରହୁଥିବାରୁ ଏହାର ଗଭୀରତା ଜଣାପଡୁନାହିଁ। ଫଳରେ ଲୋକେ ଗାତରେ ପଡ଼ି ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହୋଇଛି।

କେସିଙ୍ଗା ସହରର ଜାତୀୟ ରାଜପଥ-୨୬ର ଆମ୍ବେଦକର ଛକଠାରୁ ପ୍ରାଥମିକ ବିଦ୍ୟାଳୟ ଦେଇ ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ଭରି ରହିଛି। ଏହି ରାସ୍ତା ଦେଇ ପିଡବ୍ଲ୍ୟୁଡି ବିଭାଗର ଏସ୍‌ଡିଓ, କୋର୍ଟର ମାଜିଷ୍ଟ୍ରେଟ, ତହସିଲଦାର, ଆରଡି ବିଭାଗର କର୍ମଚାରୀ, ମିଶନ ଶକ୍ତିର ମହିଳା, ଅବକାରୀ ବିଭାଗ ଓ କେନ୍ଦ୍ରୀୟ କେନ୍ଦୁପତ୍ର ବିଭାଗର କର୍ମଚାରୀଙ୍କ ସମେତ ବହୁ ଲୋକ ଯାତାୟାତ କରୁଛନ୍ତି। ଏତେ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ମରାମତି ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସେହିପରି କେସିଙ୍ଗା ବ୍ଲକର କିକିଆ-ଖଜୁରପଡ଼ା ପିଡବ୍ଲ୍ୟୁଡି ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ଥିବାରୁ ଲୋକେ ଖରା ଓ ବର୍ଷା ଦିନରେ ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ଉଭୟ ରାସ୍ତାର ତୁରନ୍ତ ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଜଙ୍ଗଲ ଜମିରେ ବେଆଇନ ଗଞ୍ଜେଇ ଚାଷ : ୨ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ପାପଲୁର ପଞ୍ଚାୟତର ନାଗଲୁର ଗ୍ରାମ ନିକଟ ଜଙ୍ଗଲ ଜମିରେ ବେଆଇନ ଗଞ୍ଜେଇ ଚାଷ ଉପରେ କାଲିମେଲା ପୋଲିସ ବଡ଼ ଧରଣର ଚଢ଼ଉ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ନାଗଲୁର ଗ୍ରାମର କଟିଆ ନାଇଡୁ (୩୦)। ମିଳିଥିବା ସୂଚନା ଅନୁଯାୟୀ, ନାଗଲୁର ନିକଟ ଜଙ୍ଗଲରେ ବେଆଇନ ଭାବେ ଗଞ୍ଜେଇ ଚାଷ ଚାଲିଥିବା ନେଇ କାଲିମେଲା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏନେଇ ମାଲକାନଗିରି ଏସପିଙ୍କ ନିର୍ଦ୍ଦେଶ କ୍ରମେ କାଲିମେଲା ଥାନା ଅଧିକାରୀ ପ୍ରଭୁଦତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ନାଗଲୁର ଗ୍ରାମରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ପ୍ରାୟ ୨ ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହେଉଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ୨ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛକୁ କାଟି ନିଆଁ ଲଗାଇ ନଷ୍ଟ କରି ଦେଇଛି। ଏହି ବେଆଇନ କାରବାର ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

ମହାନଦୀ ଓ ଭେଡନରୁ ଚୋରି ହେଉଛି ପାଣି, ସବୁ ଜାଣି ଚୁପ୍ ବସିଛି ଜଳସେଚନ ବିଭାଗ

ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ

ବହୁ ସ୍ଥାନରେ ଲୋକେ ଶୁଦ୍ଧ ଜଳ ମୁନ୍ଦେ ପାଉନାହାନ୍ତି। ମୌଳିକ ଆବଶ୍ୟକତା ପୂରଣ ପାଇଁ ସଂଘର୍ଷ କରୁଛନ୍ତି। ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଛନ୍ତି। ଏତିକିବେଳେ ସାମ୍ନାକୁ ଅସିଛି ମହାନଦୀ ଓ ଭେଡେନ୍ ନଦୀ ବିଭିନ୍ନ ସଂସ୍ଥା ପ୍ରତିଦିନ ପାଣି ଲୁଟୁଥବା ଖବର। ଉଦ୍‌ବେଗର ବିଷୟ, ସର୍ବସାଧାରଣଙ୍କ ସମ୍ପତ୍ତିଙ୍କୁ ଘରୋଇ ସଂସ୍ଥା ଲୁଟ୍ କରୁଥିଲେ ବି ପ୍ରଶାସନ ହାତ ବାନ୍ଧି ବସିଛି।

ହୀରାକୁଦ ଜଳଭଣ୍ଡାର, ମହାନଦୀ, ଭେଡେନ ନଦୀରୁ ପାଣି ନେଉଛନ୍ତି ବିଭିନ୍ନ କମ୍ପାନୀ ହୋଟେଲ ଓ ରାଇସ୍ ମିଲ୍। କିନ୍ତୁ ଜଳସେଚନ ବିଭାଗର ସବୁ ନିୟମକୁ ଧଜିଆ ଉଡ଼ାଇ ମନଇଚ୍ଛା ଶୋଷୁଛନ୍ତି ନଦୀ। ବୁର୍ଲା ଜଳସେଚନ ଡିଭିଜନ ସହ ଜଳ ଉତ୍ତୋଳନ ପାଇଁ ୬୦ଟି ଶିଳ୍ପାନୁଷ୍ଠାନ ଚୁକ୍ତି କରିଛନ୍ତି। କିନ୍ତୁ ବାରମ୍ବାର ନିର୍ଦ୍ଦେଶ ଓ ତାଗିତ ସତ୍ତ୍ୱେ ମାତ୍ର ୧୬ଟି ଶିଳ୍ପାନୁଷ୍ଠାନ ଫ୍ଲୋ ମିଟର ଲଗାଇଛନ୍ତି। ସେହିପରି ୩୫ଟି ରାଇସ୍ ମିଲ, ୮ଟି ନର୍ସିଂହୋମ ଓ ୨୧ଟି ହୋଟେଲ ବିନା ଚୁକ୍ତିନାମାରେ ଅବାଧରେ ସରକାରୀ ଉତ୍ସରୁ ଉଠାଉଛନ୍ତି ଜଳ। ଜଳ ବାବାଦକୁ ବାର୍ଷିକ ପ୍ରାୟ ୨୨ କୋଟି ଟିକସ ଆଦାୟ ହେଉଥିବା ବେଳେ ଚଳିତ ଥର ୫୦ ପ୍ରତିଶତ ମଧ୍ୟ ଭରଣା ହେଉନାହିଁ।

ଗୋଟିଏ ପଟେ ମନଇଚ୍ଛା ଜଳ କର ଦେଉଛନ୍ତି ଶିଳ୍ପାନୁଷ୍ଠାନ, ଟଙ୍କା ମାଗିଲେ ମୁଖ୍ୟମନ୍ତ୍ରୀ ନହେଲେ ସ୍ଥାନୀୟ ବିଧାୟକ କି ସାଂସଦଙ୍କୁ ଚିଠି ଲେଖି ଅଧିକାରୀଙ୍କୁ ଡରାଉଛନ୍ତି। ଯାହାଫଳରେ ସେମାନେ ଟିକସ ନଦେଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଉନି। ଏଣେ ଚାଷୀ ଜଳକର ନଦେଲେ ନାନା ହଇରାଣର ସମ୍ମୁଖୀନ ହେଉଛି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଚାଷୀ ଓ ବୁଦ୍ଧିଜୀବୀ। ସମ୍ବଲପୁରର ଚାଷୀଙ୍କ କ୍ଷେତକୁ ପାଣି ପହଞ୍ଚିପାରୁନାହିଁ ଏଣେ ବେଆଇନ୍ ଭାବରେ ପାଣି ଲୁଟ୍ କରୁଛନ୍ତି କମ୍ପାନୀ ଓ ହୋଟେଲ।

କାର୍ତ୍ତିକ ପୂର୍ଣ୍ଣିମା ପୂର୍ବରୁ ବଟେଶ୍ୱର ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର କଣ୍ଟିଆଗଡ଼ ନିକଟ ବଟେଶ୍ୱର ପୀଠକୁ ହୁମାଠାରୁ ସଂଯୋଗ ରାସ୍ତା ଶୋଚନୀୟ ଅବସ୍ଥା ହୋଇପଡିଛି। କିଛି ଦିନ ପରେ କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ବଟେଶ୍ୱର ପୀଠରେ ବାଲିଯାତ୍ରା ଅନୁଷ୍ଠିତ ହେବ। ସେଠାରେ ଭକ୍ତଙ୍କ ଭିଡ଼ ଜମିବ। କିନ୍ତୁ ଦୀର୍ଘ ମାସ ହେବ ରାସ୍ତା ଦୟନୀୟ ଅବସ୍ଥାରେ ରହିଛି। ଯାହାକୁ ନେଇ ୮ ଖଣ୍ଡ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ

ପରେ ଗତ ସେପ୍ଟେମ୍ବର ମାସରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଠିକା ନିର୍ମାଣ ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇ ଥିଲା। କିନ୍ତୁ ତାହା ପୂରଣ ହେଲା ନାହିଁ। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୁଣି ଏକ ଦାବି ପତ୍ର ହୁମା ଫାଣ୍ଡି ଅଧିକାରୀ ବିନୟ ଦାସଙ୍କୁ ପ୍ରଦାନ କରାଯାଇଛି। ଯଦି ଏହାର ସମାଧାନ ନ ହୁଏ ତା'ହେଲେ ୮ ଖଣ୍ଡ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କମିଟି ଚେତାବନୀ ଦେଇଛି।

ନିଜସ୍ୱ ପକ୍କା କୋଠା ଥାଇ ଭଙ୍ଗାଦଦରା ଘରେ ଚାଲିଛି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

ଦାରିଙ୍ଗବାଡ଼ି, ନ୍ୟୁଜ୍‌ବ୍ୟୁରୋ

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଗ୍ରୀନବାଡ଼ି ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକଙ୍କ ପାଇଁ ଏକ ନୂତନ ପକ୍କା କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। କୋଠା ଓ ପାଚେରୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଫଳରେ ନିଜସ୍ୱ ପକ୍କା କୋଠା ଥାଇ ମଧ୍ୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦାରିଙ୍ଗବାଡ଼ି ସହରରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରର ଏକ ଭଙ୍ଗାଦଦରା ଘରେ ଚାଲିଛି। ଏହାଦ୍ୱାରା ଗ୍ରୀନବାଡ଼ି ଅଞ୍ଚଳର ବାସିନ୍ଦାମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ଓ ବିଭିନ୍ନ ପ୍ରମାଣପତ୍ର ପାଇଁ ସେମାନଙ୍କୁ ଦୂରରେ ଥିବା କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଫଳରେ ଯାତାୟାତ ପାଇଁ ଅଯଥା ଖର୍ଚ୍ଚାନ୍ତ ହେବା ସହ ସମୟ ମଧ୍ୟ ନଷ୍ଟ ହେଉଛି।

କେବଳ ଗ୍ରାମବାସୀ ନୁହନ୍ତି, ଭଙ୍ଗାଦଦରା ଘରେ କାର୍ଯ୍ୟାଳୟ ଚାଲୁଥିବାରୁ ରାଜସ୍ୱ ନିରୀକ୍ଷକ ମଧ୍ୟ ଅସୁବିଧା ଭୋଗୁଛନ୍ତି। ବର୍ଷା ହେଲେ କାର୍ଯ୍ୟାଳୟ ଭିତରେ ଆଣ୍ଠୁଏ ପାଣି ଜମିଯାଉଥିବା ଅଭିଯୋଗ ହୋଇଛି। ବର୍ଷାଜଳରୁ ରକ୍ଷା ପାଇବା ପାଇଁ ଛାତ ଉପରେ ପାଲ ପକାଇ କାମ ଚଳାଯାଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗ୍ରୀନବାଡ଼ିର ରାଜସ୍ୱ ନିରୀକ୍ଷକଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରାଯାଇଛି। ଅନୁମୋଦନ ମିଳିବା ପରେ ବିଦ୍ୟୁତ୍ ସଂଯୋଗ ହେବ। ବିଦ୍ୟୁତ୍ ନଥିଲେ କମ୍ପ୍ୟୁଟର ଚାଲିବା ସମ୍ଭବ ନୁହେଁ। ତେଣୁ ବିଦ୍ୟୁତ୍ ସଂଯୋଗ ହେବା ପରେ ନୂତନ କୋଠାକୁ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯିବ। ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ବାସଭବନର ଆଜବେଷ୍ଟସ୍ ଛପର ଉପରେ ପାଲ ପକାଇ ମରାମତି କରାଯାଉଛି। ଏହି ଅସୁବିଧାର ସ୍ଥାୟୀ ସମାଧାନ ପାଇଁ ନୂତନ କୋଠାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

ଅଙ୍ଗନୱାଡ଼ିକୁ ଭଡ଼ାଘର ଭରସା : ଭଙ୍ଗା ଘରେ ଚାଲିଛି ଭବିଷ୍ୟତ ଗଢ଼ା

କଳାହାଣ୍ଡି, ନ୍ୟୁଜ୍‌ବ୍ୟୁରୋ

ଦୀର୍ଘ ୭ ବର୍ଷ ହେବ ଏକ ସଂକୀର୍ଣ୍ଣ ଭଡ଼ା ଘର ଭରସାରେ ଚାଲିଛି କଳାହାଣ୍ଡି ଜୟପାଟଣା ବାନେର ପଞ୍ଚାୟତର ଏହି ଅଙ୍ଗନୱାଡ଼ି କେନ୍ଦ୍ର। ନୂତନ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ଠିକାଦାର ଓ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ତାହା ଅଧପନ୍ତରିଆ ହୋଇପଡ଼ିଛି। ସମଗ୍ର ବ୍ଲକରେ ଏଭଳି ଅନେକ ଅଙ୍ଗନୱାଡ଼ି ନିଜସ୍ୱ କୋଠାରୁ ବଞ୍ଚିତ ଥିବାବେଳେ କୁନି କୁନି ପିଲାଙ୍କ ଭବିଷ୍ୟତ କିପରି ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛ। କୋମଳମତି ଶିଶୁଙ୍କ ପ୍ରାକ୍-ପ୍ରାଥମିକ ଶିକ୍ଷା ଓ ସେମାନଙ୍କୁ ସୁଷମ ପୁଷ୍ଟିକର ଆହାର ଯୋଗାଇବା ପାଇଁ ସରକାର ଅଙ୍ଗନୱାଡ଼ି ଜରିଆରେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରଶାସନିକ ଅବହେଳା ଓ ବିଭାଗୀୟ ଉଦାସୀନତା

ଯୋଗୁଁ ଯୋଜନାର ଅସଲ ଉଦ୍ଦେଶ୍ୟ ବାଟବଣା ହୋଇପଡ଼ିଛି। ଗୋଟିଏ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୭ ବର୍ଷ ହେବ ଏକ ସଂକୀର୍ଣ୍ଣ ଭଡ଼ା ଘରେ ଚାଲିଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ବାନେର ପଞ୍ଚାୟତର ଏହି ଅଙ୍ଗନୱାଡ଼ି କେନ୍ଦ୍ର। ଭଡ଼ା ଘରର ଅଣଓସାରିଆ ଜାଗା, ବିନା ବିଦ୍ୟୁତ ସଂଯୋଗୀକରଣ ଏବଂ ଅସୁରକ୍ଷିତ ପରିବେଶରେ ଚାଲିଛି କୋମଳମତି ଶିଶୁଙ୍କ ଭବିଷ୍ୟତ ଗଢ଼ା। ନାମକୁ ମାତ୍ର ୪ରୁ ୫ ଜଣ ପିଲା ଏହି କେନ୍ଦ୍ରକୁ ଆସୁଛନ୍ତି, ବାକି ପିଲାଙ୍କୁ ଛାଡ଼ିବାକୁ ଅମଙ୍ଗ ଅଭିଭାବକ। ପରିସ୍ଥିତି ଏପରି ହୋଇଛି ଯେ, ଅଙ୍ଗନବାଡ଼ିରେ ରୋଷେଇ କରି ଘରକୁ ଘର ବୁଲି ଖାଦ୍ୟ ବାଣ୍ଟୁଛନ୍ତି ପାଚିକା।

ଏସବୁ ସମସ୍ୟାର ମୂଳ କାରଣ ନିଜସ୍ୱ କୋଠାର ଅଭାବ। ପୁରୁଣା ଅଙ୍ଗନୱାଡ଼ି କୋଠାଟି ଭାଙ୍ଗିଯିବା ପରେ କେନ୍ଦ୍ରଟିକୁ ଅସ୍ଥାୟୀ ଭାବେ ଏକ ଭଡ଼ା ଘରକୁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘ ୭ ବର୍ଷ ପରେ ବି ପିଲାଙ୍କୁ ଯୋଗାଇ ଦିଆଯାଉନି ନୂତନ ଅଙ୍ଗନୱାଡ଼ି ଗୃହ। ଏ ଭିତରେ ନୂଆ କୋଠା କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ପ୍ରକଳ୍ପ ଅଧପନ୍ତରିଆ ରହିଛି। କେବଳ ଏହି ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ର ନୁହେଁ, ଜୟପାଟଣା ବ୍ଲକରେ ସମୁଦାୟ ୨୯ଟି ଅଙ୍ଗନୱାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ କୋଠା। ୩୮ଟି ନୂତନ କେନ୍ଦ୍ର ଦୀର୍ଘ ଦିନରୁ ନିର୍ମାଣାଧୀନ ଅବସ୍ଥାରେ ପଡ଼ିରହିଛି। କାଗଜପତ୍ରରେ ଶିଶୁ ସୁରକ୍ଷାର ଡିଣ୍ଡିମ ପିଟାଯାଉଥିବା ବେଳେ ବାସ୍ତବରେ କୁନି କୁନି ପିଲାଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦିଆଯାଇ ଥିବା ମନେ ହେଉଛି।

ବଟେଶ୍ୱର ପୀଠକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ : ବଢୁଛି ଅସନ୍ତୋଷ

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱର ପୀଠକୁ ଦୀର୍ଘ ଦଶ ମାସରୁ ଊର୍ଦ୍ଧ୍ୱ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ ହୋଇଯାଇଛି। ଯାହାଫଳରେ ପୂର୍ବରୁ ଯାଉଥିବା ପର୍ଯ୍ୟଟକ, ସାଧାରଣ ଲୋକେ, ସ୍ଥାନୀୟ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଞ୍ଜାମ ସହରର ବରିଷ୍ଠ ନାଗରିକମାନେ ଏହି ବସ୍ ଯୋଗେ ଯାଇ ଠାକୁରଙ୍କ ଦର୍ଶନ କରିବା ସହ ସେହି ବସ୍ ଯୋଗେ ପୁଣି ଫେରୁଥିଲେ। ବର୍ତ୍ତମାନ ବସ୍ ବନ୍ଦ ଯୋଗୁ ସେମାନେ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହେଉଥିବା ନେଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏତେ ଦିନ ଧରି ବସ୍ ସେବା ବନ୍ଦ ରହିଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟା ପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନାଯୋଗ୍ୟ, ବଟେଶ୍ୱର ପୀଠରୁ ହୁମ୍ମା ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଟି ଦୀର୍ଘଦିନ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଠିକାଦାରଙ୍କ ମନମୁଖୀ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ନୀରବଦ୍ରଷ୍ଟା ଏବଂ ନିର୍ବାଚିତ ପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଯୋଗୁ ରାସ୍ତାଟି ଦୀର୍ଘଦିନ ହେଲା ହେଇପାରୁନି। ଫଳରେ ଯାତାୟାତବେଳେ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ରାସ୍ତାଟି ଖରାପ ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କ ବସ୍‌ସେବା ଗାଡ଼ି ଦୀର୍ଘଦିନ ହେଲା ବଟେଶ୍ୱର ପୀଠରୁ ହୁମ୍ମା ରାସ୍ତାରେ ଯାଉନାହିଁ। ଫଳରେ ଉକ୍ତ ଅଞ୍ଚଳର ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ଆଗକୁ କାର୍ତ୍ତିକ ମାସ ଯୋଗୁ ପ୍ରତ୍ୟେକ ଦିନ ଭକ୍ତଙ୍କ ଭିଡ଼ ବଟେଶ୍ୱର ପୀଠରେ ହୋଇ ଥିବାବେଳେ ରାସ୍ତା ତିଆରି ନ ହେବା, ମନ୍ଦିରକୁ ବସ୍ ନ ଯିବାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ଦେଖାଦେଇଛି।

ବଦଳିବ ହୀରାପୁର ଛକ ଭାଗ୍ୟ

ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ଜିଲ୍ଲାରେ ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ସ୍ଥାପନ ପାଇଁ ସରକାରୀ ଅନୁମୋଦନ ମିଳିଛି। ଲୋଇସିଂହା ତହସିଲ ଅନ୍ତର୍ଗତ ହୀରାପୁର ମୌଜାରେ ଚିହ୍ନଟ ହୋଇଥିବା ସରକାରୀ ଜମିରେ ଏହି କଲେଜ ପ୍ରତିଷ୍ଠା ହେବ। ଏ ନେଇ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବଲାଙ୍ଗିର ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ସରକାରୀ ଅନୁମୋଦନ ସମ୍ପର୍କିତ ଚିଠି ହସ୍ତଗତ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର ସହ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରକ୍ରିୟା ପାଇଁ ତତ୍ପରତା ପ୍ରକାଶ ପାଇଛି। ପ୍ରସ୍ତାବିତ ଇଞ୍ଜିନିୟରିଂ କଲେଜକୁ ଆଧୁନିକ ଓ ବୈଷୟିକ ଶିକ୍ଷା କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ଲକ୍ଷ ରହିଛି। ଏଥିରେ ଆବଶ୍ୟକ ଶିକ୍ଷା, ପ୍ରଶାସନିକ, ପରୀକ୍ଷାଗାର, ଛାତ୍ରାବାସ ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ସୁବିଧା ରହିବା ସହିତ ଏଆଇସିଟିଇର ନିୟମ ଓ ମାନଦଣ୍ଡ ଅନୁଯାୟୀ ସବୁ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। କଲେଜର ଭିତ୍ତିଭୂମି ଏବଂ ପ୍ରସ୍ତାବିତ କଲେଜର ରାସ୍ତାକୁ ଯୋଗାଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତିକରଣ ସମେତ ରେଳ ଫାଟକ ନିକଟରେ ଓଭର ବ୍ରିଜ ନିର୍ମାଣ ପାଇଁ ପ୍ରଶାସନିକ ସ୍ତରରେ କ୍ଷେତ୍ର ପରିଦର୍ଶନ ହୋଇଛି। ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ଏଡିଏମ୍ ପବିତ୍ର ବେହେରା, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା, ଲୋଇସିଂହା ତହସିଲଦାର ଟିକନୁ ପୁଟା, ରେଳ ବିଭାଗ ଅଧିକାରୀ ପଦ୍ମିନୀ ସାହୁ ପ୍ରମୁଖ ପ୍ରସ୍ତାବିତ ଅଞ୍ଚଳ ପରିଦର୍ଶନ କରିଥିବା ଜଣାଯାଇଛି। ଫଳରେ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ସଦର ମହକୁମା ଠାରୁ ମାତ୍ର ୩ କି.ମି. ଦୂରରେ ଥିବା ହୀରାପୁର ଛକର ଭାଗ୍ୟ ବଦଳିବାକୁ ଯାଉଛି। ଏହି ଜାତୀୟ ରାଜପଥ ଦେଇ ପ୍ରସ୍ତାବିତ କଲେଜର ପ୍ରାୟ ୯ କି.ମି. ରାସ୍ତାର ପ୍ରଶସ୍ତିକରଣ କରାଯିବା ସହିତ ହୀରାପୁର ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତା ହେବା ନେଇ ସୂଚନା ରହିଛି। ଏଥିସହିତ ଟିଟିଲାଗଡ଼-ବରଗଡ଼ ରେଳ ଲାଇନ ଉପରେ ଓଭର ବ୍ରିଜ ନିର୍ମାଣ ହେଲେ ପ୍ରସ୍ତାବିତ ଇଞ୍ଜିନିୟରିଂ କଲେଜକୁ ଯାତାୟାତ ଅଧିକ ସୁଗମ ହେବ। ପ୍ରଥମ ଥର ପାଇଁ ଲୋଇସିଂହା ଅଞ୍ଚଳରେ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ଚୂଡ଼ାନ୍ତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ତଥା ଇଞ୍ଜିନିୟରିଂ ଶିକ୍ଷା ହାସଲରେ ଏହି କଲେଜ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ସେହିପରି ଜାତୀୟ ରାଜପଥ ଅପର ପାର୍ଶ୍ୱ ମାଣ୍ଡିଆପଦର ଗ୍ରାମ ଠାରେ ବିରାଟ ପାର୍କ ନିର୍ମାଣ ସାଙ୍ଗକୁ ପାର୍କ ନିକଟରେ ସାଣ୍ଡ ଡ୍ୟୁନ, ସ୍ପୋର୍ଟସ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ, ଜିମ୍ ଇତ୍ୟାଦି ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥିବା ଜଣାଯାଇଛି। ଏସବୁ ଉନ୍ନୟନ ତଥା ଲୋକାଭିମୁଖୀ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଲୋକେ ସ୍ୱାବଲମ୍ବୀ ହୋଇପାରିବା ସହିତ ଅଞ୍ଚଳର ଦ୍ରୁତ ଅଭିବୃଦ୍ଧି କ୍ଷେତରେ ସହାୟକ ହୋଇପାରିବ ବୋଲି ଆଶା କରାଯାଉଛି।

ବରଗଡ଼ ମୁଖ୍ୟ କେନାଲରେ ୨ମାସ ଆସିବନି ପାଣି : ଚିନ୍ତାରେ ଚାଷୀ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ମୁଖ୍ୟ କେନାଲରେ ଆସନ୍ତା ନଭେମ୍ବର ମାସ ୧ ତାରିଖରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଦୀର୍ଘ ୨ ମାସ ଧରି ଅର୍ଥାତ୍ ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ କେନାଲ ପାଣି ବନ୍ଦ ରହିବ। ବରଗଡ଼ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଏହି ସୂଚନା ଦେବା ପରେ ଜିଲ୍ଲାର ହୀରାକୁଦ ଜଳସେଚିତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଓ ଚିନ୍ତା ପ୍ରକାଶ ପାଇଛି। ଏହି ନିଷ୍ପତ୍ତି ମୁଖ୍ୟତଃ କେନାଲ ତଳମୁଣ୍ଡ ଚାଷୀଙ୍କ ପାଇଁ ସଙ୍କଟ ସୃଷ୍ଟି କରିଛି। ଚଳିତ ବର୍ଷ କେନାଲ ପାଣି ଛାଡ଼ିବାରେ ବିଳମ୍ବ ହୋଇଥିବାରୁ ତଳମୁଣ୍ଡର ଚାଷୀମାନେ ଖରିଫ୍ ଧାନ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ କରିଥିଲେ। ବର୍ତ୍ତମାନ ଅନେକ ସ୍ଥାନରେ ଫସଲରେ ଧାନକେଣ୍ଡା ବାହାରୁଥିବା ବେଳେ, ଏଭଳି ସ୍ଥିତିରେ କେନାଲ ପାଣି ବନ୍ଦ ହୋଇଗଲେ କ୍ଷେତରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ଦେଖାଦେଇଛି। ଏତଦ୍‌ବ୍ୟତୀତ, ଲଗାତାର ୨ ମାସ ଧରି କେନାଲ ପାଣି ଯୋଗାଣ ବନ୍ଦ ରହିଲେ ପରବର୍ତ୍ତୀ ରବି ଚାଷ କାର୍ଯ୍ୟ ମଧ୍ୟ ବ୍ୟାପକ ଭାବେ ପ୍ରଭାବିତ ହେବ ଏବଂ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଗଛରେ କଣ୍ଟା ପିଟି ବିଜ୍ଞାପନ : ନିରବ ବନ ବିଭାଗ

ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ

କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ବନାଞ୍ଚଳରେ ଜଙ୍ଗଲ ଓ ଗାଁ ମଧ୍ୟରେ ଥିବା ମୂଲ୍ୟବାନ ବୃକ୍ଷଗୁଡ଼ିକ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଗଛରେ କଣ୍ଟା ପିଟି ପୋଷ୍ଟର ଓ ବ୍ୟାନର ଲଗାଇ ବିଭିନ୍ନ ସଂସ୍ଥା ପ୍ରଚାରପ୍ରସାର କରୁଛନ୍ତି। ଏହାଦ୍ୱାରା ବୃକ୍ଷଗୁଡ଼ିକ କ୍ଷତିଗ୍ରସ୍ତ ହେଉଥିବାବେଳେ ଏଭଳି ଘଟଣା ରୋକିବାରେ ବନ ବିଭାଗର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଦାରିଙ୍ଗବାଡ଼ି ବନାଞ୍ଚଳର ସିମନବାଡ଼ି ସେକ୍ସନ ଅନ୍ତର୍ଗତ ୫୯ ନମ୍ବର ଜାତୀୟ ରାଜପଥ କଡ଼ରେ ବହୁ ପୁରୁଣା ଓ ବିଶାଳ ବୃକ୍ଷ ରହିଛି। ଏହି ବୃକ୍ଷଗୁଡ଼ିକୁ ବିଭିନ୍ନ ସଂସ୍ଥାର ବିଜ୍ଞାପନ ପ୍ରଦର୍ଶନ ପାଇଁ ବ୍ୟବହାର କରାଯାଉଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବ୍ୟବସାୟିକ ଅନୁଷ୍ଠାନର ପ୍ରଚାର ପାଇଁ ଗଛରେ କଣ୍ଟା ପିଟି ପୋଷ୍ଟର ଓ ବ୍ୟାନର ଲଗାଯାଉଛି। ଫଳରେ ଗଛର ଛାଲ କ୍ଷତିଗ୍ରସ୍ତ ହେବା ସହ ସେଗୁଡ଼ିକର ସୁରକ୍ଷା ଓ ସ୍ୱାଭାବିକ ବୃଦ୍ଧି ପ୍ରତି ବିପଦ ସୃଷ୍ଟି ହେଉଛି। ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ନିନ୍ଦା କରିବା ସହ ସମ୍ପୃକ୍ତ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବୃକ୍ଷରେ କଣ୍ଟା ପିଟି ବିଜ୍ଞାପନ ଲଗାଇବା ଦ୍ୱାରା ପରିବେଶର

କ୍ଷତି ହେଉଥିବାରୁ ଏହାକୁ ରୋକିବା ଦିଗରେ ବନ ବିଭାଗ ତତ୍ପରତା ପ୍ରକାଶ କରିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଦାରିଙ୍ଗବାଡ଼ି ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା କହିଛନ୍ତି, ଗଛରେ କଣ୍ଟା ପିଟି ପୋଷ୍ଟର ଓ ବ୍ୟାନର ଲଗାଇବା ଅନୁଚିତ। ବୃକ୍ଷଗୁଡ଼ିକର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିସହ ଗଛରେ ଲାଗିଥିବା ପୋଷ୍ଟର ଓ ବ୍ୟାନର ହଟାଇ ସେଗୁଡ଼ିକୁ କଣ୍ଟାମୁକ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏ ନେଇ ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଗଛରେ କଣ୍ଟା ପିଟି ବିଜ୍ଞାପନ ଲଗାଇବା ଘଟଣା ବନ୍ଦ ହେଉନାହିଁ। ଏପରିକି ଜଙ୍ଗଲ ନଷ୍ଟ କରିବା ଭଳି ଘଟଣା ମଧ୍ୟ ଘଟୁଥିବା ଅଭିଯୋଗ ହେଉଛି। ତେଣୁ ଜଙ୍ଗଲ ଓ ଜାତୀୟ ରାଜପଥ କଡ଼ରେ ଥିବା ବିଶାଳ ବୃକ୍ଷଗୁଡ଼ିକର ସୁରକ୍ଷା ପାଇଁ ଉଚିତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ବାଲିଘାଟ ଉପରେ ବେଲଗୁଣ୍ଠା ପୁଲିସର ଚଢ଼ଉ

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ବେଲଗୁଣ୍ଠା ପୁଲିସ ବଙ୍କା ଓ ସୁରମଣି ବାଲିଘାଟ ଉପରେ ଚଢ଼ଉ କରି ୭ ଜଣ ଡ୍ରାଇଭରଙ୍କୁ ଗିରଫ କରିଛି। ୪ ଜଣ ଖସି ପଳାଇଥିବା ବେଳେ ୧୧ଟି ହାଇୱା ଜବତ କରାଯାଇଛି ଏବଂ ଏକ କୋଟି ଟଙ୍କା ଜରିମାନା କରାଯାଇଛି। ଏଠାରୁ ପ୍ରତ୍ୟେକ ଦିନ କୋଟିକୋଟି ଟଙ୍କାର ବାଲି ଚୋରାଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ବେଲଗୁଣ୍ଠା ପୁଲିସ ଚଢ଼ଉ କରିଥିଲା।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ନଭେମ୍ବର, ୨୦୨୬ ରବିବାର

ଜଳ ନିଷ୍କାସନ ପଥ ଅବରୋଧକୁ ବିରୋଧ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଜମ୍ବୁ ଓ ମାର୍ଶାଘାଇ କେନାଲ ରାସ୍ତାର ଛପାଲି ଛକ ନିକଟ ପ୍ରଭାକରପୁର ଆପ୍ରୋଜ୍‌ରୋଡ୍ ନିକଟରେ କେନାଲ ବନ୍ଧ ନିର୍ମାଣ ଚାଲିଛି। ଏହି ନିର୍ମାଣ ସମୟରେ ଜଳ ନିଷ୍କାସନ ପଥକୁ ଅବରୋଧ କରାଯାଇଛି। ଏହାକୁ ସ୍ଥାନୀୟ ଅଞ୍ଚଳର ହରେକୃଷ୍ଣ ପାତ୍ରଙ୍କ ସମେତ ଅଞ୍ଚଳବାସୀ ବିରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ନିର୍ମାଣ ବିଭାଗ, ମନ୍ତ୍ରୀ ପୂର୍ତ୍ତବିଭାଗ, ଅଧିକ୍ଷଣ ଯନ୍ତ୍ରୀ ସହ ଜିଲ୍ଲାପାଳଙ୍କୁ ଏନେଇ ଅଭିଯୋଗ କରାଯାଇଛି। ତୁରନ୍ତ ଠିକା ସଂସ୍ଥା ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାପାଳ ପୂର୍ତ୍ତବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ କରି ଜଳ ନିଷ୍କାସନ ପଥ ଖୋଲିବା ପାଇଁ ପୂର୍ତ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବାରିପଦାକୁ 'ରୋଡ୍ ସେଫ୍‌ଟି ଟାଉନ୍' ଭାବେ ବିକଶିତ କରିବାକୁ ଦାବି

ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ହ୍ରାସ କରିବା ସହ ବାରିପଦା ସହରକୁ ଏକ ରୋଡ ସେଫ୍ଟି ମଡେଲ୍ ଟାଉନ୍ ଭାବେ ବିକଶିତ କରିବାକୁ ଦାବି ହୋଇଛି। ଏନେଇ ସୋସିଆଲ୍ ୱେଲ୍‌ଫେୟାର ଫୋରମ୍ ପକ୍ଷରୁ ସଂଗଠନର ସମ୍ପାଦକ ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି। ଦାବିପତ୍ର ମୁତାବକ ସିଏଜି ରିପୋର୍ଟରେ ମୟୂରଭଞ୍ଜ ଜିଲ୍ଲାରେ ୨୦୧୯ରୁ ୨୦୨୪ ମଧ୍ୟରେ ୨୭୦୮ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୧୫୯୮ ଜଣଙ୍କ ମୃତ୍ୟୁ ଓ ୨୫୩୧ ଜଣ ଆହତ ହୋଇଥିବା ଉଲ୍ଲେଖ ରହିଛି। ଦୁର୍ଘଟଣା ତୁଳନାରେ ମୃତ୍ୟୁହାର ୫୯.୦୧ ପ୍ରତିଶତ ଓ ଆହତ ହାର ୯୩.୪୬ ପ୍ରତିଶତ ଥିବାରୁ ଜିଲ୍ଲାର ସଡ଼କ ସୁରକ୍ଷା ସ୍ଥିତି ଚିନ୍ତାଜନକ ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି। ଜିଲ୍ଲାରେ ଥିବା ଦ୍ୱାରଶୁଣି ଘାଟିକୁ ଏକ ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇ ରାସ୍ତାରେ କ୍ରାସ୍ ବ୍ୟାରିୟର, ରମ୍ବଲ ଷ୍ଟ୍ରିପ୍, ସଠିକ୍ ସୂଚନା ଫଳକ ଓ ଆଲୋକ ବ୍ୟବସ୍ଥା ସହ ହାଇୱେ ପାଟ୍ରୋଲିଂ ବ୍ୟବସ୍ଥା କରିବା, ଉଦଳା-ବାରିପଦା, ବାରିପଦା- ବାଙ୍ଗିରିପୋଷି ଓ ବାରିପଦା- ବାଲେଶ୍ୱର ରାସ୍ତାର ବିଭିନ୍ନ ବ୍ଲାକ୍ ସ୍ପଟ୍‌ରେ ବୈଜ୍ଞାନିକ ପଦ୍ଧତିରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା, ବାରିପଦା ସହରରେ ରେଳ ଓଭରବ୍ରିଜ୍ ନିର୍ମାଣ, ପିଆର୍‌ଏମ୍ ମେଡିକାଲ୍ କଲେଜରେ ୨୪ ଘଣ୍ଟିଆ ନ୍ୟୁରୋସର୍ଜନ ଓ ଅର୍ଥୋପେଡିକ ବିଶେଷଜ୍ଞଙ୍କ ସହ ଏକ ଆଧୁନିକ ଟ୍ରମା କେୟାର ସେଣ୍ଟର ସ୍ଥାପନ, ରୋଡ ସେଫ୍ଟି ଫଣ୍ଡ ଗଠନ ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ଏନ୍‌ଏଚ୍‌ଏଆଇର ଅଧିକାରୀଙ୍କ ଉପସ୍ଥିତି ବାଧ୍ୟତାମୂଳକ କରିବା, ମୟୂରଭଞ୍ଜ ଦେଇ ଯାଇଥିବା ଜାତୀୟ ରାଜପଥ ୧୮ ଓ ୪୯ରେ ଅଟୋମେଟେଡ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍, ସିସିଟିଭି, ସ୍ପିଡ ରାଡାର ଗନ ଏବଂ ଆମ୍ବୁଲାନ୍ସ ୱେ ଆଦି ସ୍ଥାପନ କରାଯାଇ ବାରିପଦାକୁ ଏକ ଆଦର୍ଶ ସଡ଼କ ସୁରକ୍ଷା ସହର ଭାବେ ପରିଣତ କରିବାକୁ ଦାବି ହୋଇଛି। ପ୍ରତିନିଧି ଦଳରେ ପ୍ରଦୀପ କୁମାର ମିସ୍ତ୍ରୀ, ରାଜୀବ ଜେନା, ମାନସ କୁମାର ସ୍ୱାଇଁ, ମନୋଜ କୁମାର ବେହେରା, ଆନନ୍ଦାନନ୍ଦ ଶଙ୍ଖୁଆ, ରଞ୍ଜନ କୁମାର ମହାନ୍ତି, ତପନ କୁମାର ସିଂହ, ବିକର୍ତ୍ତନ ଲେଙ୍କା, ଯୋଗେଶ୍ୱର ପାଲବାବୁ ପ୍ରମୁଖ ସାମିଲ ଥିଲେ ।

////////// ଭାଗିରଥି ମାଣ୍ଡାଙ୍କ ହତ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ //////////

ଦୁଇ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବେ ୬ ଅଭିଯୁକ୍ତ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ରାୟଗଡ଼ାର ଯୁବ ଆଦିବାସୀ ନେତା ଭାଗିରଥି ମାଣ୍ଡାଙ୍କ ହତ୍ୟା ମାମଲାରେ ଦୀର୍ଘ ୧୬ ବର୍ଷ ଧରି ଚାଲିଥିବା ନ୍ୟାୟିକ ଲଢ଼େଇରେ ଆଦିବାସୀ ମହାସଂଘକୁ ବଡ଼ ସଫଳତା ମିଳିଛି। ହାଇକୋର୍ଟ ପ୍ରଦାନ କରିଥିବା ଅଗ୍ରୀମ ଜାମିନ ଆଦେଶକୁ ସୁପ୍ରିମକୋର୍ଟ ଖାରଜ କରିବା ସହ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଏନ୍. ଭାସ୍କର ରାଓଙ୍କ ସମେତ ୬ ଜଣ ଅଭିଯୁକ୍ତଙ୍କୁ ଦୁଇ ସପ୍ତାହ ମଧ୍ୟରେ ସମ୍ପୃକ୍ତ ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟ ପରେ ଭାଗିରଥିଙ୍କ ପରିବାର ସହ ଦୀର୍ଘଦିନ ଧରି ନ୍ୟାୟ ପାଇଁ ଲଢ଼େଇ କରୁଥିବା ଆଦିବାସୀ ମହାସଂଘ ପକ୍ଷରୁ ସୁପ୍ରିମକୋର୍ଟଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରାଯାଇଛି। ରାୟଗଡ଼ାର ହୋଟେଲ କୈଳାଶ ଠାରେ ଆଦିବାସୀ ମହାମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଦିବାସୀ ମହାସଂଘର ଉପସଭାପତି ବସନ୍ତ ଉଲ୍ଲାକା ଓ ଜଗନ୍ନାଥ ମାଣ୍ଡାଙ୍କ ଏହି ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ, ୨୦୧୦ ମସିହାରେ ଯୁବ ଆଦିବାସୀ ନେତା ଭାଗିରଥି ମାଣ୍ଡାଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ନେଇ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଏନ୍. ଭାସ୍କର ରାଓଙ୍କ ସମେତ ୬ ଜଣଙ୍କ ସମ୍ପୃକ୍ତି ଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ମାମଲାର ବିଚାର ଚାଲିଥିବା ସମୟରେ ଏସ୍‌ଡିଜେଏମ୍ କୋର୍ଟ ପକ୍ଷରୁ ଅଭିଯୁକ୍ତମାନଙ୍କ ବିରୋଧରେ ଜାମିନ୍‌ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ପରେ ଏହାକୁ ଚ୍ୟାଲେଞ୍ଜ କରି ଭାସ୍କର ରାଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ସେଠାରୁ ଅଗ୍ରୀମ ଜାମିନ୍ ପାଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ମୃତକଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍କ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମାମଲାର ତଥ୍ୟ ଓ ଉପସ୍ଥାପିତ ଯୁକ୍ତିକୁ ବିଚାର କରି ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ଅଗ୍ରୀମ ଜାମିନ୍ ଆଦେଶକୁ ଖାରଜ କରିଛନ୍ତି ଏବଂ ୬ ଜଣ ଅଭିଯୁକ୍ତଙ୍କୁ ଦୁଇ ସପ୍ତାହ ମଧ୍ୟରେ ସମ୍ପୃକ୍ତ ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇ ଆତ୍ମସମର୍ପଣ କରିବାକୁ ଆଦେଶ ଦେଇଛନ୍ତି। ଦୀର୍ଘ ୧୬ ବର୍ଷ ଧରି ନ୍ୟାୟ ଦାବିରେ ଆଦିବାସୀ ମହାସଂଘ ଓ ମୃତକଙ୍କ ପରିବାର ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ, ଶୋଭାଯାତ୍ରା ଓ ରାଲି ଆୟୋଜନ କରାଯାଇଥିଲା। ମହାସଂଘର ନିରନ୍ତର ଉଦ୍ୟମ ଓ ପରିବାରର ଦୀର୍ଘ ଆଇନ୍‌ଗତ ଲଢ଼େଇ ଯୋଗୁ ମାମଲାଟି ପୁଣିଥରେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଥିବା ସମ୍ମିଳନୀରେ କୁହାଯାଇଥିଲା। ଏହି ରାୟକୁ ଆଦିବାସୀ ମହାସଂଘ ପକ୍ଷରୁ ନ୍ୟାୟ ପାଇଁ ଚାଲିଥିବା ଦୀର୍ଘ ସଂଘର୍ଷର ଏକ ବଡ଼ ସଫଳତା ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଭାଗିରଥିଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍କ, ବାସା ମାଣ୍ଡାଙ୍କ ସମେତ ଆଦିବାସୀ ମହାସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଏହି ମାମଲା ସମ୍ପର୍କରେ ପୂର୍ବତନ ସାଂସଦ ଏନ୍. ଭାସ୍କର ରାଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ମୋରଡ଼ାରେ ବିପୁଳ ମହୁଲ ପୋଚ ଓ ମଦ ଜବତ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାରେ ବେଆଇନ୍ ଦେଶୀ ମଦ ପ୍ରସ୍ତୁତି ଓ କାରବାର ରୋକିବାକୁ ଅବକାରୀ ବିଭାଗର ଚଢ଼ଉ ଜାରି ରହିଛି। ଏହି କ୍ରମରେ ମୋରଡ଼ା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରାଯିବା ସହ ଦେଶୀ ମଦ ଓ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଛି। ମୋରଡ଼ା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ଅନୁଯାୟୀ, ମୋରଡ଼ା ବ୍ଲକ ଅନ୍ତର୍ଗତ ଭାଲୁକଚୁଆ ଓ ହାଣ୍ଡିଭଙ୍ଗା ଅଞ୍ଚଳରେ ବେଆଇନ୍ ଭାବେ ଚାଲିଥିବା ଦେଶୀ ମଦ ପ୍ରସ୍ତୁତି କେନ୍ଦ୍ର ଉପରେ ଏହି ଚଢ଼ଉ କରାଯାଇଥିଲା। ମୋରଡ଼ା ଅବକାରୀ ବିଭାଗ ସହ ଏପିଆର୍ ଫୋର୍ସ, ସଦର ଅବକାରୀ ବିଭାଗ, ମୋବାଇଲ୍ ଇନ୍‌ସପେକ୍ଟର ଏବଂ କୁଳିଅଣା ଓ ଦେଉଳି ଅବକାରୀ ଟିମ୍ ଏଥିରେ ସାମିଲ୍ ହୋଇଥିଲେ। ଚଢ଼ଉ ସମୟରେ ମୋଟ୍ ୧୩ ହଜାର ୫୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବା ବେଳେ ୧୧୫୦ ଲିଟର ଦେଶୀ ମଦ ଜବତ ହୋଇଛି। ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ମଧ୍ୟ ଜବତ କରାଯାଇଛି। ତେବେ ଏହି ବେଆଇନ୍ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରି ଗିରଫ କରିବା ନେଇ ଅବକାରୀ ବିଭାଗ ନିଜର ପ୍ରୟାସ ଜାରି ରଖିଛି ।

ଚାଷୀଙ୍କ କ୍ଷେତ ବଞ୍ଚାଅ ଅଭିଯାନ:ମୃତ୍ତିକା ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ

କଟକ, ନ୍ୟୁଜ୍ ବ୍ୟୁରୋ

ମାଟିର ଉର୍ବରତା ରକ୍ଷା, ସନ୍ତୁଳିତ ସାର ପ୍ରୟୋଗ ଓ ପରିବେଶ ଅନୁକୂଳ କୃଷି ପଦ୍ଧତି ଆପଣାଇବା ଦ୍ୱାରା ଫସଲ ଉତ୍ପାଦନ ବୃଦ୍ଧି ସହ ଚାଷୀଙ୍କ ଆୟ ବଢ଼ାଇ ହେବ। ଏହି ଉଦ୍ଦେଶ୍ୟ ନେଇ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ସିଆର୍‌ଆର୍‌ଆଇ) ପକ୍ଷରୁ କଟକ ଜିଲ୍ଲାର ଆଇନିପୁର ଓ ପରମାନନ୍ଦପୁର ଗ୍ରାମରେ 'ଜାତୀୟ କ୍ଷେତ ବଞ୍ଚାଅ ଅଭିଯାନ (ରବି-୨୦୨୬)' ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୧୭୧ ଜଣ ଚାଷୀ ଯୋଗଦେଇ କୃଷି ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବୈଜ୍ଞାନିକ ଡ. ପ୍ରକାଶ ଚନ୍ଦ୍ର ଜେନା, ପ୍ରଧାନ ବୈଜ୍ଞାନିକ ଡ. ଲମ୍ବୋଦର ବେହେରା, ବରିଷ୍ଠ ବୈଷୟିକ ଅଧିକାରୀ ଇଂ. ଭୂପେନ୍ଦ୍ର, ସରପଞ୍ଚ ଅକ୍ଷୟ କୁମାର ସେଠୀ ଓ ଦେବେନ୍ଦ୍ରନାଥ ସେଠୀ ଯୋଗଦେଇ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ସୁରକ୍ଷା ଓ ଉନ୍ନତ କୃଷି ପଦ୍ଧତି ସମ୍ପର୍କରେ ସଚେତନ କରିଥିଲେ। ଧାନ କ୍ଷେତରେ ଆବଶ୍ୟକତା ଠାରୁ ଅଧିକ ରାସାୟନିକ ସାର ପ୍ରୟୋଗ ମାଟିର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ। ଏହାକୁ ଦୃଷ୍ଟିରେ ରଖି ଧାନ ସମେତ ଅନ୍ୟାନ୍ୟ ଫସଲରେ ସନ୍ତୁଳିତ ସାର ପ୍ରୟୋଗ, ଜୈବିକ ସାରର ବ୍ୟବହାର ଏବଂ ପ୍ରାକୃତିକ ଚାଷ ପ୍ରଣାଳୀ ଆପଣାଇବା ଉପରେ ଆଲୋକପାତ କରାଯାଇଥିଲା। ମାଟିର ଉର୍ବରତା ଅକ୍ଷୁର୍ଣ୍ଣ ରଖିବା ସହ ଜଳ ଓ ପରିବେଶର ସୁରକ୍ଷା ଦିଗରେ ଚାଷୀମାନେ ଯତ୍ନବାନ ହେବାକୁ ବୈଜ୍ଞାନିକମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଧାନ ଗବେଷଣା କେନ୍ଦ୍ରରେ ବିକଶିତ ମାଇକ୍ରୋବିଆଲ୍ କନ୍‌ସୋର୍ଟିଆ (ଅଣୁଜୀବ ସମ୍ମିଶ୍ରଣ), ଏନ୍‌ଆର୍‌ଆର୍‌ଆଇ ଟେକ୍ ଡି କମ୍ପୋଜ୍, ତରଳ ଜୈବ ସାର, ଉନ୍ନତ କୃଷି କୌଶଳ ଓ ପତ୍ର ରଙ୍ଗ ଚାର୍ଟର ବ୍ୟବହାର ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ବୈଜ୍ଞାନିକ ପଦ୍ଧତିରେ ସାର ପ୍ରୟୋଗ ଓ ଜୈବିକ ଉପାୟରେ ଚାଷ କରିବା ଦ୍ୱାରା ଉତ୍ପାଦନ ଖର୍ଚ୍ଚ କମାଇବା ସହ କୃଷକଙ୍କ ଆୟ ବୃଦ୍ଧି କରାଯାଇପାରିବ ବୋଲି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ଅନୁସୂଚିତ ଜାତି ଉପଯୋଜନା (ଏସ୍‌ସିଏସ୍‌ପି)ର ସଂଯୋଜକ ବୈରାଗୀ ମଲ୍ଲିକଙ୍କ ସମେତ ଅଶୋକ ମଲ୍ଲିକ, ମୋନାଲିସା ମଲ୍ଲିକ, ମମତା ସାମଲ, ମଞ୍ଜୁମଣି ମଲ୍ଲିକ, ସସ୍ମିତା ମଲ୍ଲିକ, ବସନ୍ତ ଭୋଇ, ବିଭୂତି ମଲ୍ଲିକ, ରବି ଦାସ ଓ ଆଇନିପୁର ଗ୍ରାମର ପ୍ରଶାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚାଷୀମାନଙ୍କ ସକ୍ରିୟ ଅଂଶଗ୍ରହଣ ସହ ମୃତ୍ତିକା ସୁରକ୍ଷା ଓ ସ୍ଥାୟୀ କୃଷି ପଦ୍ଧତି ସମ୍ପର୍କରେ ସଚେତନତା ସୃଷ୍ଟି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା।

ଦୁର୍ଘଟଣାଗ୍ରସ୍ତ ବାଇକ୍‌ରୁ ଗଞ୍ଜେଇ ଜବତ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ସୋମବାର ଅପରାହ୍ନରେ ନବରଙ୍ଗପୁର ସହରର ଏଫସିଆଇ ନିକଟରେ ହଠାତ୍ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାପରେ ଯାହା ଘଟିଲା, ତାହା ଦେଖି ସ୍ଥାନୀୟ ଲୋକଙ୍କ ଆଖି ଟାକି ହୋଇଗଲା। ଧକ୍କା ହେବା କ୍ଷଣି ଗୋଟିଏ ବାଇକ୍‌ର ଡିକି ଖୋଲିଯାଇ ରାସ୍ତା ଉପରେ ବିଛାଡ଼ି ହୋଇପଡ଼ିଲା ଅବୈଧ ମାଦକ ଦ୍ରବ୍ୟ- ଅର୍ଥାତ୍ ବଣ୍ଡଲ୍ ବଣ୍ଡଲ୍ ଗଞ୍ଜେଇ ! ରାସ୍ତାରେ ଧଳା କାଗଜ ପରି ଗଞ୍ଜେଇ ଗୁଡ଼ାକ ବିଛାଡ଼ି ହୋଇଯିବା ପରେ ଘଟଣାସ୍ଥଳରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। 'ପ୍ରାଥମିକ ଅନୁମାନରୁ ଜଣାପଡ଼ିଛି ଯେ, ଏହି ବିପୁଳ ପରିମାଣର ଗଞ୍ଜେଇ ମାଲକାନଗିରି ଜିଲ୍ଲାରୁ କଳାହାଣ୍ଡି ଜିଲ୍ଲାକୁ ଅତି ଚାଲାକିରେ ଚାଲାଣ କରାଯାଉଥିଲା। ହେଲେ ରାସ୍ତାରେ ଭାଗ୍ୟ ସାଥ୍ ନଦେବାରୁ ସବୁ ଗୁମର ପଦାରେ ପଡ଼ିଗଲା। ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଯୁବକଙ୍କ ମଧ୍ୟରୁ ଜଣେ ଗୁରୁତର ଆହତ ହୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବାବେଳେ, ଅନ୍ୟ ଜଣକୁ ନବରଙ୍ଗପୁର ପୋଲିସ ନିଜ କବ୍‌ଜାକୁ ନେଇଛି।

ଅଗ୍ନିକାଣ୍ଡରେ ୩ ପଶୁ ଅର୍ଦ୍ଧଦଗ୍ଧ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସମଙ୍ଗ ପଞ୍ଚାୟତର ଜେନା ସାହିରେ ଟୁନିଆ ସ୍ୱାଇଁଙ୍କ ଗୁହାଳରେ କୌଣସି କାରଣ ବଶତଃ ଗୁରୁବାର ଅଗ୍ନିକାଣ୍ଡ ଘଟି ଟୁନିଆ ସ୍ୱାଇଁଙ୍କ ୨ ଗାଈ ୧ ବାଛୁରୀ ଅର୍ଦ୍ଧଦଗ୍ଧ ହୋଇଛନ୍ତି । ଗୁହାଳଟି ସମ୍ପୂର୍ଣ୍ଣ ପୋଡିଯାଇଛି । ଏହି ଖବର ପାଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରି ଉକ୍ତ ପରିବାରକୁ ପଲିଥିନ୍ ଜରି ପ୍ରଦାନ କରିବା ସହିତ କିଛି ସହାୟତା ରାଶି ପ୍ରଦାନ କରିଛନ୍ତି । ଏହା ସହ କିଭଳି ଭାବେ ଉକ୍ତ ପଶୁ ଆରୋଗ୍ୟ ଲାଭ କରିବେ ଉକ୍ତ ସେ ପ୍ରସଙ୍ଗରେ ପ୍ରାଣୀସମ୍ପଦ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ:୨ ଗିରଫ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ରୋଡ ପୋଲିସ ଚୋରି ଅଭିଯୋଗରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ୨ଜଣ ହେଲେ କୋରେଇ ଥାନା ନୂଆଗଡ ଅଞ୍ଚଳର ସାଗର ଭୂଇଁଆ (୨୭) ଏବଂ ପାଣିକୋଇଲି ଥାନା ଛୋଟରାୟପୁରର ସୁଜିତ ମଲ୍ଲିକ (୩୦) ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ସୂଚନା ମୁତାବକ ଗତ ୧୧ ତାରିଖ ରାତିରେ ଚୋରଦା କାଳୀ ମଣ୍ଡପ ନିକଟରେ ଥିବା ମା' ହେଙ୍ଗୁଳା ସିଜିନ୍ ଭେରାଇଟି ଷ୍ଟୋର୍‌ରୁ ଲକ୍ଷାଧିକ ଟଙ୍କାର ସିସି ଟିଭି କ୍ୟାମେରା ଓ କିଛି ତାର ଚୋରି ହୋଇଥିବାନେଇ ଛୋଟରାୟପୁର ଗ୍ରାମର ସୁଶାନ୍ତ କୁମାର ସାହୁ ଯାଜପୁରରୋଡ଼ ଥାନାରେ ଅଭିଯୋଗ କରିଥିଲେ । ସେହିପରି ବ୍ୟାସନଗର ସହରର ବ୍ୟାଙ୍କ ଷ୍ଟ୍ରିଟ୍ ଚାଚା ମୋବାଇଲ୍ ଷ୍ଟୋର ନିକଟରେ ବିବେକାନନ୍ଦ ସାହୁଙ୍କ ସିଜିନ ଦୋକାନରୁ ପାଖାପାଖି ୮୦ ହଜାର ଟଙ୍କାର କମ୍ବଳ, ଲିଚୁଲାଇଟ୍ ଓ ଅନ୍ୟ ଜିନିଷ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ୫୮୮ ଓ ୬୧୫ / ୨୬ରେ ୨ଟି ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ସେମାନଙ୍କ ନିକଟରୁ ଚୋରି ଜିନିଷ ଉଦ୍ଧାର କରିବା ସହ ବୁଧବାର ରାତିରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ, ୫୦ହଜାର ଚାଷୀ ପାଇଲେ ୧୦କୋଟି ୧ଲକ୍ଷ ୬୨ହଜାର

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧରେ ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାର ମୁଖ୍ୟ କାର୍ଯ୍ୟକ୍ରମ ଗୁଜୁରାଟର ବନାସାକାଣ୍ଠ ଠାରେ ଆୟୋଜିତ ହୋଇଥିବାବେଳେ ଏହି କାର୍ଯ୍ୟକ୍ରମରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିଲେ । ଏହାର ସିଧାପ୍ରସାରଣ କାର୍ଯ୍ୟକ୍ରମ ବୌଦ୍ଧର ମାଉସୀମା ମନ୍ଦିର ପରିସରରେ ପ୍ରଦର୍ଶିତ କରାଯାଇଥିଲା । ଜିଲ୍ଲାପାଳ ବିଭୁତି ଭୂଷଣ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ୨୪ ତମ କିସ୍ତିର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ବୌଦ୍ଧ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବୈଜ୍ଞାନିକ ତପନ କୁମାର ଦାସ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ସମୁଦାୟ ୫୦ ହଜାର ୮୧ ଜଣ ଚାଷୀଙ୍କୁ ପିଏମ୍ କିଷାନ ଅନ୍ତର୍ଗତ ସମୁଦାୟ ୧୦ କୋଟି ୧ ଲକ୍ଷ ୬୨ ହଜାର ଟଙ୍କା ଅର୍ଥ ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଏଥିରେ ବୌଦ୍ଧ ବ୍ଲକର ୧୫,୦୦୩ ଜଣ ହିତାଧିକାରୀଙ୍କୁ ୩ କୋଟି ୬ ହଜାର ଟଙ୍କା, ହରଭଙ୍ଗା ବ୍ଲକର ୧୪୪୦୯ ଜଣ ହିତାଧିକାରୀଙ୍କୁ ୨ କୋଟି ୮୮ ଲକ୍ଷ ୧୮ ହଜାର ଟଙ୍କା, କଣ୍ଟାମାଳ ବ୍ଲକର ୨୦୬୬୯ ହିତାଧିକାରୀଙ୍କୁ ୪ କୋଟି ୧୩ ଲକ୍ଷ ୩୮ ହଜାର ଟଙ୍କା ୨ ହଜାର ଟଙ୍କା ହିସାବରେ କୃଷକମାନଙ୍କ ଖାତାକୁ ଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ରହିଥିଲେ ।

////////////////// ପ୍ରଧାନମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି ଲେଖି ଅନୁରୋଧ //////////////////

ଅର୍ଣ୍ଣବ କ୍ଷତିଗ୍ରସ୍ତ କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ତୁରନ୍ତ କେନ୍ଦ୍ରୀୟ ହସ୍ତକ୍ଷେପ କରାଯାଉ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

କୋରାପୁଟର ସାଂସଦ ତଥା ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ସପ୍ତଗିରି ଶଙ୍କର ଉଲାକା, ବାତ୍ୟା 'ଅର୍ଣ୍ଣବ' ଏବଂ ଏହା ପରବର୍ତ୍ତୀ ପ୍ରବଳ ବର୍ଷା ଓ ଆକସ୍ମିକ ବନ୍ୟା ଯୋଗୁଁ ଦକ୍ଷିଣ ଓଡ଼ିଶାରେ ସୃଷ୍ଟି ହୋଇଥିବା ବ୍ୟାପକ କ୍ଷୟକ୍ଷତି ପରିପ୍ରେକ୍ଷୀରେ କୋରାପୁଟ ଓ ରାୟଗଡ଼ା ଜିଲ୍ଲା ପାଇଁ ତୁରନ୍ତ କେନ୍ଦ୍ରୀୟ ହସ୍ତକ୍ଷେପ, ବ୍ୟାପକ କ୍ଷୟକ୍ଷତି ଆକଳନ ଏବଂ ସ୍ୱତନ୍ତ୍ର ପୁନର୍ବାସ ପ୍ୟାକେଜ୍ ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହି ଆଦିବାସୀ ବହୁଳ ଓ ପାହାଡ଼ିଆ ଅଞ୍ଚଳଗୁଡ଼ିକର ଭୌଗୋଳିକ ସମ୍ବେଦନଶୀଳତା ଉପରେ ଆଲୋକପାତ କରି ଶ୍ରୀ ଉଲାକା କହିଛନ୍ତି ଯେ, ପ୍ରବଳ ବର୍ଷା, ବନ୍ୟା, ଜଳବନ୍ଦୀ ସ୍ଥିତି, ଗଛ ଉପୁଡ଼ିବା ଏବଂ ଭୂସ୍ଖଳନର ଆଶଙ୍କା ଯୋଗୁଁ ସାଧାରଣ ଜୀବନଯାତ୍ରା, ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥା, କୃଷି କାର୍ଯ୍ୟକଳାପ ଏବଂ ଅତ୍ୟାବଶ୍ୟକ ଭିତ୍ତିଭୂମି ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ରିପୋର୍ଟ ଅନୁଯାୟୀ, ପଟ୍ଟାଙ୍ଗୀରେ ୧୮୮ ମିଲିମିଟର ଏବଂ ସେମିଳିଗୁଡ଼ାରେ ୧୪୩.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହା ଫଳରେ ରାସ୍ତାଘାଟ, ପୋଲ, କୃଷି ଜମି ଏବଂ ଦୁର୍ଗମ ଅଞ୍ଚଳରେ ଥିବା ଜନବସତି ଗୁଡ଼ିକର କ୍ଷୟକ୍ଷତିକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି। କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ, ସେମିଳିଗୁଡ଼ା, ନନ୍ଦପୁର, ଲମତାପୁଟ, ନାରାୟଣପାଟଣା, ବନ୍ଧୁଗାଁ ଓ ଲକ୍ଷ୍ମୀପୁର ବ୍ଲକ୍ ଏବଂ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର, କାଶୀପୁର, ବିଷମକଟକ, ମୁନିଗୁଡ଼ା, ଚନ୍ଦ୍ରପୁର, ଗୁଡ଼ାରୀ ଓ ଗୁଣପୁର ବ୍ଲକ୍‌ର ସ୍ଥିତିକୁ ନେଇ ସାଂସଦ ବିଶେଷ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ନିଜ ଦାବିପତ୍ରରେ ଶ୍ରୀ ଉଲାକା ସାତଟି ପ୍ରମୁଖ ଦାବି ଉପସ୍ଥାପନ କରିଛନ୍ତି। ତୁରନ୍ତ କେନ୍ଦ୍ରୀୟ କ୍ଷୟକ୍ଷତି ଆକଳନ: ସରକାରୀ ଭିତ୍ତିଭୂମି, ବାସଗୃହ, କୃଷି ଜମି ଓ ଜୀବିକାର କ୍ଷୟକ୍ଷତିର ବ୍ୟାପକ ଆକଳନ କରିବା ପାଇଁ ରାଜ୍ୟସ୍ତରୀୟ ଆକଳନ ବ୍ୟବସ୍ଥା ସହ ସମନ୍ୱୟ ରକ୍ଷା କରି କୋରାପୁଟ ଓ ରାୟଗଡ଼ା ଜିଲ୍ଲାକୁ ତୁରନ୍ତ ଏକ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ପଠାଇବା ସ୍ୱତନ୍ତ୍ର ଆର୍ଥିକ ସହାୟତା: କ୍ଷତିଗ୍ରସ୍ତ ରାସ୍ତାଘାଟ, ପୋଲ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ବିଦ୍ୟୁତ୍ ସେବା, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକର ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

୯ ୮	୭	ଶ ୬ / ୫ ରା
୧୦ଚମ	୭ / ୪	୪
୧୧ କେ / ୧୨	ଶୁବୁରଲ	୩ / ୨

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
ତା୧।୧୧।୨୦୨୬, କାର୍ତ୍ତିକ ଦ୧୬ନ, ରବିବାର
ସୂର୍ଯ୍ୟୋଦୟ- ଘ ୫।୪୮।୪୬ ଚନ୍ଦ୍ରୋଦୟ- ରାଘ୧୧।୧୮।୩୦
ସପ୍ତମୀ ଦିଘ ୨।୫୩ ପର୍ଯ୍ୟନ୍ତ। ପୁଷ୍ୟା ନକ୍ଷତ୍ର ନିଘ ୪।୩୨ ପର୍ଯ୍ୟନ୍ତ, କର୍କଟ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୨।୫୩ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୩୮ ଗତେ ଦିଘ ୮।୫୪ ମଧ୍ୟେ । ଦିଘ ୧୨।୫୬ ଗତେ ଦିଘ ୨।୫୫ ମଧ୍ୟେ।

ମେଷ: ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ଆଗେଇ ଚାଲିବେ। କୁଭୋଜନ କରି ଉଦର ପୀଡ଼ା ଦେଖାଦେବ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ। ଆର୍ଥିକ ସ୍ଥିତି ଚିନ୍ତାଜନକ ହେବ। ଗୃହେ ଆନନ୍ଦ।

ବୃଷ: କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ଧର୍ମ କାର୍ଯ୍ୟରେ ଲିପ୍ତ ରହିବେ। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଭଲ ରହିବ। ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବାର ସୂଚନା।

ମିଥୁନ: ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ଗୃହେ ଦୁଶ୍ଚିନ୍ତା ଦେଖାଦେବାର ଦେଖାଦେବାର ସୂଚନା। ମହିଳାମାନେ ସ୍ୱାର୍ଥପର ହେବେ। ସତକଥା କହି ନିଜ ଲୋକଙ୍କ ପାଖରେ ବିରୋଧୀ ହେବେ।



କର୍କଟ: ବ୍ୟବସାୟରେ ଲାଭବାନ୍ ହେବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରୋଜଗାର ମଧ୍ୟମ ଧରଣର ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ମହିଳାମାନେ ସୁଖୀ ହେବେ ।

ସିଂହ: ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅନେକ ଦିନର ଆଶା ପୂରଣ ହେବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଶରୀର ସୁସ୍ଥ ରହିବ। ଘରେ ଆନନ୍ଦ ରହିବାର ସୂଚନା।

କନ୍ୟା: ପାରିବାରିକ ଜୀବନ ସୁଖମୟ ହେବ। କଚେରି ମାମଲାରେ ସୁଫଳ ଲାଭ କରିବେ। ସାଧନାରେ ସିଦ୍ଧି ଲାଭ କରିବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଅପରାହ୍ନେ ଶୁଭ ଖବର ପାଇପାରନ୍ତି। ମନ ଭଲ ରହିବ ।

ତୁଳା: ବେପାର ବାଣିଜ୍ୟ କ୍ଷେତ୍ରରେ ପ୍ରଗତି ହେବ। ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯାଇପାରେ। ପିଲାମାନେ ପାଠପଢ଼ାରେ ଆଗେଇବେ। ରୋଜଗାର ଭଲ ହେବ। ଘରେ ଶାନ୍ତି ରହିବ।



ବିଛା: କାମ ନିମନ୍ତେ ଦୂରକୁ ଯାତ୍ରା କରି ସଫଳତା ଅର୍ଜନ କରିବେ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ପରୋପକାରୀ ହେବେ। ଆୟରେ ଅବନତି ଘଟିପାରେ। ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।



ଧନୁ: କାର୍ଯ୍ୟକ୍ଷେତ୍ରରେ ସହକର୍ମୀ ସହ ବିଦ୍ୱେଷ ଭାବ ଦେଖାଦେଇପାରେ। ସାବଧାନ ସହକାରେ ଚଳିବେ। ଦୁର୍ଘଟଣା ଘଟିପାରେ। ଖର୍ଚ୍ଚର ପରିମାଣ ବଢ଼ିବ। ପାରିବାରିକ ଅଶାନ୍ତି ଦେଖାଦେବାର ସୂଚନା। ମନ ଅସ୍ଥିର ରହିବ ।



ମକର: ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ ହେବେ। ପରିଶ୍ରମ ତୁଳନାରେ ପାରିଶ୍ରମିକ ପାଇ ଉପକୃତ ହେବେ। ଆୟର ପରିମାଣ ବଢ଼ିବ। ମହିଳାମାନେ ସୁଖୀ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ପରୋପକାରୀ ହେବେ।

କୁମ୍ଭ: କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ରୋଜଗାରରେ ଉନ୍ନତି ଦେଖାଦେବ। ଗୃହେ ଶାନ୍ତିର ବାତାବରଣ ରହିବ। ଧର୍ମ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ସାମାଜିକ ସ୍ତରରେ ସମାଲୋଚିତ ହେବାର ସୂଚନା ।

ମୀନ: ମାନସିକ ଅଶାନ୍ତି ବଢ଼ିପାରେ। ବ୍ୟବସାୟ ମଧ୍ୟମ ଧରଣର ହେବ। ଖର୍ଚ୍ଚର ପରିମାଣ ବଢ଼ିବ। ଗୃହେ ବିଦ୍ୱେଷ ଭାବ ଦେଖାଦେବ। ପରୋପକାରୀ ହେବେ। ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ। ଦେହ ଭଲ ରହିବ।

ମା' ଶ୍ୟାମା କାଳୀଙ୍କ ମାଟି ଉଠାଣ କାର୍ଯ୍ୟକ୍ରମ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ସହରର ଉପକଣ୍ଠ ଅତାମଳାରେ ମା' ଶ୍ୟାମା କାଳୀଙ୍କ ପୂଜା ପାଇଁ ବହୁ ଧୁମ୍‌ଧାମ୍‌ରେ ମାଟି ଉଠାଣ କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାଯ୍ୟକ୍ରମରେ ପୁରୋହିତ ନିରଞ୍ଜନ ମହାପାତ୍ର, କର୍ତ୍ତା ସୁବାସ ଚନ୍ଦ୍ର ମହାନ୍ତି, ମା' ଶ୍ୟାମାକାଳୀ କମିଟିର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ସନ୍ତୋଷ ନାୟକ, ପ୍ରଶାନ୍ତ କୁମାର ମାଝୀ, ଶୁଭ୍ରଜିତ ମହାନ୍ତି, ଭଗବାନ ଭୋଇ, ରବୀନ୍ଦ୍ର ଭୋଇ, ଲକ୍ଷ୍ମୀଧର ପ୍ରଧାନ, ରାକେଶ ପ୍ରଧାନ, ଆଗତ ପତି, ଦିବ୍ୟଜ୍ୟୋତି ମହାନ୍ତି ଏବଂ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ମା' ଶ୍ୟାମାକାଳୀଙ୍କ ମାଟି ଉଠା କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
ତା୨।୧୧।୨୦୨୬, କାର୍ତ୍ତିକ ଦ୧୭ନ, ସୋମବାର
ସୂର୍ଯ୍ୟୋଦୟ- ଘ ୫।୪୯।୧୫ ଚନ୍ଦ୍ରୋଦୟ- ରାଘ୧୨।୧୯।୪୧
ଅଷ୍ଟମୀ ଦିଘ ୧।୧୩ ପର୍ଯ୍ୟନ୍ତ। ଅଶ୍ଳେଷା ନକ୍ଷତ୍ର ରାଘ ୩।୪୮ ପର୍ଯ୍ୟନ୍ତ, କର୍କଟ ଚନ୍ଦ୍ର ରାଘ ୩।୪୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । ରାଘ ୩।୪୮ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଓ ଆମିଷ ଦିଘ ୧।୧୩ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୩ ଗତେ ଦିଘ ୭।୧୮ ମଧ୍ୟେ । ଦିଘ ୮।୫୪ ଗତେ ଦିଘ ୧୧।୦୯ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

ଭାରତର ଦାରିଦ୍ର୍ୟ ହ୍ରାସ ବିଶ୍ୱ ରେକର୍ଡ

ଦ୍ରୁତ ବେଗରେ ଦାରିଦ୍ର୍ୟ ହ୍ରାସ କରିବାରେ ବିଶ୍ୱ ରେକର୍ଡ କରିଛି ଭାରତ । ୨୦୧୧ରୁ ୨୦୨୩, ଏହି ୧୨ ବର୍ଷରେ ପ୍ରାୟ ୫୦ କୋଟି ଭାରତୀୟ ମୁକ୍ତ ହୋଇଛନ୍ତି ଅତି ଦାରିଦ୍ର୍ୟରୁ । ବିଶ୍ୱ ବ୍ୟାଙ୍କ ପକ୍ଷରୁ ଜାରି 'ପଭର୍ଟି ଆଣ୍ଡ୍ ଇକ୍ୱିଟି ବ୍ରିଫ୍' ଶୀର୍ଷକ ଏକ ନୂଆ ରିପୋର୍ଟରୁ ଏହା ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ୨୦୧୧ରେ ଭାରତର ଅତି ଦାରିଦ୍ର୍ୟ ହାର ଥିଲା ୨୭.୧% । ଏହା ୨୦୨୩ରେ ୨.୬% କୁ ଖସିଆସିଛି । ଅତି ଦାରିଦ୍ର୍ୟ ଅର୍ଥ ନିଜର ମୌଳିକ ଆବଶ୍ୟକତା ପୂରଣ ଲାଗି ଦିନକୁ ୩ ଡଲାରରୁ କମ୍ ଆୟ କିମ୍ବା ଖର୍ଚ୍ଚ କରୁଥିବା ବର୍ଗ । ଆଲୋଚ୍ୟ ଅବଧିରେ ଦେଶର ପ୍ରାୟ ୪୯.୬ କୋଟି ଲୋକ ନିମ୍ନ ମଧ୍ୟମ-ଆୟ ଦାରିଦ୍ର୍ୟ ରେଖା ଉପରକୁ ଆସିଛନ୍ତି। ସମଗ୍ର ବିଶ୍ୱରେ ଭାରତ ଦ୍ରୁତ ବେଗରେ ଦାରିଦ୍ର୍ୟ ଦୂର କରିଥିବା ବିଶ୍ୱ ବ୍ୟାଙ୍କ ପ୍ରକାଶ କରିଛି । ତେବେ ଦାରିଦ୍ର୍ୟ ହ୍ରାସରେ ଉଲ୍ଲେଖନୀୟ ସଫଳତା ସତ୍ତ୍ୱେ ଦେଶର ସର୍ବୋଚ୍ଚ ଆୟକାରୀ ଏବଂ ନିମ୍ନ ଆୟକାରୀଙ୍କ ମଧ୍ୟରେ ପ୍ରଭେଦ ପ୍ରଶସ୍ତ ହୋଇଯାଇଛି । ରିପୋର୍ଟ ମୁତାବକ ଦେଶର ଶୀର୍ଷ ୧୦% ନିମ୍ନ ୧୦%ଙ୍କ ତୁଳନାରେ ୧୩ ଗୁଣାରୁ ଅଧିକ ଆୟ କରୁଛନ୍ତି । ଏହାର କାରଣ ହେଉଛି ଆୟ ମଧ୍ୟରେ ବଡ଼ ପ୍ରଭେଦ, ନିମ୍ନମାନର ନିଯୁକ୍ତି ଏବଂ ଉଚ୍ଚ ଗ୍ରାମୀଣ ଦାରିଦ୍ର୍ୟ ହାର । ରିପୋର୍ଟ ମୁତାବକ, ପ୍ରତିଦିନ ପ୍ରାୟ ୪୦୦ ଟଙ୍କା(୪.୨୦ ଡଲାର)ରୁ କମ୍ ଆୟ କରୁଥିବା ଲୋକଙ୍କ ସଂଖ୍ୟା ବି ଖସିଛି । ଏହା ୨୦୧୧ରେ ୫୭.୭% ଥିବାବେଳେ ୨୦୨୩ରେ ୧୬.୧%କୁ ଖସିଛି । ବିଶ୍ୱ ବ୍ୟାଙ୍କର ଅନୁମାନ ଯେ, ବର୍ଷ ୨୦୨୮ ସୁଦ୍ଧା ଏହା ଖସି ୧୨.୧%କୁ ଆସିଯିବ । ଯଦିଓ ନୂଆ ରୋଜଗାର ଏବଂ ଅର୍ଥବ୍ୟବସ୍ଥାର ବିଭିନ୍ନ ଅଙ୍କ ହିସାବରେ ଏ ଅନୁମାନ ବଦଳିପାରେ । ଦାରିଦ୍ର୍ୟ ହ୍ରାସର ୩ଟି ପ୍ରମୁଖ କାରଣ ରହିଛି । ପ୍ରଥମ ହେଉଛି ଲୋକଙ୍କ କ୍ରୟ ଏବଂ ଖର୍ଚ୍ଚ କ୍ଷମତାରେ ସୁଧାର ଆସିଛି । ଦ୍ୱିତୀୟ ହେଉଛି ୨୦୧୭ରୁ ୨୦୨୩ ମଧ୍ୟରେ ପ୍ରାୟ ୧୩.୪ କୋଟି ନୂଆ ନିଯୁକ୍ତି ଅବସର ସୃଷ୍ଟି ହୋଇଛି । ଏଥିରେ ସବୁଠୁ ଅଧିକ ଫାଇଦା ଗ୍ରାମୀଣ ମହିଳାଙ୍କୁ ମିଳିଛି, ଯେଉଁମାନେ ପ୍ରଥମ କରି କାର୍ଯ୍ୟ କ୍ଷେତ୍ରରେ ଯୋଡ଼ି ହୋଇଛନ୍ତି । ତୃତୀୟ ହେଉଛି ସରକାରଙ୍କ ପକ୍ଷରୁ ମିଳୁଥିବା ମାଗଣା ରାସନ ଏବଂ ସିଧାସଳଖ ବ୍ୟାଙ୍କ ଖାତାକୁ ସବ୍‌ସିଡି ସ୍ଥାନାନ୍ତର ଭଳି ଯୋଜନା ଗରିବ ପରିବାରଙ୍କୁ ସାହାରା ଦେଇଛି । କେବଳ ଆୟ ଏବଂ ଟଙ୍କା ମାମଲା ନୁହେଁ ବରଂ ସାଧାରଣ ଲୋକଙ୍କ ଜୀବନଶୈଳୀରେ ବି ଅନେକ ସୁଧାର ଆସିଛି । ଏବେ ଲୋକଙ୍କ ପାଖରେ ପକ୍କା ଘର, ବିଜୁଳି, ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ ଏବଂ ରନ୍ଧନ ଗ୍ୟାସ ଭଳି ମୌଳିକ ସୁବିଧା ପହଞ୍ଚିପାରିଛି । ଅକ୍ସଫୋର୍ଡର ଏକ ରିପୋର୍ଟ ମୁତାବକ, ବର୍ଷ ୨୦୦୫-୦୬ରେ ଦେଶର ଅଧାରୁ ଅଧିକ ଜନସଂଖ୍ୟା ବା ୫୩.୮% ଏହି ମୌଳିକ ସୁବିଧାରୁ ବଞ୍ଚିତ ଥିଲେ, ଯାହା ୨୦୧୯-୨୧ ସୁଦ୍ଧା ଖସି ମାତ୍ର ୧୬.୪% ହୋଇଛି ।

ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ନବାକୁ ହେଲେ ଦବାକୁ ପଡିଥାଏ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୁରୁ ଶିଷ୍ୟ ପରମ୍ପରାରେ ଭକ୍ତ ଭଗବାନ ପରମ୍ପରାରେ କିଛି ନେଲେ ଦେବାକୁ ପଡିଥାଏ। ଏହାର ଅର୍ଥ କଣ ? ଏହାର ଅର୍ଥ ହେଉଛି ଶ୍ରୀଗୁରୁଙ୍କ ପାଖକୁ ଯଦି ଶିଷ୍ୟ ଯାଏ ସେ କଣ ଦେବ ଏବଂ କଣ ନେବ। ଏହା ହେଉଛି ପ୍ରଥମ ସୋପାନ। ଶିଷ୍ୟ ଦିଏ ଶ୍ରୀଗୁରୁଙ୍କୁ କାୟ, ମନ, ବାକ୍ୟ ଶ୍ରୀଗୁରୁ ଶିଷ୍ୟଙ୍କୁ ପ୍ରଦାନ କରନ୍ତି ବ୍ରହ୍ମ, ମନ୍ତ୍ର ବା ଜିବ କିପରି ଶିବ ଯୁକ୍ତ ହୋଇ ସଂସାରରେ ସମାଜରେ ହିତ କାର୍ଯ୍ୟ କରିବ ସେଥିପ୍ରତି ସତର୍କତା ରହି କର୍ମ କରିବା ପାଇଁ ଶ୍ରୀ ଗୁରୁ ନିର୍ଦ୍ଦେଶ ଦେଇଥାନ୍ତି। ଅନ୍ୟଥା ସବୁ ବୃଥା ଶରୀର, ମନ, ବାକ୍ୟ ଶ୍ରୀଗୁରୁଙ୍କୁ ଦେଇସାରିଲା ପରେ ଆଉ ତା ପାଖରେ କଣ ଅଛି। ଯେ ସେ ଦେବ ତେଣୁ ହେ ଭକ୍ତ ହେ ଶିଷ୍ୟ, ଜନ୍ମ ମୃତ୍ୟୁ ବନ୍ଧନରୁ ଶ୍ରୀଗୁରୁ ହିଁ ଶିଷ୍ୟକୁ ମୁକ୍ତିର ମାର୍ଗ ପରିଦର୍ଶନ କରାଇଥାନ୍ତି। ଭଲ ମଣିଷ ହେବାପାଇଁ ଶିଷ୍ୟକୁ ପରାମର୍ଶ ଦେଇଥାନ୍ତି। ବଡଲୋକ ହେବାପାଇଁ ନୁହେଁ ଧନ ରୋଜଗାର ପାଇଁ ନୁହେଁ। ଅର୍ଥର ଲାଳସା ଥିବା ପର୍ଯ୍ୟନ୍ତ ପରମାର୍ଥ ପଥ ଦୃଶ୍ୟ ହୁଏ ନାହିଁ।ଏହା ସମ୍ଭବ ନୁହେଁ। ଏହାହିଁ ମାୟାର ପଥ। ଏହି ପଥରୁ ଯେତେ ଦୂରରେ ରହିବ ସେତ ଭଲ ତେଣୁ ଗୁରୁ ଶିଷ୍ୟ ଅଭିନ୍ନ ଅକାଟ୍ୟ ଏକାତ୍ମା ଗୁରୁ ଦେହରେ ଶିଷ୍ୟ ଶିଷ୍ୟ ଭିତରେ ହିଁ ଶ୍ରୀଗୁରୁ ସଦାସର୍ବଦା ବିରାଜମାନ କରିଥାଆନ୍ତି। ଏହା ଏକ ସଂସାରରେ ଦୁର୍ଲଭ। ତେଣୁ ହେ ଭକ୍ତ ହେ ଶିଷ୍ୟ ଏକାକାର ମୁହଁରେ କହିଦେଲେ ହେବନାହିଁ। ଉଚ୍ଚାରଣ ଭାରି ସହଜ। କିନ୍ତୁ ଆଚରଣରେ ଗଢିତୋଳିବା ଆତ୍ମତତ୍ତ୍ୱକୁ ଉପଲବ୍ଧି କରି ସରଳ ଜୀବନ ଯାପନ କରି ଭକ୍ତି ମୁକ୍ତିର ମାର୍ଗକୁ ସୁଦୃଢ଼ କରିପାରିଲେ ସେହିଁ ହେବ ତୁମ ପାଇଁ ଗୁରୁଦକ୍ଷିଣା ଏଇ ଦକ୍ଷିଣାହିଁ ଗୁରୁ ତୁମଠାରୁ ନେଇଥାଆନ୍ତି ଏଇ ହିଁ ଦୀକ୍ଷାର ଦକ୍ଷିଣା। ଏହି ଦକ୍ଷିଣା ନେଇ ଶ୍ରୀଗୁରୁ ଏଇ ସାରା ଜଗତକୁ ତୁମକୁ ଦେଇଥାଆନ୍ତି। ଜଗତକୁ ଚିହ୍ନାଇ ଦେଇଥାଆନ୍ତି। ଜଗତରେ ଜଗତନାଥଙ୍କୁ କିପରି ଭେଟିବ ସେଇ ମାର୍ଗକୁ ବତାଇ ଦେଇଥାଆନ୍ତି। ଏହାହିଁ ଗୁରୁ ଶିଷ୍ୟ ପରମ୍ପରାର ଦେବା ନେବା ସମ୍ପର୍କ। ତେଣୁ ସମସ୍ତଙ୍କୁ କୁହେ ଦେଖେଇ ହୁଅନାହିଁ। କିଛି ସମାଜକୁ ଦେଖାଅ, ନିଜର ଆତ୍ମସ୍ମୃତି ଅନୁଭବ, ଶ୍ରଦ୍ଧା, ବିଶ୍ୱାସ, ଶାନ୍ତିର ପଥରେ ନିଜେ ଯାଇ ଅନ୍ୟକୁ ଦେଖାଇଦିଅ, ବତାଇଦିଅ ତାହାଲେ ତୁମର ବିକାସ ସହିତ ଅନ୍ୟମାନଙ୍କର ମଧ୍ୟ ବିକାଶ ହୋଇ ଆତ୍ମାର ଉପଲବ୍ଧି ହୋଇପାରିବ। ତେଣୁ ହେ ଭକ୍ତ, ହେ ଶିଷ୍ୟ, ହେ ପୁତ୍ର ନିଜର ହିତ ପାଇଁ ତୁମେ ଯେତିକି ବ୍ୟସ୍ତ ହେଉଛ ଅନ୍ୟର ହିତକାମନା ପାଇଁ ସେତିକି ଯତ୍ନବାନ ହେଲେ ଯାଇଁ ତୁମର ହିତ ସାଧନ ହୋଇପାରିବ, ଅନ୍ୟଥା ବୃଥା। ତେଣୁ ଏହାହିଁ ଦେବା ନେବାର ରହସ୍ୟ ଗୁରୁ ଶିଷ୍ୟ ପରମ୍ପରାରେ। ହରି ଓଁ।

ପ୍ରେସ ସଙ୍କୋଚନ କ୍ଷେତ୍ରରେ ଆଉ ପାଦେ

ବିଭୂତି ଭୂଷଣ କର
ମୋ. ୯୪୩୭୦୦୬୩୬୩

ଦିନକୁ ଦିନ ଭାରତରେ ଗଣମାଧ୍ୟମର ସ୍ୱାଧୀନତାକୁ ନେଇ କେବଳ ଦେଶ ଭିତରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଚିନ୍ତା ପ୍ରକଟ କରାଯାଉଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ପ୍ରେସ୍ ସମ୍ପର୍କିତ ଏକ ଆଇନ ଏହି ଚିନ୍ତାକୁ ବହୁଗୁଣିତ କରିଛି । ପ୍ରଚଳିତ ହେବାକୁ ଥିବା ଏହି ଆଇନ ବଳରେ ସରକାର ଅନୁସନ୍ଧାନମୂଳକ ସାମ୍ବାଦିକତା ଉପରେ ରୋକ୍ ଲଗାଇବାକୁ ଚାହୁଁଛନ୍ତି ବୋଲି ଅଭିଯୋଗ ହୋଇଛି । ସବୁଠାରୁ ରୋଚକ ବିଷୟ ହେଉଛି, ସରକାରଙ୍କ ସହ ନିବିଡ଼ତା ନେଇ ଅଭିଯୋଗ ହୋଇଆସୁଥିବା ଅମ୍ବାନୀ ଓ ଆଦାନୀଙ୍କ ମିଡିଆ ସଂସ୍ଥା। ଏବେ ସରକାରଙ୍କ ବିରୋଧରେ ଏହି ଆଇନକୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଅମ୍ବାନୀ, ଆଦାନୀଙ୍କ ସମେତ ଦେଶର ୨୧ଟି ମିଡିଆ ହାଉସକୁ ନେଇ ଗଠିତ ଡିଜିଟାଲ୍ ନ୍ୟୁଜ୍ ପବ୍ଲିସର୍ସ ଅସୋସିଏସନ୍ (ଡଏନ୍‌ପିଏ) ସରକାରଙ୍କ ଏହି ଆଇନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛି ।

ଆସନ୍ତୁ ଜାଣିବା ସରକାରଙ୍କ ତଥ୍ୟ ସୁରକ୍ଷା ଆଇନରେ ଏପରି କ'ଣ ରହିଛି, ଯାହାକୁ ଦେଶର ପ୍ରମୁଖ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ୬୯୮ ପୃଷ୍ଠାର ଏକ ଆବେଦନ ଦାଖଲ କରି ଚ୍ୟାଲେଞ୍ଜ କରିଛନ୍ତି। କାହିଁକି ସେମାନେ କହିଛନ୍ତି ଯେ ଏହି ଆଇନ ଦେଶର ଅନୁସନ୍ଧାନମୂଳକ ସାମ୍ବାଦିକତାର କଣ୍ଠରୋଧ କରିବ? ଏହା ଗଣମାଧ୍ୟମକୁ ଏକ ଏପରି ଯନ୍ତ୍ରରେ ପରିଣତ କରିଦେବ, ଯାହା ପାଖରେ କୌଣସି କ୍ଷମତା ରହିବ ନାହିଁ ଏବଂ କୌଣସି ବଡ଼ ଦୁର୍ନୀତି କିମ୍ବା ଘୋଟାଲା ଲୋକଲୋଚନକୁ ଆସିପାରିବ ନାହିଁ ।

ଏହି ସମ୍ପୂର୍ଣ୍ଣ ମାମଲାର ଆରମ୍ଭ ହୋଇଛି ସରକାରଙ୍କ ନୂଆ ତଥ୍ୟ ଗୋପନୀୟତା ଆଇନରୁ। ଇଂରାଜୀରେ ଏହାର ନାମ ହେଉଛି ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆକ୍ଟ। ସରକାର ଗତବର୍ଷ ଏହି ଆଇନର ଘୋଷଣା କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା, ଡିଜିଟାଲ୍ ଉପଭୋକ୍ତାଙ୍କ ତଥ୍ୟକୁ ସୁରକ୍ଷା ଦେବା ଏବଂ ବଡ଼ ବଡ଼ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଉପରେ ନିୟନ୍ତ୍ରଣ ଲଗାଇବା । ମାତ୍ର ଅକ୍ଟୋବର ୬ ତାରିଖରେ ଡିଜିଟାଲ୍ ନ୍ୟୁଜ୍ ପବ୍ଲିସର୍ସ ଆସୋସିଏସନ୍ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଥିଲା । ଡିଏନପିଏ କୌଣସି ଛୋଟ ସଂଗଠନ ନୁହେଁ। ଏଥିରେ ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ନେଟୱର୍କ ୧୮, ଗୌତମ ଆଦାନୀଙ୍କ ଏନ୍‌ଡିଟିଭି, 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍' ଏବଂ ଟାଇମ୍ସ ଗ୍ରୁପ୍ ଭଳି ପ୍ରମୁଖ ଗଣମାଧ୍ୟମ ସଂସ୍ଥା ସାମିଲ ଅଛନ୍ତି ।

ଏହି ଆବେଦନ ମାଧ୍ୟମରେ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ମୁଖ୍ୟଅଭିଯୋଗ ହେଉଛି କି, ଏହି ଆଇନରେ ସାମ୍ବାଦିକତାକୁ କୌଣସି ସ୍ୱତନ୍ତ୍ର ଆଇନଗତ ଛାଡ଼ ଦିଆଯାଇ ନାହିଁ । ଅନ୍ୟପକ୍ଷରେ, ୟୁରୋପୀୟ ସଂଘ, ବ୍ରିଟେନ୍, ସିଙ୍ଗାପୁର ଆଦି ଦେଶରେ ପ୍ରଚଳିତ ସମତୁଲ ଆଇନରେ ସାମ୍ବାଦିକତା କ୍ଷେତ୍ର ପାଇଁ ସ୍ପଷ୍ଟ ଆଇନଗତ ଛାଡ଼ ବ୍ୟବସ୍ଥା ରହିଛି। ଅନ୍ତର୍ଜାତୀୟ ସମ୍ବାଦ ସଂସ୍ଥା ରଏଟର୍ସର ରିପୋର୍ଟ ଅନୁସାରେ, ଅଗଷ୍ଟ ମାସରେ ଗଣମାଧ୍ୟମ କମ୍ପାନୀଗୁଡ଼ିକ ସରକାରଙ୍କ ସହ ଏକ ବୈଠକ କରିଥିଲେ। ସେହି ବୈଠକରେ ସରକାର ମୌଖିକ ଭାବେ ଆଶ୍ୱାସନା ଦେଇଥିଲେ ଯେ ନୂଆ ଅଇନ ପ୍ରେସ ସ୍ୱାଧୀନତାକୁ ଧ୍ୟାନରେ ରଖିବ। କିନ୍ତୁ ପ୍ରସ୍ତାବିତ ଆଇନର ବ୍ୟବସ୍ଥାଗୁଡ଼ିକ ସାମ୍ନାକୁ ଆସିବା ପରେ ଜଣାପଡ଼ିଲା ଯେ, ସାମ୍ବାଦିକତା କ୍ଷେତ୍ରରେ କୌଣସି ଲିଖିତ ଛାଡ଼ ଦିଆଯାଇନାହିଁ। ଏହାପରେ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ନ୍ୟାୟ ପାଇଁ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି ।

ଏଠାରେ ଧ୍ୟାନ ଦେବାର କଥା ହେଉଛି, ଏହି ନୂଆ ନିୟମ ୨୦୨୭ ମେ' ମାସରୁ କାର୍ଯ୍ୟକାରୀ ହେବ । ନୂଆ ନିୟମ ଅନୁଯାୟୀ, କୌଣସି ବ୍ୟକ୍ତିଙ୍କ ତଥ୍ୟ ବ୍ୟବହାର କରିବା ପୂର୍ବରୁ ତାଙ୍କ ସମ୍ମତି ନେବା ଆବଶ୍ୟକ ହେବ। ଏଠାରେ ତଥ୍ୟ କହିଲେ ଫୋନ୍ ରେକର୍ଡ, ଆର୍ଥିକ କାରବାର ସମ୍ପର୍କିତ ବିବରଣୀ କିମ୍ବା ବ୍ୟକ୍ତିଗତ ସୂଚନାକୁ ବୁଝାଉଛି। ଆସନ୍ତୁ ଜାଣିବା ଏହାକୁ ନେଇ ଆପତ୍ତି ରହୁଛି କେଉଁଠି ? ଧରିନିଅନ୍ତୁ, ଜଣେ ଅନୁସନ୍ଧିତ୍ସୁ ସାମ୍ବାଦିକ କୌଣସି ବଡ଼ ନେତା କିମ୍ବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୁର୍ନୀତିର ଉତ୍ସ ଖୋଜୁଛନ୍ତି, ତେବେ ନୂଆ ଅଇନ ଅନୁଯାୟୀ, ସେହି ଅଧିକାରୀଙ୍କ ବ୍ୟକ୍ତିଗତ ତଥ୍ୟ ବ୍ୟବହାର କରିବା ପୂର୍ବରୁ ସାମ୍ବାଦିକଙ୍କୁ ତାଙ୍କୁ ଏ ସମ୍ପର୍କରେ ଜଣାଇବାକୁ ପଡ଼ିବ ଏବଂ ତାଙ୍କ ସମ୍ମତି ମଧ୍ୟ ନେବାକୁ ପଡ଼ିବ।

ଡିଏନପିଏ ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇଛି ଯେ, ଯଦି କୌଣସି ଦୁର୍ନୀତିଗ୍ରସ୍ତ ନେତାଙ୍କୁ ତଦନ୍ତ ଆରମ୍ଭରୁ ହିଁ ତାଙ୍କ ବିରୁଦ୍ଧରେ ଅନୁସନ୍ଧାନ ହେବା ନେଇ ଜଣାଇ ଦିଆଯାଏ, ତେବେ ସେ ସହଜରେ ସମସ୍ତ ପ୍ରମାଣ ନଷ୍ଟ କରିଦେଇପାରିବେ, ସାକ୍ଷୀ ମାନଙ୍କୁ ଧମକ ଦେଇପାରିବେ ଏବଂ ଖବର ପ୍ରକାଶ ପାଇବା ପୂର୍ବରୁ ହିଁ ତାହାକୁ ଅଟକାଇ ଦେଇପାରିବେ । ଆବେଦନରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଏହି ବ୍ୟବସ୍ଥା ଅନୁସନ୍ଧାନମୂଳକ ସାମ୍ବାଦିକତାର କଣ୍ଠରୋଧ କରିବା ସହ ଘଟଣାଗୁଡ଼ିକୁ ଏକ ନିଷ୍କ୍ରିୟ ରେକର୍ଡରରେ ପରିଣତ କରିଦେବ, ଯାହାର କୌଣସି ପ୍ରଭାବଶାଳୀ ଭୂମିକା ରହିବ ନାହିଁ । ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଏହାକୁ ପରୋକ୍ଷରେ ପୂର୍ବରୁ ଲାଗୁ କରାଯାଇଥିବା ସେନ୍ସରସିପ୍ ବୋଲି ଅଭିହିତ କରିଛନ୍ତି । ଏହା ଯେକୌଣସି ସୁସ୍ଥ ଗଣତନ୍ତ୍ର ପାଇଁ ବିପଦଜନକ । ଅଧିକନ୍ତୁ ବିପଦ କେବଳ ଖବର ପ୍ରକାଶ କରିବା ପୂର୍ବରୁ ନୁହେଁ, ଖବର ପ୍ରକାଶ ପାଇବା ପରେ ମଧ୍ୟ ରହିଛି । ପ୍ରସ୍ତାବିତ ଆଇନର ଅନ୍ୟ ଏକ ବ୍ୟବସ୍ଥା କ୍ରମେ ତଥ୍ୟ ହଟାଇବାର ଅଧିକାର ମଧ୍ୟ ଅନ୍ତର୍ଭୁକ୍ତ। ଗୁପ୍ତ ତଦନ୍ତର ସମ୍ମୁଖୀନ ହୋଇଥିବା କୌଣସି ବ୍ୟକ୍ତି ଯେକୌଣସି ସମୟରେ ନିଜର ପୂର୍ବ ସମ୍ମତି ପ୍ରତ୍ୟାହାର କରିପାରିବେ ଏବଂ ଇଣ୍ଟରନେଟ କିମ୍ବା କୌଣସି ପ୍ଲାଟଫର୍ମରୁ ନିଜର ତଥ୍ୟ ହଟାଇବାକୁ ଦାବି କରିପାରିବେ । ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ଓ ଦୁର୍ନୀତିଗ୍ରସ୍ତଙ୍କ ମୁଖା ଖୋଲିବା ପ୍ରେସର ମୌଳିକ କର୍ତ୍ତବ୍ୟ।

ଗଣମାଧ୍ୟମ ସଂସ୍ଥାଗୁଡ଼ିକ କହିଛନ୍ତି ଯେ, ଏହି ଆଇନରେ ଜନସ୍ୱାର୍ଥକୁ ବଳି ଦିଅଯାଇଛି ଓ ଦୁର୍ନୀତିକୁ ଘଣ୍ଟଘୋଡାଇବା ପାଇଁ ଉଦ୍ୟମ କରାଯାଉଛି। ଏହାର ଅର୍ଥ ହେଉଛି, ଯଦି କୌଣସି ନେତା କିମ୍ବା ଅପରାଧୀଙ୍କ ବିରୋଧରେ ସତ୍ୟ ଓ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଉଛି, ତେବେ ସେ ଏହି ଆଇନର ଆଶ୍ରୟ ନେଇ ସମ୍ପୃକ୍ତ ପ୍ରକାଶକଙ୍କୁ ସେହି ଖବର ହଟାଇବାକୁ କିମ୍ବା ତାହାର ବହୁ ଅଂଶ ବାଦ୍ ଦେବାକୁ ବାଧ କରିପାରନ୍ତି। ଏହାଠାରୁ ମଧ୍ୟ ଅଧିକ ଆପତ୍ତିଜନକ ହେଉଛି, ସୂଚନା ସୂତ୍ରକୁ ନେଇ ରହିଥିବା ପ୍ରାବଧାନ। ସାମ୍ବାଦିକତାର ମୌଳିକ ନୀତି ହେଉଛି, ଜଣେ ସାମ୍ବାଦିକ ନିଜର ସମ୍ବାଦ ସୂତ୍ରର ନାମକୁ ଗୁପ୍ତ ରଖିଥାନ୍ତି। କିନ୍ତୁ ନୂଆ ଆଇନ ଅନୁଯାୟୀ, ସରକାର ତଥ୍ୟ ପରିଚାଳନା କରୁଥିବା ଯେକୌଣସି ସଂସ୍ଥାଠାରୁ ନିଜ ଇଚ୍ଛା ଅନୁଯାୟୀ ସୂଚନା ମାଗିପାରିବେ । ଏଥିପାଇଁ ଏକ ନିୟାମକ ସଂସ୍ଥା ଗଠନ କରାଯିବ, ଯାହା ନିୟମ ଉଲଂଘନ କଲେ ଅଧିକ ଜରିମାନା ଲଗାଇପାରିବେ। ଏହାସହିତ ସରକାରଙ୍କୁ କୌଣସି ସୂଚନାକୁ ବ୍ଲକ୍ କରିବାର କ୍ଷମତା ମଧ୍ୟ ମିଳିପାରିବ । ଡିଏନପିଏର ଯୁକ୍ତି ହେଉଛି, ଏହି ନୂଆ ଆଇନ ସାମ୍ବାଦିକମାନଙ୍କ ସୂତ୍ରଗୁଡ଼ିକୁ ବିପଦରେ ପକାଇବ।

ଯଦି ସରକାର କୌଣସି ଖବରର ସୂତ୍ର ମାଗନ୍ତି, ତେବେ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ସେହି ସୂଚନା ଦେବାକୁ ପଡ଼ିପାରେ। ଏହା ଫଳରେ ଦୁର୍ନୀତି ଓ ଅନିୟମିତତା ସମ୍ପର୍କରେ ଭିତିରି ତଥ୍ୟ ଦେଉଥିବା ଏଜେନ୍ସି/ ଅଧିକାରୀମାନେ ଭୟଭୀତ ହୋଇଯିବେ । ଯେଉଁମାନେ କି, ନିଜର ବୃତ୍ତି ଓ ଜୀବନକୁ ବାଜି ଲଗାଇ କର୍ପୋରେଟ୍ ଘୋଟାଲା, ନିର୍ବାଚନୀ ଅନିୟମିତତା ଓ ଦୁର୍ନୀତିର ପ୍ରମାଣ ସାମ୍ବାଦିକମାନଙ୍କୁ ଯୋଗାଇଥାନ୍ତି । ଡିଏନପିଏ ସରକାରଙ୍କ ଏହି କ୍ଷମତାକୁ ସମ୍ପୂର୍ଣ୍ଣ ଦିଗହୀନ ବୋଲି ବର୍ଣ୍ଣନା କରି ଏହାକୁ ରଦ୍ଦ କରିବାକୁ ଦାବି କରିଛି। ସଂଗଠନର ଅଭିଯୋଗ ହେଉଛି, ସରକାର ନିଜକୁ ଏହି ଆଇନରୁ ଛାଡ଼ ଦେଇଛନ୍ତି, କିନ୍ତୁ ଗଣମାଧ୍ୟମର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ରଖୁନାହାନ୍ତି। ଭାରତରେ ପ୍ରେସ ସ୍ୱାଧୀନତାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ସମାଲୋଚନା ହେଉଥିବା ସମୟରେ ଏହି ମାମଲା ସାମ୍ନାକୁ ଆସିଛି । ସମାଲୋଚକ ଓ ବିରୋଧୀ ଦଳଗୁଡ଼ିକ କ୍ରମାଗତ ଭାବେ ଅଭିଯୋଗ କରିଆସୁଛନ୍ତି ଯେ ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ସରକାର କ୍ଷମତାକୁ ଆସିବା ପରଠାରୁ ଭାରତରେ ପ୍ରେସ ସ୍ୱାଧୀନତା ହ୍ରାସ ପାଇଛି।

'ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ' ପକ୍ଷରୁ ପ୍ରକାଶିତ ଚଳିତ ବର୍ଷର ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୮୦ଟି ଦେଶ ମଧ୍ୟରୁ ୧୫୭ତମ ପାବଛକୁ ଖସିଆସିଛି। ଯେତେବେଳେ କି ୨୦୧୪ରେ ଭାରତର ସ୍ଥାନ ୧୪୦ ଥିଲା । ତେବେ ସରକାର ଏହି ସୂଚକାଙ୍କକୁ ଲଗାତାର ଖାରଜ କରିଆସିଛନ୍ତି। ସରକାରଙ୍କ ମତ ହେଉଛି, ଭାରତକୁ ନିଜର ପ୍ରେସ ସ୍ୱାଧୀନତା ପାଇଁ କୌଣସି ବିଦେଶୀ ସଂସ୍ଥାଠାରୁ ପ୍ରମାଣପତ୍ର ନେବାର ଆବଶ୍ୟକତା ନାହିଁ । ଏହି ଖବରର ଆଉ ଏକ ରୋଚକ ଦିଗ ମଧ୍ୟ ରହିଛି। ବିରୋଧୀ ଦଳଗୁଡ଼ିକ ଲଗାତାର ଅଭିଯୋଗ କରିଆସୁଛନ୍ତି ଯେ ସରକାରଙ୍କ ପ୍ରତ୍ୟେକ ନୀତି ଓ ଆଇନ ଶିଳ୍ପପତି ଗୌତମ ଆଦାନୀ ଓ ମୁକେଶ ଅମ୍ବାନୀଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଅଣାଯାଉଛି । କିନ୍ତୁ ଏବେ ଏହି ପ୍ରସ୍ତାବିତ ଆଇନକୁ ଅମ୍ବାନୀ ଓ ଆଦାନୀଙ୍କ ମାଲିକାନାରେ ଥିବା ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟ ଚ୍ୟାଲେଞ୍ଜ କରିଛନ୍ତି ।

ମୋଟ ଉପରେ, ୨୧ଟି ଗଣମାଧ୍ୟମ ସଂସ୍ଥା ମିଳିତ ଭାବେ ୬୯୮ ପୃଷ୍ଠାର ଏକ ଆବେଦନ ଦାଖଲ କରିଛନ୍ତି । ଏବେ ସମସ୍ତଙ୍କ ନଜର ସୁପ୍ରିମକୋର୍ଟ ଉପରେ। ସରକାର ଖୁବ୍‌ଶୀଘ୍ର ଏହି ମାମଲାରେ ନିଜର ଜବାବୀ ସତ୍ୟପାଠ ଦାଖଲ କରିବେ । ଏହି ମାମଲାରେ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ନିଶ୍ଚିତ ଭାବେ ଆକର୍ଷଣୀୟ ହେବ । ତା ସହିତ ଜନସ୍ୱାର୍ଥ ବିରୋଧୀ ଭାବେ ଅଭିହିତ ଏହି ଆଇନ ସମ୍ପର୍କରେ ଉଚ୍ଚତମ ନ୍ୟାୟାଳୟର ବିଚାର ଓ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିବ।

ଗ୍ରାମ୍ୟରାସ୍ତାର ଅବସ୍ଥା ଓ ଏହାର ଦାୟିତ୍ୱ

ଇଂ ସତ୍ୟନାରାୟଣ ମାଝୀ
ଏକତାଳୀ, ଯଶିପୁର,
ମୟୂରଭଞ୍ଜ
ମୋ-୯୪୩୮୫୩୭୦୧୩

ଗ୍ରାମାଞ୍ଚଳର ବିକାଶ ଧାରାରେ ରାସ୍ତାଘାଟ ହେଉଛି ମେରୁଦଣ୍ଡ ସଦୃଶ। ଗାଁରୁ ସହରକୁ ସଂଯୋଗ କରୁଥିବା ଏହି ରାସ୍ତାଗୁଡ଼ିକ କେବଳ ଯାତାୟାତର ମାଧ୍ୟମ ନୁହେଁ, ଏହା ହେଉଛି ଗ୍ରାମୀଣ ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ଉନ୍ନତିର ପ୍ରମୁଖ ପଥ। କୁହାଯାଏ ଯେ ରାସ୍ତା ହେଉଛି ଯେକୌଣସି ଅଞ୍ଚଳର ଧମନୀ। କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଲକ୍ଷ୍ୟ କଲେ ଜଣାପଡେ ଯେ, ଗ୍ରାମ୍ୟ ରାସ୍ତାଗୁଡ଼ିକର ଅବସ୍ଥା ଦିନକୁ ଦିନ ଅତ୍ୟନ୍ତ ଶୋଚନୀୟ ହେବାରେ ଲାଗିଛି। ବର୍ତ୍ତମାନର ସମୟରେ ଆମ ଗ୍ରାମାଞ୍ଚଳର ରାସ୍ତାଘାଟର ଅବସ୍ଥାକୁ ଅନୁଧ୍ୟାନ କଲେ ଗଭୀର ଚିନ୍ତା ପ୍ରକାଶ କରିବାକୁ ପଡ଼େ। ଗାଁର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ, ଆମ ନିଜର ଅବହେଳା ଯୋଗୁଁ ଗ୍ରାମ୍ୟ ରାସ୍ତାଗୁଡ଼ିକ ଦିନକୁ ଦିନ ନଷ୍ଟ ହୋଇଯାଉଛି। ଆଜିକାଲି ଗାଁ ଦାଣ୍ଡ ଦେଇ ଯାଇଥିବା ରାସ୍ତାଗୁଡ଼ିକ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ଗଳି କିମ୍ବା ମୁଖ୍ୟ ରାସ୍ତା ଆଜି ବିଭିନ୍ନ କାରଣରୁ ନିଜର ପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଉପଯୋଗିତା ହରାଇବାକୁ ବସିଲାଣି।

ଗାଁ ଦାଣ୍ଡ ଓ ରାସ୍ତାର ବର୍ତ୍ତମାନର ଶୋଚନୀୟ ଚିତ୍ର କେବଳ ଆମ ଜନସାଧାରଣଙ୍କ ଲାଗି। ଆଜିକାଲି ଗାଁ ଦାଣ୍ଡ ଦେଇ ଯାଇଥିବା ରାସ୍ତାଗୁଡ଼ିକ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଛି। ବିକାଶର ପରିଭାଷା ବଦଳୁଥିଲେ ମଧ୍ୟ ଆମର ମାନସିକତା ଏପର୍ଯ୍ୟନ୍ତ ବଦଳି ପାରିନାହିଁ। ରାସ୍ତାର ବିକାଶ ପାଇଁ କେବଳ ସରକାରୀ ଯୋଜନା ଉପରେ ନିର୍ଭର କଲେ ଚଳିବ ନାହିଁ, ବରଂ ନିଜର ଆଚରଣରେ ପରିବର୍ତ୍ତନ ଆଣିବା ଜରୁରୀ।

ଗାଁ ରାସ୍ତାରେ କିମ୍ବା ତା' କଡ଼ରେ ଘରର ଅଳିଆ-ଆବର୍ଜନା ଏବଂ ପଲିଥିନ ବ୍ୟାଗ୍ ଫିଙ୍ଗିବା ଏକ ସାଧାରଣ କଥା ହୋଇଗଲାଣି। ଏବେ ତ ଜଙ୍ଗଲ ଦେଇ ଯାଉଥିବା ରାସ୍ତାକୁ ବି ଛାଡୁନାହାଁନ୍ତି। କାରଣ ଲୋକଙ୍କର ଖଣ୍ଡେ ଆବର୍ଜନା କୁଣ୍ଡ କରିବା ଲାଗି ଜାଗା ନାହିଁ। ଏହାଦ୍ୱାରା ପରିବେଶ ନଷ୍ଟ ହେବା ସହିତ ଦୁର୍ଗନ୍ଧ ସୃଷ୍ଟି ହେଉଛି। ନିଜ ସ୍ୱାର୍ଥ ଲାଗି ଲୋକମାନେ ରାସ୍ତକଡ଼ର ଜଳ ନିଷ୍କାସନ ବା ଡ୍ରେନ୍‌ଗୁଡ଼ିକୁ ମାଟି କିମ୍ବା ପଥର ପକାଇ ବନ୍ଦ କରିଦେଉଛନ୍ତି। ରାସ୍ତାକୁ ଲଗାଇ ଘର କରି ପକାଇଲେଣି। ଫଳରେ ବର୍ଷାଜଳ ରାସ୍ତା ଉପରେ ଜମିରହି ରାସ୍ତାକୁ ନଷ୍ଟ କରୁଛି। ରାସ୍ତା ଉପରେ ବର୍ଷ ବର୍ଷ ଧରି ନିଜର ନିର୍ମାଣ ସାମଗ୍ରୀ ଇଟା, ବାଲି, ପଥର ଏବଂ ଯାନବାହନ ରଖିବା ଦ୍ୱାରା ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି ଏବଂ ଦୁର୍ଘଟଣା ଘଟୁଛି। ଆମେ ସମସ୍ତେ ରାସ୍ତାକଡରେ ବଡ଼ ବଡ଼ ଘର କରିବାକୁ ଚାହୁଁଛୁ, କିନ୍ତୁ ରାସ୍ତା ପାଇଁ ଟିକେ ବି ଜାଗା ଛାଡ଼ିବାକୁ ପ୍ରସ୍ତୁତ ନୋହୁଁ। ଭବିଷ୍ୟତରେ ରାସ୍ତା ଚଉଡା ହେବାର ସୁଯୋଗ ରହୁନାହିଁ।

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଯୁଗପୁରୁଷ ଅଟଳ ବିହାରୀ ବାଜପେୟୀ ଗ୍ରାମାଞ୍ଚଳର ବିକାଶ ପାଇଁ ଯେଉଁ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ପୋଷଣ କରିଥିଲେ, ତାହା ଅତୁଳନୀୟ। ସେ ଭଲ ଭାବରେ ଜାଣିଥିଲେ ଯେ, ' ଯଦି ଗାଁର ବିକାଶ ହେବ, ତେବେ ଦେଶର ବିକାଶ ସମ୍ଭବ।' ତାଙ୍କରି କାର୍ଯ୍ୟକାଳ ମଧ୍ୟରେ ପ୍ରବର୍ତ୍ତିତ 'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା' ଦ୍ୱାରା ଦେଶର ଅଗଣିତ ଅବହେଳିତ ଗାଁଗୁଡ଼ିକୁ ପକ୍କା ରାସ୍ତା ଦ୍ୱାରା ସହର ସହିତ ସଂଯୋଗ କରାଯାଇପାରିଥିଲା। ବାଜପେୟୀଜୀଙ୍କ ସେହି ଦୂରଦର୍ଶୀ ପଦକ୍ଷେପ ଆଜି ଗ୍ରାମାଞ୍ଚଳର ଯାତାୟାତ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଏକ ବିପ୍ଳବ ଆଣିପାରିଛି। କିନ୍ତୁ ଆଜି ଆମେ ସେହି ଗୋଷ୍ଠୀଗତ ସମ୍ପତ୍ତି ଏବଂ ରାସ୍ତାର ଯତ୍ନ ନେବାରେ ବିଫଳ ହେଉଛୁ।

ଦୋଷ ଆରୋପ ନକରି ଆତ୍ମସମୀକ୍ଷା କରିବା ଅତ୍ୟନ୍ତ ଜରୁରୀ। ଆଜିର ସମାଜରେ ଆମର ଏକ ମୂଳ ସ୍ୱଭାବ ହୋଇଗଲାଣି ଯେ, ଯେକୌଣସି ସମସ୍ୟା ପାଇଁ ସବୁକିଛି ସରକାରଙ୍କୁ ଦାୟୀ କରିବା। ରାସ୍ତା ଖରାପ ହେଲେ ପ୍ରଶାସନକୁ ଦୋଷ ଦେଉ, ଡ୍ରେନ୍ ଜାମ୍ ହେଲେ ପଞ୍ଚାୟତକୁ ଦାୟୀ କରୁ; କିନ୍ତୁ କେବେବି ଆତ୍ମସମୀକ୍ଷା କରୁନାହୁଁ ଯେ ଏହି ସମସ୍ୟା ସୃଷ୍ଟି ପଛରେ କାହାର ହାତ ଅଛି ? ସରକାର ରାସ୍ତା ନିର୍ମାଣ କରିପାରିବେ, କିନ୍ତୁ ତାହାକୁ ପରିଷ୍କାର ରଖିବା ଓ ସୁରକ୍ଷା ଦେବା ଆମର ନୈତିକ କର୍ତ୍ତବ୍ୟ।

ଯଦି ଲୋକେ ରାସ୍ତା ଉପରେ ଅଳିଆ ପକାଇବେ ଏବଂ ରାସ୍ତାକୁ ଅବରୋଧ କରିବେ, ତେବେ କେବଳ ସରକାର କିମ୍ବା ପ୍ରଶାସନ କିଛି କରିପାରିବେ ନାହିଁ। ନିଜ ରାସ୍ତାର ସୁରକ୍ଷା ନିଜ ଦାୟିତ୍ୱ ହେବା ଦରକାର। ଗ୍ରାମ୍ୟ ରାସ୍ତାଗୁଡ଼ିକ କେବଳ ପିଚୁ କିମ୍ବା କଂକ୍ରିଟ୍‌ର ରାସ୍ତା ନୁହେଁ, ଏହା ଆମ ସମାଜର ସଭ୍ୟତା ଓ ସଂସ୍କୃତିର ପରିଚୟ। ଯଦି ଆମେ ନିଜ ଗାଁକୁ ସୁନ୍ଦର, ସ୍ୱଚ୍ଛ ଏବଂ ପ୍ରଗତିଶୀଳ ଦେଖିବାକୁ ଚାହୁଁ, ତେବେ ନିଜର ମାନସିକତା ବଦଳାଇବାକୁ ପଡ଼ିବ। ଗାଁର ରାସ୍ତା ଯଦି ସ୍ୱଚ୍ଛ ରହିବ, ତେବେ ଗାଁର ପ୍ରଗତିର ପଥ ମଧ୍ୟ ସେତିକି ସହଜ ଓ ପ୍ରଶସ୍ତ ହୋଇପାରିବ। ରାସ୍ତାକୁ ସୁନ୍ଦର ଓ ଭଲ ରଖିବା କାହାରି ବ୍ୟକ୍ତିଗତ ଦାୟିତ୍ୱ ନୁହେଁ, ଏହା ସମସ୍ତଙ୍କର ମିଳିତ ଦାୟିତ୍ୱ।

ସନାତନ ଯଜ୍ଞୋପବୀତ ବିଜ୍ଞାନ ସମ୍ମତ

ହେମନ୍ତ କୁମାର ଗନ୍ତାୟତ
ଦର୍ଶନ ଅଧ୍ୟାପକ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ
ମହାବିଦ୍ୟାଳୟ, କବିସୂର୍ଯ୍ୟ ନଗର
୯୮୬୧୩୩୪୮୬୮

ଆମ ଭାରତୀୟ ସଂସ୍କୃତି ହେଉଛି ସୁସଂସ୍କୃତି ସମ୍ପନ୍ନ ଏବଂ ସନାତନ ଧର୍ମର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହାର ପ୍ରତିଟି ସଂସ୍କାରରେ ଆଧ୍ୟାତ୍ମିକ, ବୈଜ୍ଞାନିକ ଓ ଦାର୍ଶନିକାଦି ତଥ୍ୟ ଲୁଚି ରହିଛି। ଯାହା ଆମକୁ କର୍ତ୍ତବ୍ୟରତ ତଥା ସଚେତନ ହେବା ପାଇଁ ସହାୟକ ହୋଇଥାଏ। ସେଥି ମଧ୍ୟରୁ ଗୋଟାଏ ହେଉଛି ଉପନୟନ ସଂସ୍କାର। ଏହା ମାତୃ ଗର୍ଭଧାରଣ କରିବାର ଅଷ୍ଟମ ବର୍ଷରେ ଅର୍ଥାତ୍ ଜନ୍ମ ହେବାର ସପ୍ତମ ବର୍ଷରେ ସମ୍ପନ୍ନ କରାଯାଏ। ଯାହାର ଦୃଷ୍ଟାନ୍ତ ମନୁସ୍ମୃତି ଦେଖିବାକୁ ମିଳେ :- 'ଗର୍ଭାଷ୍ଟମେଽବ୍ଦେ କୁର୍ବୀତ ବ୍ରାହ୍ମଣସ୍ୟୋପନାୟନମ୍'। ଏଥିରେ ବାଳକ ଯଜ୍ଞୋପବୀତ ବା ପଇତା ଧାରଣ କରିଥାଏ। ଏହାକୁ ଯଦି ଆଧ୍ୟାତ୍ମିକତା ଦୃଷ୍ଟିରେ ଦେଖାଯାଏ ତେବେ, ଏଥିରେ ରହିଛି ସୃଷ୍ଟିକର୍ତ୍ତା ବ୍ରହ୍ମା, ବିଷ୍ଣୁ ଓ ରୁଦ୍ରଙ୍କ ଆଶୀର୍ବାଦ ଏବଂ ଓଁକାର, ଅଗ୍ନି, ସର୍ପ, ସୋମ, ପିତୃ, ପ୍ରଜାପତି, ଅନିଳ, ଯମ ତଥା ବିଶ୍ୱେଦେବାଙ୍କର ଅସୀମ ଶକ୍ତି। ଯାହା ତିନୋଟି ଗ୍ରନ୍ଥି ଓ ନଅ ଗୋଟି ତନ୍ତୁରେ ବିଦ୍ୟମାନ ବୋଲି ଶାସ୍ତ୍ରରେ କୁହାଯାଇଛି :- 'ଓଁକାରାଗ୍ନି ତଥା ସର୍ପାନ୍ ସୋମ ପିତୃନ୍ ପ୍ରଜାପତିନ୍। ବାୟୁ ସୂର୍ଯ୍ୟଶ୍ଚ ବିଶ୍ୱାଶ୍ଚ ଦେବାନ୍ନବଷୁ ତନ୍ତୁଷ୍ଟ୍ୟା' ଏହି ଉପବୀତ ବୈଦିକ ସାହିତ୍ୟ ଅନୁଯାୟୀ, ସର୍ବ ପ୍ରଥମେ ବ୍ରହ୍ମା ସୃଷ୍ଟିର ଆରମ୍ଭରେ ଏହାକୁ ପରିକଳ୍ପନା କରିଥିଲେ ବୋଲି ମନ୍ତ୍ରରେ ଉଲ୍ଲେଖ ରହିଛି :-

ଓମ୍ ଯଜ୍ଞୋପବୀତଂ ପରମଂ ପବିତ୍ରଂ ପ୍ରଜାପତେର୍ଯତ୍‌ସହଜଂ ପୁରସ୍ତାତ୍। ଆୟୁଷ୍ୟମଗ୍ର୍ୟଂ ପ୍ରତିମୁଞ୍ଚ ଶୁଭ୍ରଂ ଯଜ୍ଞୋପବୀତଂ ବଳମସ୍ତୁ ତେଜଃ

ଅର୍ଥାତ୍ ଏହି ଯଜ୍ଞୋପବୀତ ଅତ୍ୟନ୍ତ ପବିତ୍ର ଅଟେ। ଏହା ପ୍ରଜାପତି ବ୍ରହ୍ମାଙ୍କ ସହ ଉତ୍ପନ୍ନ ହୋଇଛି ଏବଂ ତାହା ସହିତ ଏହା ଆୟୁ ବୃଦ୍ଧି, ଉତ୍ତମ ତଥା ଶୁଭ୍ର ବର୍ଣ୍ଣ ଯୁକ୍ତ ମଧ୍ୟ। ଏହାକୁ ଧାରଣ କରୁଥିବା ବ୍ୟକ୍ତିର ବଳ ଏବଂ ତେଜର ବୃଦ୍ଧି ଘଟିଥାଏ।

ଉପନୟନ ସଂସ୍କାର ସମୟରେ ଧାରଣ କରାଯାଇଥିବା ଯଜ୍ଞୋପବୀତର ବୈଜ୍ଞାନିକ ଓ ଦାର୍ଶନିକ କାରଣ ଯଦି ଦେଖାଯାଏ, ତେବେ ଆମେ ଜାଣି ପାରିବା, ଆମ ବୈଦିକ ମହର୍ଷିମାନଙ୍କ ପ୍ରକୃତ ଜ୍ଞାନ ଓ ଗାରିମା ଗାଥା। ସେହିମାନେ ଜାଣିଥିଲେ ଯେ, ମାନବୀୟ ଶରୀରର ଆନ୍ତରିକ ସରଞ୍ଜନା। ମଣିଷର କେଉଁ କେଉଁ ଅଙ୍ଗ ସହିତ କେଉଁ କେଉଁ ଅଙ୍ଗର ସମ୍ପର୍କ ରହିଛି ଏବଂ କେଉଁ କ୍ରିୟାକୁ କେଉଁ ସମୟରେ କରିବା ଦ୍ୱାରା କି ପ୍ରକାର ସୁଫଳ ମିଳିବ, ତାହା ମଧ୍ୟ ସେମାନେ କହିଯାଇଛନ୍ତି। ଡାହାଣ କାନର ଶିରା ପ୍ରଶିରା ଗୁଡିକ ସହ ମସ୍ତିଷ୍କ, ହୃଦୟ, ମଳଦ୍ୱାର ଓ ମୂତ୍ରଦ୍ୱାର ଇତ୍ୟାଦିର ସିଧାସଳଖ ସମ୍ପର୍କ ରହିଛି। ତେଣୁ ମଳ-ମୂତ୍ର ତ୍ୟାଗ ସମୟରେ ପଇତାକୁ ଡାହାଣ କାନରେ ଏକ ଏବଂ ଦୁଇ ଘେରା ଗୁଡ଼ାଇବା ପାଇଁ ନିୟମ କରାଯାଇଛି। ଏହା ଦ୍ୱାରା କାନରେ ଏକ ପ୍ରକାର ପ୍ରାକୃତିକ ଆକ୍ୟୁପ୍ରେସର ସୃଷ୍ଟି ହୋଇଥାଏ। ଯାହାଫଳରେ ମଳ-ମୂତ୍ର ସହଜରେ ତ୍ୟାଗ ହୁଏ। ଏଥି ଯୋଗୁଁ କୋଷ୍ଠକାଠିନ୍ୟ, ଗ୍ୟାସ ଏବଂ ପେଟର ଅନ୍ୟାନ୍ୟ ସମସ୍ୟା ମଧ୍ୟ ସ୍ୱତଃ ଦୂରେଇ ଯିବାସହ ମସ୍ତିଷ୍କର ସ୍ନାୟୁଗୁଡ଼ିକ ସକ୍ରିୟ ଓ ସତେଜ ରହେ। ଏହା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ଘଟେ ତଥା ମାନସିକ ଚିନ୍ତା ବା ଡିପ୍ରେସନର ମାତ୍ରା ବହୁତ୍ ଭାବେ କମିଯାଏ ଏବଂ ରକ୍ତଚାପ ସହିତ ହୃଦୟର ସ୍ପନ୍ଦନ ମଧ୍ୟ ସାମାନ୍ୟ ହୋଇଯାଏ। ଏହି ଯଜ୍ଞୋପବୀତ ଏକ ପବିତ୍ର ସୂତ୍ର ହେବା କାରଣରୁ ଏହାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ। ତେଣୁ ନିୟମ ଅନୁସାରେ ଶୌଚ ହେବା ପୂର୍ବରୁ ପଇତାକୁ କାନରେ ରଖାଯାଏ ଏବଂ ଅଣ୍ଟା ଠାରୁ ହାତ-ଗୋଡ଼ ଭଲଭାବେ ଧୋଇ ପରେ ହିଁ ଏହାକୁ କାନରୁ ବାହାର କରାଯାଏ। ଏହି ବିଧି ଯୋଗୁଁ ଶରୀର ସ୍ୱଚ୍ଛ ରହିବା ସହ ଜୀବାଣୁ ଜନିତ ସଂକ୍ରମଣରୁ ରକ୍ଷା ମିଳିଥାଏ।

ଯଜ୍ଞୋପବୀତକୁ ଯଦି ଦାର୍ଶନିକ ଦୃଷ୍ଟିରେ ଦେଖାଯାଏ ତେବେ ଆମେ ଏହାର ମର୍ମକୁ ହୃଦୟଙ୍ଗମ କରିପାରିବା। କାରଣ ଏହି ଉପବୀତ ବ୍ୟକ୍ତିକୁ ତା'ର କର୍ତ୍ତବ୍ୟ ମନେ ପକାଇ ଦେଇଥାଏ। ଏହା ଏକ ପ୍ରକାରର ଆଧ୍ୟାତ୍ମିକ କବଚ ଭଳି କାର୍ଯ୍ୟକରେ। ଯାହା ଖରାପ କାମରୁ ନିବୃତ୍ତ ରଖିଥାଏ। ଯେପରି ଜଣେ ବ୍ୟକ୍ତି କୌଣସି ଭୁଲ୍ କାମ ଯଥା :- ଚୋରି, ମିଥ୍ୟା କିମ୍ବା ଅଧର୍ମ କାର୍ଯ୍ୟ କରିବାକୁ ଯାଏ, ତେବେ ଶରୀରରେ ଥିବା ପବିତ୍ର ଯଜ୍ଞୋପବୀତ ତାକୁ ମନେ ପକାଇଦିଏ ଯେ, ତୁମେ ଜଣେ ଏକ ସଂସ୍କାରୀ ମାନବ। ଏହା ଦ୍ୱାରା ମନୁଷ୍ୟର ମାନସିକ ଶକ୍ତି ଓ ଆତ୍ମବିଶ୍ୱାସ ବଢ଼ିଯାଏ। ତତ୍ ସହିତ ତିନୋଟି ଋଣ ଯଥା:- ପିତୃଋଣ, ଦେବଋଣ ଏବଂ ଋଷିଋଣର ଦାୟିତ୍ୱ ବିଷୟରେ ସଦାସର୍ବଦା ସଚେତନ କରାଏ। ଅତଃ ସନାତନ ଧର୍ମରେ କୁହାଯାଇଥିବା କୌଣସି ବି ସଂସ୍କାର ଅନ୍ଧବିଶ୍ୱାସ ନୁହେଁ। ଯଜ୍ଞୋପବୀତ ହେଉଛି ଜୀବନକୁ ସୁସ୍ଥ, ସଂଯମ ଏବଂ ଦୀର୍ଘାୟୁ କରିବାର ଏକ ସହଜ ଉପାୟ। ଆଜିର ଆଧୁନିକ ବିଜ୍ଞାନ ଆକ୍ୟୁପ୍ରେସର ଏବଂ ନ୍ୟୁରୋଲୋଜି ବା ସ୍ନାୟୁବିଜ୍ଞାନ ମାଧ୍ୟମରେ ଯେଉଁ ସତ୍ୟକୁ ଖୋଜୁଛି, ତାହା ଆମର ପୂର୍ବପୁରୁଷମାନେ ହଜାର ହଜାର ବର୍ଷ ପୂର୍ବରୁ ତାକୁ ଯଜ୍ଞୋପବୀତ ପରମ୍ପରା ମାଧ୍ୟମରେ ଆମ ଜୀବନଶୈଳୀରେ ସାମିଲ କରିଦେଇଛନ୍ତି। ଏହା ଏକ ବିଜ୍ଞାନ ସମ୍ମତ ସଂସ୍କାର, ତେଣୁ ଶରୀରକୁ ସୁସ୍ଥ ରଖିବା ପାଇଁ ମନୁଷ୍ୟ ଶରୀରରେ ଯଜ୍ଞୋପବୀତକୁ ଧାରଣ କରିବା ଉଚିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

ପିଏମ୍-କିଷାନ ଯୋଜନାରୁ କେନ୍ଦୁଝରର ୧,୮୪,୩୪୪ ଚାଷୀ ଉପକୃତ

କେନ୍ଦୁଝର, ନ୍ୟୁଜ୍

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ୨୧ତମ କିସ୍ତି ପ୍ରଦାନ କରାଯାଇଛି। ଗୁଜରାଟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଦେଶର ଚାଷୀ ମାନଙ୍କ ଆକାଉଣ୍ଟକୁ ଏହି ସହାୟତା ରାଶି ପ୍ରଦାନ କରିବାର ଜଣାପଡିଛି। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥ ଆତ୍ମା ହଲ୍ ଠାରେ ଉପସ୍ଥିତ ରହି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ମମିତା ନାୟକ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଏବଂ କୃଷି ବିଭାଗର ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇ ଏହି ସିଧାପ୍ରସାରଣ ଦେଖିବା ସହ ଯୋଜନାର ଲାଭ ବିଷୟରେ ଅବଗତ ହୋଇଥିଲେ। ୩୦ ଅକ୍ଟୋବର ୨୦୨୬ ସୁଦ୍ଧା ଉପଲବ୍ଧ ବ୍ଲକ୍-ୱାରୀ ହିତାଧିକାରୀଙ୍କ ତଥ୍ୟ ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକର ସମୁଦାୟ ୧,୮୪,୩୪୪ ଚାଷୀଙ୍କୁ ପିଏମ୍-କିସାନ୍ ଯୋଜନାର ୨୧ତମ କିସ୍ତି ପାଇଁ ସହାୟକ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ଚାଷୀ ପରିବାରକୁ ବାର୍ଷିକ ୬,୦୦୦ ଟଙ୍କାର ଆର୍ଥିକ ସହାୟତା ମିଳିଥାଏ, ଯାହା ଯୋଗ୍ୟତା ଏବଂ ଯାଞ୍ଚ ସାପେକ୍ଷ ତିନୋଟି ସମାନ କିସ୍ତିରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଇଥାଏ। କୃଷି ବିଭାଗ ପକ୍ଷରୁ ଏହି ଯୋଜନାର କାର୍ଯ୍ୟକାରିତାକୁ ସହଜ କରାଯିବା ସହ ହିତାଧିକାରୀଙ୍କ ଯୋଗ୍ୟତା ଏବଂ ସିଧାସଳଖ ଆର୍ଥିକ ସହାୟତାର ଲାଭ ବିଷୟରେ ଚାଷୀଙ୍କ ମଧ୍ୟରେ ସୂଚନା ପ୍ରସାର କରାଯାଉଛି। କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ଏବଂ ଗ୍ରାମୀଣ ଜୀବିକାକୁ ମଜବୁତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି। ପିଏମ୍-କିସାନ୍ ଯୋଜନା ଯୋଗ୍ୟ ଚାଷୀ ପରିବାର ପାଇଁ ଅତିରିକ୍ତ ଆର୍ଥିକ ସହାୟତାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇ ରହିଛି, ଯାହା ସେମାନଙ୍କୁ କୃଷି ଏବଂ ଅନ୍ୟାନ୍ୟ ଘରୋଇ ଖର୍ଚ୍ଚ ତୁଲାଇବାରେ ସାହାଯ୍ୟ କରୁଛି।

ଭିଜିଲାନ୍ସ ପକ୍ଷରୁ ଅଟୋ ରାଲି

ଲାଞ୍ଚ ମାଗୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆହ୍ୱାନ

କଟକ, ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତି ଓ ଲାଞ୍ଚ କାରବାର ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କଟକରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ଅଟୋ ରାଲି ଆୟୋଜିତ ହୋଇଥିଲା। ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲ ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅଭିଯାନରେ ପ୍ରାୟ ୧୦୦ଟି ଅଟୋ ଅଂଶଗ୍ରହଣ କରି ଦୁର୍ନୀତି ବିରୋଧୀ ସଚେତନତାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ। କଟକ ଭିଜିଲାନ୍ସ ଡିଭିଜନ୍‌ର ଏସ୍‌ପି କେ.ବି. ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏହି ରାଲି ଆୟୋଜିତ ହୋଇଥିବାବେଳେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ମଧ୍ୟ ଏଥିରେ ସହଯୋଗ କରିଥିଲା। କଟକ କଲେକ୍ଟରେଟ୍ ନିକଟସ୍ଥ ଏସ୍‌ବିଆଇର ରିଜିଓନାଲ ବିଜନେସ୍ ଅଫିସ୍‌ର ଅଧିକାରୀମାନେ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଭିଜିଲାନ୍ସ ନିର୍ଦ୍ଦେଶାଳୟରୁ ରାଲିର ଶୁଭାରମ୍ଭ ହୋଇଥିଲା। ଅଟୋଗୁଡ଼ିକରେ ଦୁର୍ନୀତି ବିରୋଧୀ ସଚେତନତାମୂଳକ ପୋଷ୍ଟର ଲଗାଯାଇଥିଲା। ବିଶେଷକରି ଲାଞ୍ଚ ଦାବି କରୁଥିବା କିମ୍ବା ଦୁର୍ନୀତିରେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ କିପରି ଅଭିଯୋଗ କରାଯାଇପାରିବ, ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଏସ୍‌ବିଆଇର ଡେପୁଟି ମ୍ୟାନେଜର ବିଜୟ କୁମାର ମହାପାତ୍ର, ଚିଫ୍ ମ୍ୟାନେଜର କାହ୍ନୁଚରଣ ସାହୁ, ଡେପୁଟି ମ୍ୟାନେଜର ନିରଞ୍ଜନ ମହାପାତ୍ର, ସୋଶାଲ ଆସୋସିଏଟ୍ ସଞ୍ଜୟ କୁମାର ଜେନା, ସେଲ୍ ଭିଜିଲାନ୍ସ ଏସ୍‌ପି ସୁଶାନ୍ତ ବିଶ୍ୱାଳଙ୍କ ସମେତ ଭିଜିଲାନ୍ସ ନିର୍ଦ୍ଦେଶାଳୟ, ସେଲ୍ ଡିଭିଜନ୍ ଓ କଟକ ଡିଭିଜନ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ଦିଗରେ ଜନସାଧାରଣଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ। ଲାଞ୍ଚ ଦାବି କିମ୍ବା ଅନ୍ୟାନ୍ୟ ଦୁର୍ନୀତି ସମ୍ପର୍କରେ ଲୋକମାନେ ନିର୍ଭୟରେ ଅଭିଯୋଗ କରିବା ସହ ଏଭଳି ଅନୈତିକ କାର୍ଯ୍ୟ ବିରୋଧରେ ସ୍ୱର ଉଠାଇବାକୁ ଏହି ଅଭିଯାନ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା।

କାରିଗରଙ୍କ ଜୀବିକା ସୁଦୃଢ଼ କରାଯାଉ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାର ପ୍ରାଚୀନ ଐତିହ୍ୟ ତଥା ପାରମ୍ପରିକ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ସ୍ଥାନୀୟ କାରିଗରମାନଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ବିଶିଷ୍ଟ ସାମାଜିକ କର୍ମୀ ହେମନ୍ତ ଶାହା ଆହ୍ୱାନ ଜଣାଇଛନ୍ତି। ମୟୂରଭଞ୍ଜର ହସ୍ତକଳା ଡୋକ୍ରା ଆର୍ଟ କେବଳ ରାଜ୍ୟ ନୁହେଁ, ବରଂ ବିଶ୍ୱସ୍ତରରେ ଭାରତୀୟ ସଂସ୍କୃତିର ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଜିଲ୍ଲାର ନିପୁଣ କାରିଗରମାନଙ୍କ ଦ୍ୱାରା ନିର୍ମିତ ଏହି ହସ୍ତଶିଳ୍ପ ଓ ଧାତୁ ଶିଳ୍ପକୁ ଆପଣାଇବା ଏବଂ ସେମାନଙ୍କୁ ସମର୍ଥନ ଜଣାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ସ୍ଥାନୀୟ ସାମଗ୍ରୀ ବ୍ୟବହାର ଦ୍ୱାରା କାରିଗରଙ୍କ ଜୀବନଜୀବିକା ସୁରକ୍ଷିତ ହେବା ସହ ଗ୍ରାମୀଣ ଅର୍ଥନୀତି ମଜଭୁତ ହୋଇପାରିବ। ମୟୂରଭଞ୍ଜର ଡୋକ୍ରା କଳାର ଏହି ଐତିହ୍ୟକୁ ଆଗାମୀ ପିଢ଼ି ପାଇଁ ବଞ୍ଚାଇ ରଖି ସ୍ଥାନୀୟ କଳା, ବିଶ୍ୱର ଗର୍ବ ମନ୍ତ୍ରକୁ ସାର୍ଥକ କରିବାକୁ ଶାହା ଗୁରୁତ୍ୱାରୋପ କରିଛନ୍ତି।

ନାବାଳିକାଙ୍କୁ ବ୍ଲାକ୍‌ମେଲିଂ କରି ସୁନାଗହଣା ଲୁଟ୍:ନାବାଳକ ଗିରଫ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ନାବାଳିକାଙ୍କୁ ବ୍ଲାକ୍‌ମେଲିଂ କରି ଘରୁ ସୁନାଗହଣା ଲୁଟି ନେଇଥିବା ନେଇ ନାବାଳିକାଙ୍କ ବାପା ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ୧୬ ବର୍ଷର ଜଣେ ନାବାଳକକୁ କାବୁ କରି ସୁଧାର ଗୃହକୁ ପଠାଇ ଦେଇଛି। ସୁଧାର ଗୃହ ଯାଇଥିବା ନାବାଳକର ଘର ନିଆଳୀ ଅଞ୍ଚଳରେ ବୋଲି ଜଣାପଡିଛି। ଅଭିଯୋଗ ଅନୁସାରେ ନାବାଳିକା ଭୀମଟାଙ୍ଗୀରେ ଥିବା ଏକ ଶିଶୁ ମନ୍ଦିରରେ ନବମ ଶ୍ରେଣୀରେ ପାଠ ପଢନ୍ତି। ଜଣେ ଝିଅ ଜରିଆରେ ନାବାଳିକାଙ୍କ ସହିତ ନାବାଳକର ପରିଚିତ ହୋଇଥିଲା। ନାବାଳିକା ପାଠ ପଢିବାକୁ ଯିବା ଆସିବା ସମୟରେ ବିଭିନ୍ନ ପ୍ରକାର ହଇରାଣ କରେ ନାବାଳକ। ଏ ବିଷୟରେ କାହାକୁ କହିଲେ ରାସ୍ତାରୁ ଉଠାଇ ନେବାକୁ ଧମକ ଦେଉଥିଲା। ଯେଉଁଥିପାଇଁ ନାବାଳିକା ଭୟରେ କିଛି କହୁନଥିଲା। ଏହାର ସୁଯୋଗ ନେଇ ନାବାଳକ କିଛି ଅଶ୍ଳୀଳ ଫଟୋ ଉଠାଇ ନେଇଥିଲା, ସେହି ଫଟୋ ଦେଖାଇ ବ୍ଲାକ୍‌ମେଲିଂ କରି ସୁନାଗହଣା ଆଣିବାକୁ କହିଥିଲା। ସୁନାଗହଣା ନଆଣିଲେ ଫଟୋ ସୋସିଆଲ୍ ମିଡ଼ିଆରେ ଛାଡିବା ସହିତ ରାସ୍ତାରୁ ଉଠାଇ ନେଇ ମାରିଦେବାକୁ ଧମକ ଦେଇଥିଲା। ନାବାଳିକାଙ୍କ ବାପା ମା' ରୋଗିଣା ଥିବାରୁ ଅଧିକାଂଶ ସମୟ ମେଡିକାଲ୍‌ରେ ରହିଥାନ୍ତି। ତେଣୁ ଏହାର ସୁଯୋଗରେ ନାବାଳିକା ଘରୁ ଆଲମାରୀ ଖୋଲି ୪ଟି ସୁନା ମୁଦି ଏବଂ ଦୁଇ ହଳ କାନଫୁଲ ନେଇଯାଇଥିଲା। ନାବାଳକ ସବୁ କିଛି ନେବା ପରେ ପୁଣି ମା'ଙ୍କ ସୁନାଚେନ୍ ଆଣିବାକୁ ଧମକାଇବାରୁ ନାବାଳିକା ଆଉ ଭୟରେ ପାଠ ପଢିବାକୁ ଯାଇନଥିଲା। ଏହି ସମୟରେ ନାବାଳିକାଙ୍କ ବାପା ଆଲମାରୀ ଖୋଲି ସୁନା ଚେନ୍ ଆଲମାରୀରେ ନଥିବା ଦେଖି ଚକିତ ହୋଇଯାଇଥିଲେ। ସେ ଏନେଇ ଝିଅକୁ ପଚାରିଥିଲେ ମଧ ସେ ଜାଣିନଥିବା କହିଥିଲା। ନାବାଳିକାଙ୍କ ସାଙ୍ଗ ଫୋନ୍ କରି ତାଙ୍କ ବାପାଙ୍କୁ ସବୁ କଥା କହିଲା । ଘଟଣା ପଦାକୁ ଆସିବା ପରେ ଥାନାରେ ଅଭିଯୋଗ କରିଥିଲେ ଝିଅର ବାପା। ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ନାବାଳକକୁ ପଚରା ଉଚରା କରୁଛି ।

ପ୍ରାକ୍ତନ ଉପବାଚସ୍ପତିଙ୍କ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଅର୍ଣ୍ଣବ ବାତ୍ୟାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଜାଗାରେ ଫସଲ କ୍ଷୟକ୍ଷତି ଓ ଜଳବନ୍ଦୀ ଗ୍ରାମରେ ପହଞ୍ଚି ଥିଲେ ପ୍ରାକ୍ତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଓ ପ୍ରାକ୍ତନ ଉପାଧ୍ୟକ୍ଷା ପ୍ରତିନିଧି ରଙ୍କନାଥ ପ୍ରଧାନ, ସେଗୁଡିକ ହେଲା ଭୁଆଁ ଭୂଇଁ, ବରପଲ୍ଲୀ, କଣ୍ଟିଆପଲ୍ଲୀ ସମ୍ପୂର୍ଣ୍ଣ ଜଳବନ୍ଦୀ, ମଲାଡ଼ ପଞ୍ଚାୟତର ଶ୍ରୀବଣା, ବାହାଲପୁର, ବରୋଦା ଗାଁ ଭିତରେ ନଦୀପାଣି ପ୍ରବେଶ କରିବା, ଉମୁରି ଧର୍ମସରଣପୁର ଖଟିଆ, ବାଲସିଂପଲ୍ଲୀ, ଆତଙ୍କିତ ଅବସ୍ଥାରେ ରହିଥିଲେ। ୨୦୦୦ ମସିହାରେ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କ ଆନୁକୂଲ୍ୟରେ ପାଚେରୀ ଘାଇ ଫଳରେ ବରୋଦା, ବାଲସିଂ ପଲ୍ଲୀ, ବାହାଲପୁର ପ୍ରଭୃତି ଗାଁ ରକ୍ଷା ପାଇଗଲା, ତାକୁ ପୁନଃରୁଦ୍ଧାର କଂକ୍ରିଟ ବନ୍ଧ କରାନଯାଏ ଭବିଷ୍ୟତରେ ଗାଁ ବୁଡି ଯିବ । ସେହିଭଳି ସାନରାମଚନ୍ଦ୍ରପୁର ଗ୍ରା. ପଞ୍ଚାୟତ ଡିଆଁ ଡେଇଁ, ମଧୁରୁଚୁଆ, ଗୌରାଙ୍ଗପାଟଣା ଚାଷୀଙ୍କ ସୁବିଧା ପାଇଁ ନନ୍ଦିଘର, ବଣ ଘାଇ ପାଣିକୁ ସଂରକ୍ଷିତ ରଖିବା (ମତ୍ସ୍ୟଜୀବୀ ଗ୍ରାମରେ ମାଛମରା ସରଞ୍ଜାମ ଜାଲ, କିଳା ଓ ଡଙ୍ଗା କ୍ଷୟ କ୍ଷତିଭରଣ କରିବା) ଘରଭଙ୍ଗା, କରେଣ୍ଟ ଟ୍ରାନ୍ସଫରମର ସ୍ଥାନାନ୍ତର, ମଧୁରୁଚୁଆ ସାନ ସାହିରେ ଗାଁ ଭିତରେ ପାଣି ଜମା ହୋଇ ରହିବା, ଡିଆଁ ଡେଇଁ ଖଜୁରୀଘାଇ, ବାଲିହତାର ପାଣି ଚିଲିକା ଭିତରେ ପ୍ରବେଶ ତାକୁ ସେଠାରେ ଆଡି ବନ୍ଧ କରି ପାଣିକୁ ଆଗୁଳ କରି ରଖିବ ଓ ଧାନ, କୋବି ଫସଲ ନଷ୍ଟ ହେବାର କ୍ଷୟ କ୍ଷତି ପ୍ରଦାନ କରିବା ଶତାଧିକ ଲୋକେ ଆପତ୍ତି କରିଥିଲେ। ଝାରେଡି, ସିପକୁଦା ପୂର୍ବ ବାତ୍ୟା ଓ ବର୍ତ୍ତମାନ ବାତ୍ୟାର କ୍ଷୟ କ୍ଷତି ନମିଳିବା କ୍ଷୋଭ ପ୍ରକାଶ କରିଥିଲେ। ରଷିକୂଲ୍ୟା ପାଲୁରୁ ସାହେବ କେନାଲ ନଖୋଲିବା ଫଳରେ ଜଳରାଶି ପାଖ ଗାଁ ମାନଙ୍କରେ କୃତ୍ରିମ ବନ୍ୟା ବା ଜଳବନ୍ଦୀ ହେଉଅଛି, ତେଣୁ ତାକୁ ଚିଲିକା ମୁହଁକୁ ଦୁଇ ପାର୍ଶ୍ୱରେ କଂକ୍ରିଟ ବନ୍ଧାଇଲେ ସିଧା ପାଣି ଚିଲକା ଭିତରେ ପ୍ରବେଶ କରିବ ଆଉ ଜଳବନ୍ଦୀ ହେବନାହିଁ । ପାଣି ଯିବାଆସିବା କଲେ ମତ୍ସ୍ୟଜୀବୀ ରୋଜଗାର ବଢ଼ି ପାରିବ। ବୃହତ ଜଳସେଚନ ଉଚ୍ଚ ସ୍ତରୀୟ ବିଭାଗର ଅଭିଜ୍ଞ ଅଧିକାରୀ ଦୀର୍ଘସ୍ଥାୟୀ ଯୋଜନା କରି ନଦୀର ଜଳ ସମୁଦ୍ରକୁ ଯାଇପାରିବ ଓ ଲୋକେ ସୁରକ୍ଷିତ ରହିପାରିବେ ବୋଲି ଆଶା ଓ ଭରସା କରିଛନ୍ତି। ରାମଚନ୍ଦ୍ର ପଣ୍ଡା ବାରମ୍ବାର ଅଫିସର ସମୂହକୁ ଫୋନ୍ ମାଧ୍ୟମରେ ଅବଗତି କରାଉଥିଲେ ପୁନଃ ଅବସ୍ଥାକୁ ଲୋକେ ଫେରିପାରିବେ।

ସୁନ୍ଦରଗଡ଼ରୁ ଏକତା ନଗର ଗଲେ ୪୪ ପ୍ରତିନିଧି

ରାଉରକେଲା, ନ୍ୟୁଜ୍ ବ୍ୟୁରୋ

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା 'ରାଷ୍ଟ୍ରୀୟ ଏକତା ଦିବସ' ଅବସରରେ ଗୁଜରାଟର କେଭାଡିଆ ସ୍ଥିତ ଏକତା ନଗର ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ ସମାରୋହରେ ଯୋଗଦେବା ପାଇଁ ସୁନ୍ଦରଗଡ଼ ଜିଲ୍ଲାରୁ ୪୪ ଜଣିଆ ଏକ ପ୍ରତିନିଧି ଦଳ ଗୁଜରାଟ ଅଭିମୁଖେ ଯାତ୍ରା କରିଛନ୍ତି। ସ୍ଥାନୀୟ ପୋଲିସ ରିଜର୍ଭ, ରାଉରକେଲା ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୀନା ଦସ୍ତଗୀର ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁରଞ୍ଜନ ସାହୁ ପତାକା ଦେଖାଇ ପ୍ରତିନିଧି ଦଳର ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମାକାନ୍ତ ସାହୁ ଓ ଶ୍ରାବଣୀ ନାୟକ ଉପସ୍ଥିତ ଥିଲେ। ପ୍ରତିନିଧି ଦଳ ଟିଟିଲାଗଡ଼ ରେଳ ଷ୍ଟେସନ୍ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟ ଯାତ୍ରା କରି ଆୟୋଜିତ ଜାତୀୟସ୍ତରୀୟ ସମାରୋହରେ ଅଂଶଗ୍ରହଣ କରିଥିଲେ। ଏହି ୪୪ ଜଣିଆ ପ୍ରତିନିଧି ଦଳ ସହ ନୋଡାଲ ଅଧିକାରୀ ଭାବେ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଶୁଭେନ୍ଦୁ ମିଶ୍ର ଯାତ୍ରା କରିଛନ୍ତି।

ଗଞ୍ଜେଇ ସହ ବାଇକ୍ ଜବତ:୨ ଗିରଫ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଥାନା ଅନ୍ତର୍ଗତ ଆମ୍ବଝରୀ ଓ ଖଜୁରୀପଡ଼ା ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମୋଟ୍ ୭ କେଜି ଗଞ୍ଜେଇ ସହ ଦୁଇଟି ବାଇକ୍ ଜବତ କରାଯାଇଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ସୋନପୁର ଅଞ୍ଚଳର ଦୁଇ ଯୁବକ ସନାତନ ଭୋଇ ଓ ବାହାନ ବୁଡାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନାନୁସାରେ, ବୌଦ୍ଧ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପରମେଶ୍ୱର ସୁନାଙ୍କ ନେତୃତ୍ୱରେ ଗୋଟିଏ ଚଢ଼ଉରେ ୪ କେଜି ଗଞ୍ଜେଇ ଓ ଏକ ବାଇକ୍ ଜବତ କରାଯାଇଥିଲା। ଏହି ଘଟଣାରେ ସନାତନ ଭୋଇଙ୍କୁ ଗିରଫ କରାଯାଇଥିଲା। ସେହିପରି ଅବକାରୀରେ ଇନ୍ସପେକ୍ଟର ଦିଲ୍ଲୀପ କୁମାର ଶତପଥୀଙ୍କ ନେତୃତ୍ୱରେ ଅନ୍ୟ ଏକ ଚଢ଼ଉରେ ୩ କେଜି ଗଞ୍ଜେଇ ଓ ଏକ ବାଇକ୍ ଜବତ କରାଯିବା ସହ ବାହାନ ବୁଡାଙ୍କୁ ଗିରଫ କରାଯାଇଥିଲା। ଉଭୟ ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଓ ବାଇକ୍ ଜବତ କରାଯିବା ସହ ଅଭିଯୁକ୍ତ ଦୁଇ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି।

ବିପୁଳ ମଦ ଜବତ:୬ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାରେ ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବେ ବ୍ୟାପକ ଚଢ଼ଉ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଟାଉନ୍ ଓ ମାର୍ଶାଘାଇ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ କରଞ୍ଜିଆ ଗ୍ରାମର ଅମୀ ରଞ୍ଜନ ଲେଙ୍କା (୩୮)ଙ୍କ ନିକଟରୁ ୩୫ ଲିଟର ଦେଶୀ ମଦ, କାନପୁର ଗ୍ରାମର ସଞ୍ଜୟ କୁମାର ପରିଡ଼ା (୪୭)ଙ୍କ ନିକଟରୁ ୨୯ ଲିଟର ବିଦେଶୀ ମଦ, କଜଳା ଗ୍ରାମର କୁନି ଦାସ (୬୦)ଙ୍କ ନିକଟରୁ ୨୭ ଲିଟର ବିଦେଶୀ ମଦ, ନିମପୁର ଗ୍ରାମର ସୂର୍ଯ୍ୟନାରାୟଣ ରାଉତ (୩୫)ଙ୍କ ନିକଟରୁ ୧୮ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟରସାଇକେଲ ଏବଂ ତେଲଙ୍ଗାବସନ୍ତ ଗ୍ରାମର ତ୍ରିଲୋଚନ ସାହୁ (୪୭)ଙ୍କ ନିକଟରୁ ୧୬ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ବଲଗଣ୍ଡୀ ଗ୍ରାମର କଳ୍ପନା ସାହୁ (୪୨)ଙ୍କ ନିକଟରୁ ୨୫ ଲିଟର ବିଦେଶୀ ମଦ ଜବତ ହୋଇଥିଲା। ଏହି ଚଢ଼ଉରେ ମୋଟ୍ ୧୫୦ ଲିଟର ମଦ ସହ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି। ଘଟଣା ସମ୍ପର୍କରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇଥିବା ବେଳେ ୬ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ରଞ୍ଜନ କୁମାର ପାତ୍ର, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଦୀପକ କୁମାର ଜେନାଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

ବିଦ୍ୟାଳୟରେ ଭାବ ବିନିମୟ ଓ ସାମଗ୍ରୀ ବଣ୍ଟନ

ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ

ମୁକ୍ତା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ବନ୍ଦନା ପଣ୍ଡାଙ୍କ ସହଯୋଗ ଓ ପ୍ରେରଣାକ୍ରମେ ଖୋର୍ଦ୍ଧା ଜିଲ୍ଲା କୁରୁମପଡ଼ା ସ୍ଥିତ ବୌଦ୍ଧିକ ଭିନ୍ନକ୍ଷମ ଶିଶୁମାନଙ୍କ ସ୍ୱତନ୍ତ୍ର ବିଦ୍ୟାଳୟରେ ଏକ ଭାବ ବିନିମୟ ଓ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ସହ-ପ୍ରତିଷ୍ଠାତା ସଂଘମିତ୍ରା ପାଢ଼ୀଙ୍କ ସମେତ ସଦସ୍ୟା ଗୀତାଞ୍ଜଳି ଶତପଥୀ, ଜ୍ୟୋତି ମିଶ୍ର ଓ ଗାୟତ୍ରୀ ମୁଦୁଲି ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଖାଦ୍ୟ ସାମଗ୍ରୀ ଏବଂ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଭୈରବୀ କ୍ଲବ୍‌ର ସଦସ୍ୟମାନଙ୍କ ଦ୍ୱାରା ଆୟୋଜିତ ଏହି ସୁନ୍ଦର କାର୍ଯ୍ୟକ୍ରମରେ ନିକଟସ୍ଥ ବୃଦ୍ଧାଶ୍ରମର ବରିଷ୍ଠ ନାଗରିକମାନଙ୍କ ସହ ମଧ ଭାବ ବିନିମୟ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ, କର୍ମଚାରୀ ଓ ସ୍ନେହାଞ୍ଜଳି ମ୍ୟାଡାମଙ୍କୁ ଧନ୍ୟବାଦ ଦିଆଯାଇଥିଲା। ପ୍ରତ୍ୟେକ ଶିଶୁଙ୍କୁ ସ୍ନେହ, ଯତ୍ନ, ସମ୍ମାନ ଓ ସମାନ ସୁଯୋଗ ପ୍ରଦାନ କରିବା ମୁକ୍ତା ଫାଉଣ୍ଡେସନ୍‌ର ମୁଖ୍ୟ ଲକ୍ଷ୍ୟ। ମୁକ୍ତା ଫାଉଣ୍ଡେସନ୍ ଯେଉଁଠି ଆଶା ଓ ସୁଯୋଗର ମିଳନ ହୁଏ।

ଗଜଲକ୍ଷ୍ମୀ ପୂଜାମେଢ଼ ଓ ମଣ୍ଡପ ପ୍ରତିଯୋଗୀତା ପାଇଁ ଅନ୍‌ଲାଇନ୍‌ଭୋଟିଂ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ାର ଐତିହାସିକ ଗଜଲକ୍ଷ୍ମୀ ପୂଜାର ଭବ୍ୟତା, ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ଆହୁରି ସମୃଦ୍ଧ କରିବା ସହ ପୂଜା କମିଟିଗୁଡ଼ିକର ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ମେଢ଼ ଓ ମଣ୍ଡପ ପ୍ରତିଯୋଗିତା-୨୦୨୬ ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ଛଜ କୋଡ୍ ମାଧମରେ ଅନ୍‌ଲାଇନ୍ ଭୋଟିଂର ବ୍ୟବସ୍ଥା କରାଯାଇଛି। ପ୍ରତିଯୋଗିତାରେ ତିନୋଟି ବିଭାଗରେ ମୂଲ୍ୟାୟନ କରାଯିବ। ପ୍ରଥମ ବିଭାଗରେ ମେଢ଼ର ସୌନ୍ଦର୍ଯ୍ୟ ଓ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତିର ଆକର୍ଷଣୀୟତା, ଦ୍ୱିତୀୟ ବିଭାଗରେ ମଣ୍ଡପର ସାଜସଜ୍ଜା, ସୁଚାରୁ ପରିଚାଳନା, ଦର୍ଶନାର୍ଥୀଙ୍କ ସୁବିଧା ଓ ଶୃଙ୍ଖଳା ଏବଂ ତୃତୀୟ ବିଭାଗରେ ବାହ୍ୟ ଆଲୋକସଜ୍ଜା, ଆକର୍ଷଣୀୟ ତୋରଣ ଓ ସୁନ୍ଦର ପ୍ରବେଶ ପଥକୁ ବିଚାରକୁ ନିଆଯିବ। ମେଢ଼ ଓ ମଣ୍ଡପ ପ୍ରତିଯୋଗିତା ପାଇଁ ଅନ୍‌ଲାଇନ୍ ଭୋଟିଂ ୧ ନଭେମ୍ବର ୨୦୨୬ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ସମୟସୀମା ମଧ୍ୟରେ ଜନସାଧାରଣ ନିଜ ପସନ୍ଦର ମେଢ଼ ଓ ମଣ୍ଡପକୁ ଭୋଟ୍ ଦେଇପାରିବେ। ଭୋଟ୍ ଦେବା ପାଇଁ ଜନସାଧାରଣ ସମ୍ପୃକ୍ତ ପୂଜା ମଣ୍ଡପରେ ଉପଲବ୍ଧ ଛଜ କୋଡ୍ ସ୍କାନ୍ କରିପାରିବେ। ଏହା ସହିତ, ଜିଲ୍ଲା ପ୍ରଶାସନର ଅଫିସିଆଲ୍ (ପୂର୍ବତନ ଟୁଇଟର), ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠା ପରିଦର୍ଶନ କରି ମଧ ଛଜ କୋଡ୍ ପାଇପାରିବେ। ଛଜ କୋଡ୍ ସ୍କାନ୍ କରି ଅନ୍‌ଲାଇନ୍ ଫର୍ମ ଖୋଲିବା ପରେ ନିଜ ପସନ୍ଦର ମେଢ଼ ଓ ମଣ୍ଡପକୁ ଚୟନ କରି ଭୋଟ୍ ଦାଖଲ କରିପାରିବେ। ମେଢ଼ ଓ ମଣ୍ଡପ ପ୍ରତିଯୋଗିତାର ଭୋଟିଂ ସମୟସୀମା ଶେଷ ହେବା ପରେ ଭସାଣି ମେଲଣ ପାଇଁ ଭୋଟିଂ ବ୍ୟବସ୍ଥା ଖୋଲା ରହିବ। ଏହି ପର୍ଯ୍ୟାୟରେ ମଧ ଜନସାଧାରଣ ନିର୍ଦ୍ଧାରିତ ଛଜ କୋଡ୍ ସ୍କାନ୍ କରି ନିଜର ମତ ପ୍ରଦାନ କରିପାରିବେ। ଭସାଣି ମେଲଣ ସମୟରେ ମେଢ଼ଗୁଡ଼ିକର ପ୍ରଦର୍ଶନକୁ ମଧ ବିଚାରକୁ ନିଆଯିବ। ଜଣେ ବ୍ୟକ୍ତି ମେଢ଼ ଓ ମଣ୍ଡପ ପ୍ରତିଯୋଗିତାରେ କେବଳ ଥରେ ଭୋଟ୍ ଦେଇପାରିବେ। ଜନସାଧାରଣଙ୍କୁ ନିରପେକ୍ଷ ଓ ସଚ୍ଚୋଟ ଭାବେ ନିଜର ମୂଲ୍ୟବାନ ମତ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏହି ପ୍ରତିଯୋଗିତା ମାଧ୍ୟମରେ ପୂଜା କମିଟିଗୁଡ଼ିକର କଳାତ୍ମକ ଦକ୍ଷତା, ସୃଜନଶୀଳତା ଓ ସାମୂହିକ ଉଦ୍ୟମକୁ ସ୍ୱୀକୃତି ଦେବା ସହ କେନ୍ଦ୍ରାପଡ଼ାର ଗୌରବମୟ ଗଜଲକ୍ଷ୍ମୀ ପୂଜା ପରମ୍ପରାକୁ ଆହୁରି ଆକର୍ଷଣୀୟ କରିବା ଲକ୍ଷ୍ୟ ରହିଛି। ଏଣୁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଛଜ କୋଡ୍ ସ୍କାନ୍ କରି ଭୋଟ୍ ଦେବା ସହ ଏହି ଅଭିନବ ପଦକ୍ଷେପରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ା ପକ୍ଷରୁ ଅନୁରୋଧ କରାଯାଇଛି।

ଦେଶରେ ଜନତାଙ୍କ ଭୋଟ୍ ଅଧିକାର ସୁରକ୍ଷା ପାଇଁ କଂଗ୍ରେସର ଆନ୍ଦୋଳନ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାର ସୁରକ୍ଷା, ମତଦାତାଙ୍କ ଭୋଟ୍ ଅଧିକାରର ସୁରକ୍ଷା ଏବଂ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଦାବିକୁ ନେଇ କଂଗ୍ରେସ ପକ୍ଷରୁ 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ଆନ୍ଦୋଳନକୁ ଜୋର୍‌ଦାର୍ କରାଯାଉଛି। ଏହି ଅଭିଯାନର ଉଦ୍ଦେଶ୍ୟ, ଆଗାମୀ କାର୍ଯ୍ୟକ୍ରମ ଓ ଦଳର ଆଭିମୁଖ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ପ୍ରଦେଶ କଂଗ୍ରେସ କମିଟି ଓ ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବୌଦ୍ଧ ସର୍କିଟ୍ ହାଉସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଦଳୀୟ ନେତାମାନେ ନିର୍ବାଚନ ବ୍ୟବସ୍ଥାର ବିଶ୍ୱସନୀୟତା, ନିର୍ବାଚନ କମିଶନଙ୍କ ଦାୟିତ୍ୱ ଏବଂ ଗଣତନ୍ତ୍ରରେ ମତଦାତାଙ୍କ ଗୁରୁତ୍ୱ ସମ୍ପର୍କରେ କଂଗ୍ରେସ ତରଫରୁ ନିଜ ନିଜର ମତ ରଖିଥିଲେ। ବୌଦ୍ଧର ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟିର ଶୃଙ୍ଖଳା କମିଟି ଅଧକ୍ଷ ସୁଜିତ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ପର୍ଯ୍ୟବେକ୍ଷକ ମନୋଜ ରଜାନୀ ଯୋଗଦେଇ ନିର୍ବାଚନ ପ୍ରକ୍ରିୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇବା ସହ ତାଙ୍କ ବିରୋଧରେ ଭୋଟ୍ ଚୋରି ସମ୍ପର୍କିତ ଅଭିଯୋଗ ଏବଂ ତାଙ୍କୁ ସୁରକ୍ଷା ଦେବାକୁ ବିଜେପି ଉଦ୍ୟମ କରୁଥିବା ନେଇ ସେ ସମାଲୋଚନା କରିଥିଲେ। ନିର୍ବାଚନ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ବଜାୟ ରଖିବା ପାଇଁ ସ୍ୱଚ୍ଛତା ଓ ନିରପେକ୍ଷତା ଅତ୍ୟନ୍ତ ଜରୁରୀ ବୋଲି ଦଳର ଆଭିମୁଖ୍ୟକୁ ସେ ଉପସ୍ଥାପନ କରିଥିଲେ। ଆସନ୍ତା ନଭେମ୍ବର ୧ ତାରିଖରେ ଦିଲ୍ଲୀ ଠାରେ ହେବାକୁ ଥିବା 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ଆନ୍ଦୋଳନ ସମ୍ପର୍କରେ ମନୋଜ ରଜାନୀ ବିସ୍ତୃତ ସୂଚନା ଦେଇଥିଲେ। ଏହି ଆନ୍ଦୋଳନ ମାଧ୍ୟମରେ ଭୋଟ୍ ଅଧିକାରର ସୁରକ୍ଷା, ନିର୍ବାଚନ ପ୍ରକ୍ରିୟାରେ ଜବାବଦେହିତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ଦାବିକୁ ଜାତୀୟ ସ୍ତରରେ ଉଠାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ, ପ୍ରଦେଶ କଂଗ୍ରେସ କମିଟିର ଶୃଙ୍ଖଳା କମିଟି ସଦସ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ଇନ୍ଦ୍ରଜିତ ମହାକୁଡ଼ ଓଡ଼ିଶାର ରାଜନୈତିକ ପରିସ୍ଥିତି ଓ ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀକୁ ନେଇ ନିଜର ମତ ରଖିଥିଲେ। ରାଜ୍ୟରେ ୨୮ ମାସ ଧରି ଚାଲିଥିବା ସରକାରକୁ ସେ 'ରଙ୍ଗମରା ସରକାର' ବୋଲି ଆଖ୍ୟା ଦେଇ ସମାଲୋଚନା କରିଥିଲେ। ସରକାରଙ୍କ କାର୍ଯ୍ୟଧାରା ଓ ଶାସନ ବ୍ୟବସ୍ଥାକୁ ନେଇ ଲୋକଙ୍କ ମଧ୍ୟରେ ରହିଥିବା ପ୍ରଶ୍ନ ଏବଂ ଅସନ୍ତୋଷକୁ ନେଇ ସେ ଦଳର ପକ୍ଷ ରଖିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ କଲିମ୍ ଖାଁ, ସାଧାରଣ ସମ୍ପାଦକ ଦେବରାଜ ପଟ୍ଟନାୟକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟୁଷ କୁମାର ମହାନନ୍ଦ, ନଗର କଂଗ୍ରେସ ସଭାପତି ତପନ କୁମାର ରାଉତ ରାୟ, ବରିଷ୍ଠ କଂଗ୍ରେସ ନେତା ରଘୁନାଥ ପଲିଆ, ସିଦ୍ଧେଶ୍ୱର ଗିରି ଓ ସମରେଶ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଶେଷରେ ରାଜୀବ ଗାନ୍ଧୀ ରାଜ୍ୟ ସଂଗଠନର ରାଜ୍ୟ ସମ୍ପାଦକ ଉଦୟ ନାଥ ଶର୍ମା ଉପସ୍ଥିତ ସମସ୍ତ ଅତିଥି, ଦଳୀୟ ନେତା, କର୍ମୀ ଓ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା ରକ୍ଷା ନେଇ ଅଧିକାରୀଙ୍କ ଶପଥ ପାଠ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ କନ୍‌ଫରେନ୍ସ ହଲ୍‌ଠାରେ 'ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୬' ଅବସରରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନାରୁ ପ୍ରକାଶ, ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ଦ୍ୱାରା ପ୍ରସାରିତ ସଚ୍ଚୋଟତା ଶପଥପତ୍ର ପାଠ କରାଇଥିଲେ। ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସିଧାପ୍ରସାରଣ କରାଯାଇଥିବା ବେଳେ ଆଭାସୀ ମାଧ୍ୟମରେ ଜିଲ୍ଲା କଲେକ୍ଟରେଟ୍ ସମେତ ସମସ୍ତ ବ୍ଲକ୍ କାର୍ଯ୍ୟାଳୟଗୁଡ଼ିକୁ ସଂଯୋଗ କରାଯାଇଥିଲା, ଯାହାଦ୍ୱାରା ସମସ୍ତ ପ୍ରଶାସନିକ ସ୍ତରର ଅଧିକାରୀ ଓ କର୍ମଚାରୀମାନେ ଏକକାଳୀନ ଏହି ସାଧୁତାର ଶପଥ ଗ୍ରହଣ କରିପାରିଥିଲେ। ଚଳିତ ବର୍ଷ 'ଭିଜିଲାନ୍ସ ସଚେତନତା ସପ୍ତାହ'ର ମୁଖ୍ୟ ବିଷୟବସ୍ତୁ ରହିଛି 'ସାଧୁତାରୁ ସମୃଦ୍ଧି'। ଏହି ବିଷୟବସ୍ତୁ ନୈତିକତା ଏବଂ ସ୍ଥାୟୀ ସମୃଦ୍ଧି ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଦର୍ଶାଉଛି। ବିଶେଷ କରି ସରକାରୀ ଓ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟରେ ସାଧୁତା, ସଚ୍ଚୋଟତା ଏବଂ ନୈତିକ ଆଚରଣକୁ ବଜାୟ ରଖିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି କରିବା, ମଜବୁତ ଉତ୍ତରଦାୟିତ୍ୱ ପ୍ରତିଷ୍ଠା କରିବା ଏବଂ ଏପରି ଏକ ପରିବେଶ ସୃଷ୍ଟି କରିବା ଯେଉଁଥିରେ ଦୁର୍ନୀତିକୁ ପରବର୍ତ୍ତୀ ସମୟରେ ସଂଶୋଧନ କରିବା ଅପେକ୍ଷା ପ୍ରାରମ୍ଭରୁ ହିଁ ରୋକାଯାଇପାରିବ।

ଏକାଥରକେ ତିନି ସନ୍ତାନଙ୍କୁ ଜନ୍ମ ଦେଲେ ମା'

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲାରେ ଏକ ବିରଳ ଓ ଚର୍ଚ୍ଚିତ ଖବର ମିଳିଛି। ପୂର୍ବରୁ ଥିଲେ ୩ଟି ଝିଅ, ଆଶା ଥିଲା ଗୋଟିଏ ପୁଅର... କିନ୍ତୁ ଉମରକୋଟ ମେଡିକାଲ୍‌ରେ ମା' ଜନ୍ମ ଦେଲେ ଏକାଥରକେ ୨ଟି ଝିଅ ଓ ୧ଟି ପୁଅ! ଖୁସିରେ ଜହ୍ନ ତାରା ତୁଳନା କରୁଛି ପାଣ୍ଡେ ପରିବାର। ଆଜି ଆମ ପାଖରେ ରହିଛି ଏକ ଏପରି ଖବର, ଯାହା ଶୁଣିଲେ ଆପଣଙ୍କ ମଧ ମୁହଁରେ ହସ ଫୁଟିଯିବ। କୁହାଯାଏ ଯେ ଭଗବାନ ଯାହା ଦିଅନ୍ତି, ତାହା ବେଉସାରେ ବାଣ୍ଟି ଦିଅନ୍ତି ଏବଂ ଏହି କଥାଟି ସତ ପ୍ରମାଣିତ ହୋଇଛି ନବରଙ୍ଗପୁର ଜିଲ୍ଲାରୁ। ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ସାମଲା ପଞ୍ଚାୟତର ସିଉନାଗୁଡ଼ା ଗାଁରେ। ଏହି ଗାଁର ମହେଶ ପାଣ୍ଡେଙ୍କ ପତ୍ନୀ ଫୁଲମତି ପାଣ୍ଡେଙ୍କର ସକାଳ ଠିକ୍ ୬ଟା ସମୟରେ ଉମରକୋଟ ମେଡିକାଲ୍‌ରେ ପ୍ରସବ ହୋଇଛି। ପରିବାର ସୂତ୍ରରୁ ଜଣାପଡିଛି ଯେ, ମହେଶ ଓ ଫୁଲମତିଙ୍କର ପୂର୍ବରୁ ତିନୋଟି ଝିଅ ସନ୍ତାନ ରହିଥିଲେ। ପରିବାର ଓ ବନ୍ଧୁବାନ୍ଧବଙ୍କର ଆଶା ଥିଲା ଯେ, ଏଥର ଗୋଟିଏ ପୁଅ ସନ୍ତାନ ହେଉ, ଯାହାଦ୍ୱାରା ପରିବାରଟି ପୂର୍ଣ୍ଣ ହୋଇଯିବ। କିନ୍ତୁ ଭଗବାନଙ୍କ ଖେଳ ଥିଲା ନିଆରା। ଫୁଲମତି ଏକାଥରକେ ତିନୋଟି ନବଜାତକଙ୍କୁ ଜନ୍ମ ଦେଇଛନ୍ତି ଯେଉଁଥିରେ ୨ଟି କନ୍ୟା ସନ୍ତାନ ଏବଂ ୧ଟି ପୁତ୍ର ସନ୍ତାନ ରହିଛନ୍ତି। ଏହି ଖବର ପାଇବା ପରେ ମେଡିକାଲ୍ ପରିସରରେ ଏବଂ ସିଉନାଗୁଡ଼ା ଗାଁରେ ଆନନ୍ଦର ଲହରୀ ଖେଳିଯାଇଛି। ପୂର୍ବର ୩ଟି ଝିଅ, ଆଉ ଏବେ ନୂଆ କରି ଜନ୍ମ ନେଇଥିବା ୨ଟି ଝିଅ ଓ ଗୋଟିଏ ପୁଅକୁ ମିଶାଇ ଏବେ ଏହି ଦମ୍ପତି ମୋଟ୍ ୬ ଜଣ ସନ୍ତାନର (୫ଟି ଝିଅ ଓ ୧ଟି ପୁଅ) ଗର୍ବିତ ପିତା-ମାଆ ପାଲଟିଛନ୍ତି। ଡାକ୍ତରଖାନାରୁ ମିଳିଥିବା ସୂଚନା ଅନୁଯାୟୀ, ମା' ଏବଂ ସମସ୍ତ ନବଜାତକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ପାଣ୍ଡେ ପରିବାରରେ ସତେ ଯେମିତି ଦୀପାବଳି ଏବଂ ଦୋଳ ଉତ୍ସବ ଏକାଠି ଆସିଯାଇଛି।

ବୋଲିଂ ଦକ୍ଷତାକୁ ଶାଣିତ କରୁଛନ୍ତି ବୈଭବ

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟର ଉଦୀୟମାନ ତାରକା ବୈଭବ ସୂର୍ଯ୍ୟବଂଶୀ ଏବେ କେବଳ ବ୍ୟାଟିଂ ନୁହେଁ, ବୋଲିଂରେ ମଧ୍ୟ ନିଜ ଦକ୍ଷତା ଦେଖାଇବାକୁ ପ୍ରସ୍ତୁତ ହେଉଛନ୍ତି। ମାତ୍ର ୧୫ ବର୍ଷ ବୟସରେ ନିଜ ବିସ୍ଫୋରକ ବ୍ୟାଟିଂ ପାଇଁ ଚର୍ଚ୍ଚାରେ ଥିବା ଏହି ଯୁବ ଖେଳାଳି ଏବେ ଚୁପଚାପ ନିଜ ବୋଲିଂ ଦକ୍ଷତାକୁ ଶାଣିତ କରିବାରେ ଲାଗିଛନ୍ତି। ଟିମ ଇଣ୍ଡିଆର ସ୍ପିନ ବୋଲିଂ କୋଚ ସାଇରାଜ ବାହୁତୁଲେ ଏହି ଖୁଲାସା କରିଛନ୍ତି।

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚତୁର୍ଥ ଟି-୨୦ ମ୍ୟାଚ ପୂର୍ବରୁ ବୈଭବଙ୍କୁ ପ୍ଲେଇଂ ଇଲେଭେନରୁ ବାଦ ଦିଆଯିବା ନେଇ ଚର୍ଚ୍ଚା ହୋଇଥିଲା। ଇଶାନ କିଶନ ଆହତ ହେବା ପରେ ତାଙ୍କୁ ଦ୍ୱିତୀୟ ଓ ତୃତୀୟ ଟି-୨୦ରେ ଖେଳିବାର ସୁଯୋଗ ମିଳିଥିଲା। ଓ୍ୱେଲିଂଟନ୍‌ରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ସେ ଅଭିଷେକ ଶର୍ମାଙ୍କ ସହ ମିଶି ମାତ୍ର ୬ ଓଭରରେ ୧୦୦ରୁ ଅଧିକ ରନ ଯୋଡ଼ିଥିଲେ। ତେବେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ପରବର୍ତ୍ତୀ ମ୍ୟାଚ୍‌ରେ ତାଙ୍କୁ ସୁଯୋଗ ମିଳି ନ ଥିଲା। ଦଳରେ ଅନେକ ଅଭିଜ୍ଞ ଖେଳାଳି ଥିବାରୁ ପ୍ଲେଇଂ ଇଲେଭେନ୍‌ରେ ସ୍ଥାନ ପାଇବାକୁ କଡ଼ା ପ୍ରତିଯୋଗିତା ରହିଛି।

ସାଇରାଜ ବାହୁତୁଲେ କହିଛନ୍ତି, ବୈଭବ ନିଜ ବୋଲିଂକୁ ନେଇ ବେଶ ଉତ୍ସାହିତ ଏବଂ ନିୟମିତ ଭାବେ ଅଭ୍ୟାସ କରୁଛନ୍ତି। ଏହି ଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରଦା ପଛରେ କଠିନ ପରିଶ୍ରମ କରୁଛନ୍ତି। ଏଥିପାଇଁ ଆହୁରି କିଛି ସମୟ ଲାଗିବ। ତେବେ ଯଦି ବୈଭବ ଟି-୨୦ ମ୍ୟାଚ୍‌ରେ ଗୋଟିଏ କିମ୍ବା ଦୁଇଟି ଓଭର ବୋଲିଂ କରିପାରନ୍ତି, ତେବେ ଏହା ଦଳ ପାଇଁ ବେଶ ଲାଭଦାୟକ ହେବ। ଦଳରେ ଅନେକ ଅଭିଜ୍ଞ ଖେଳାଳି ଅଛନ୍ତି ଏବଂ ସେମାନଙ୍କୁ ମଧ୍ୟ ଉପଯୁକ୍ତ ସୁଯୋଗ ମିଳିବା ଦରକାର। ତେଣୁ ବୈଭବଙ୍କୁ ବୋଲିଂରେ ପ୍ରସ୍ତୁତ ହେବା ପାଇଁ ଆଉ କିଛି ସମୟ ଦେବାକୁ ପଡ଼ିବ।

ସେମିଫାଇନାଲ ସ୍ୱପ୍ନ ଚୂରମାର: ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଲେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ

ହଂକଂ ସୁପର ସିକ୍ସେସ ୨୦୨୬ରେ ଭାରତୀୟ ଦଳର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ରହିଛି। ଦଳର ପ୍ରଦର୍ଶନ କେତେ ଖରାପ ଥିଲା, ତାହା ଏଥିରୁ ଅନୁମାନ କରାଯାଇପାରେ ଯେ, ଗ୍ରୁପ ପର୍ଯ୍ୟାୟରେ ଗୋଟିଏ ବି ମ୍ୟାଚ ଜିତି ନପାରି ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛି ଟିମ ଇଣ୍ଡିଆ।

ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଥିଲା। ଭାରତୀୟ ଦଳ ପାକିସ୍ତାନ ଓ ୟୁଏଇ ସହିତ ଗ୍ରୁପ-ସିରେ ସ୍ଥାନ ପାଇଥିଲା। କିନ୍ତୁ ଏହି ଗ୍ରୁପରେ ୟୁଏଇ ଶୀର୍ଷ ସ୍ଥାନ ହାସଲ କରି ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ପର୍ଯ୍ୟାୟ ଅର୍ଥାତ୍ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପଟେ ଭାରତ ଓ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଥିଲେ।

ହଂକଂ ସୁପର ସିକ୍ସେସ ୨୦୨୬ରେ ଭାରତ ଅକ୍ଟୋବର ୩୧ ତାରିଖରେ ୟୁଏଇ ବିପକ୍ଷରେ ଦ୍ୱିତୀୟ ମ୍ୟାଚ ଖେଳିଥିଲା। ଟୁର୍ଣ୍ଣାମେଣ୍ଟରେ ଆଗକୁ ବଢ଼ିବାର ଆଶା ବଜାୟ ରଖିବାକୁ ଭାରତକୁ ଏହି ମ୍ୟାଚ ବଡ଼ ବ୍ୟବଧାନରେ ଜିତିବାର ଆବଶ୍ୟକତା ଥିଲା। କିନ୍ତୁ କ୍ରୁଣାଲ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଭାରତୀୟ ଦଳ ମ୍ୟାଚ ଜିତିବାରେ ବିଫଳ ହୋଇଥିଲା। ୟୁଏଇ ଭାରତକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା। ତାହା ପୁଣି ୧୦ଟି ବଲ ବାକି ଥାଇ।

ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ୬ ଓଭରରେ ୯୪ ରନ କରିଥିଲା। ଦଳକୁ ଭଲ ଆରମ୍ଭ ମିଳିନଥିଲା। ଓପନର୍ ନୀତିଶ ରାଣା, ରାହୁଲ ତେଓ୍ୱାତିଆ ଓ ଶଶାଙ୍କ ସିଂହ ଦୁଇ ଅଙ୍କର ରନ ମଧ୍ୟ ଛୁଇଁପାରିନଥିଲେ। ରାହୁଲ ତ୍ରିପାଠୀ ୭ଟି ବଲରେ ୨୪ ରନ ଏବଂ କ୍ରୁଣାଲ ପାଣ୍ଡ୍ୟା ୮ଟି ବଲ୍‌ରେ ଅପରାଜିତ ୧୫ ରନ କରିଥିଲେ। ତେବେ ଭାରତକୁ ୯୪ ରନରେ ପହଞ୍ଚାଇବାରେ ସବୁଠାରୁ ବଡ଼ ଭୂମିକା ନେଇଥିଲେ ଟି. ନଟରାଜନ। ବୋଲର୍ ହୋଇଥିଲେ ମଧ୍ୟ ସେ ମାତ୍ର ୧୪ଟି ବଲରେ ୩୮ ରନ କରିଥିଲେ।

ଜିଲ୍ଲାସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା

ବାରିପଦା, ନ୍ୟୁଜ୍‌ବ୍ୟୁରୋ

କୁଳିଅଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁରୁଙ୍ଗାଶୋଳଠାରେ ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ ବାଳକ ବିଭାଗର ସଫ୍ଟବଲ କ୍ରୀଡା ପ୍ରତିଯୋଗିତା, ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଶିଷ ରଞ୍ଜନ ବାସୁରୀ ପୌରହିତ୍ୟରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଚାରକ ଭାବେ କୈଳାଶ ଚନ୍ଦ୍ର ମୋହାଳିକ, ପ୍ରଦୀପ କୁମାର ଚୌଧୁରୀ, ଅଞ୍ଜନ କୁମାର ରାଉତ, ବାବୁଲାଲ ହେମ୍ବ୍ରମ, ସନ୍ତୋଷ କୁମାର ବେହୁରିଆ ଯୋଗ ଦେଇ ଥିଲେ । ସେଣ୍ଟ୍ରାଲ ଅଫିସିୟାଲ ଭାବେ ଦୀପକ ରାମ ଯୋଗ ଦେଇଥିଲେ । ଆସନ୍ତା ନଭେମ୍ବର ମାସ ତୃତୀୟ ସପ୍ତାହରେ ବାଲେଶ୍ୱର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ସଫ୍ଟବଲ କ୍ରୀଡା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ କ୍ରୀଡ଼ାବିତମାନେ ଯୋଗ ଦେବେ । କ୍ରୀଡା କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶଶାଙ୍କ ଶେଖର ମହାପାତ୍ର, ଶିକ୍ଷକ ଦୀପକ କୁମାର ସେଠୀ, ଶିକ୍ଷୟିତ୍ରୀ ବାସୁମତୀ ମାରାଣ୍ଡି, ସୁଷମା ସୁପ୍ରଭା ଦଳେଇ, ମମତା ପ୍ରଧାନ, ଅଫିସ ସହାୟକ ସୁଶାନ୍ତ ମହାନ୍ତ, ଶିକ୍ଷା କର୍ମଚାରୀ ସୁଜିତ ରଞ୍ଜନ ମହାନ୍ତ, ଯଦୁମଣି ଧଳ ସହଯୋଗ କରିଥିଲେ।

ୟୁଏଇଠାରୁ ହାରିଲା ଭାରତ: ନିରାଶାଜନକ ପ୍ରଦର୍ଶନ ଜାରି

ନୂଆଦିଲ୍ଲୀ

ହଂକଂ ସିକ୍ସ ଟୁର୍ଣ୍ଣାମେଣ୍ଟରେ ଟିମ ଇଣ୍ଡିଆର ନିରାଶାଜନକ ପ୍ରଦର୍ଶନ ଜାରି ରହିଛି। ୟୁଏଇ ବିପକ୍ଷ ମ୍ୟାଚ୍‌ରେ ଭାରତ ୬ ଓ୍ୱିକେଟ୍‌ରେ ପରାସ୍ତ ହୋଇଛି। ଏହା ସହିତ ଟୁର୍ଣ୍ଣାମେଣ୍ଟରେ କ୍ରୁଣାଲ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୬ ଓଭରରେ ୯୪ ରନ କରିଥିବା ବେଳେ ୟୁଏଇ ମାତ୍ର ୪.୨ ଓଭର ଅର୍ଥାତ୍ ୨୬ ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

ଭାରତୀୟ ବ୍ୟାଟିଂ ବିଭାଗ ପୁଣିଥରେ ନିରାଶ କରିଥିଲା। ଦଳ ପକ୍ଷରୁ ଟି. ନଟରାଜନ ୧୪ଟି ବଲ୍‌ରୁ ୩୮ ରନର ଦମଦାର ଇନିଂସ ଖେଳିଥିଲେ। ତାଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଭାରତ ୯୪ ରନ୍‌ରେ ପହଞ୍ଚି ପାରିଥିଲା। ଅନ୍ୟପଟେ ନୀତିଶ ରାଣା, ରାହୁଲ ତେଓ୍ୱାତିଆ ଓ ଶଶାଙ୍କ ସିଂହଙ୍କ ଭଳି ଖେଳାଳି ସମ୍ପୂର୍ଣ୍ଣ ଫେଲ ମାରିଥିଲେ। ନୀତିଶ ମାତ୍ର ୬ ରନ କରିଥିବା ବେଳେ ରାହୁଲ ତେଓ୍ୱାତିଆ ଓ ଶଶାଙ୍କ ସିଂହ ମାତ୍ର ୧ ରନ ଲେଖାଏ କରି ଆଉଟ ହୋଇଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଏହି ଖେଳାଳିମାନେ ନିଜ ଦକ୍ଷତା ଅନୁଯାୟୀ ପ୍ରଦର୍ଶନ କରିପାରି ନଥିଲେ।

୯୫ ରନର ଲକ୍ଷ୍ୟକୁ ପିଛା କରି ୟୁଏଇ ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଖେଳ ଦେଖାଇଥିଲା। ଖାଲିଦ ଶାହ ଟି. ନଟରାଜନଙ୍କ ପ୍ରଥମ ଓଭରରୁ ୨୫ ରନ ଆଦାୟ କରିଥିଲେ। ଦ୍ୱିତୀୟ ଓଭରରେ ଶଶାଙ୍କ ସିଂହ ବୋଲିଂ କରିବାକୁ ଆସିଥିଲେ। ତାଙ୍କ ପ୍ରଥମ ୩ଟି ବଲ୍‌ରେ ୨ଟି ଛକା ସହ ୧୬ ରନ ହୋଇଥିଲା। ତେବେ ଶଶାଙ୍କ ଶେଷ ୩ଟି ବଲ୍‌ରେ କୌଣସି ରନ ଦେଇ ନ ଥିଲେ। କିନ୍ତୁ ତୃତୀୟ ଓଭରରେ ନୀତିଶ ରାଣା ବୋଲିଂ କରିବାକୁ ଆସିବା ପରେ ୟୁଏଇ ବ୍ୟାଟର୍ ପୁଣି ଆକ୍ରମଣ ଆରମ୍ଭ କରିଥିଲେ। ଏହି ଓଭରରେ ୨୪ ରନ ଖର୍ଚ୍ଚ ହୋଇଥିଲା। ଖାଲିଦ ଶାହ ଓ ଅଂଶ ଟଣ୍ଡନ ଭାରତୀୟ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ। ଚତୁର୍ଥ ଓଭରରେ ନଟରାଜନଙ୍କ ଉପରେ ରନ ରୋକିବାର ଦାୟିତ୍ୱ ଥିଲା। କିନ୍ତୁ ସେ ନିଜ ଦ୍ୱିତୀୟ ଓଭରରେ ୧୯ ରନ ବ୍ୟୟ କରିଥିଲେ। ଏହାପରେ ୟୁଏଇର ବିଜୟ କେବଳ ଔପଚାରିକତା ହୋଇ ରହିଥିଲା।

ଭାରତୀୟ ଅଧିନାୟକ କ୍ରୁଣାଲ ପାଣ୍ଡ୍ୟାଙ୍କ ପାଇଁ ମଧ୍ୟ ଏହି ମ୍ୟାଚ ନିରାଶାଜନକ ରହିଥିଲା। ପୂର୍ବ ମ୍ୟାଚ୍‌ର ଗୋଟିଏ ଓଭରରେ ତାଙ୍କୁ ଲଗାତାର ୫ଟି ଛକା ମାଡ଼ ହୋଇଥିଲା। ୟୁଏଇ ବିପକ୍ଷରେ ବୋଲିଂ କରିବାକୁ ଆସିବା ପରେ ଖାଲିଦ ଶାହ ତାଙ୍କ ପ୍ରଥମ ଦୁଇଟି ବଲ୍‌ରେ ଦୁଇଟି ଛକା ମାରିଥିଲେ।

ଏହି ଟୁର୍ନାମେଣ୍ଟରେ କ୍ରୁଣାଲ ଏପର୍ଯ୍ୟନ୍ତ ମୋଟ ୮ଟି ବଲ ବୋଲିଂ କରିଥିବାବେଳେ ୭ଟି ଛକା ଖାଇଛନ୍ତି। ତାଙ୍କ ବୋଲିଂ ଏବେ ଭାରତ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ୟୁଏଇ ବିପକ୍ଷ ପରାଜୟ ପରେ ଗ୍ରୁପ-ସି ପଏଣ୍ଟ ଟେବୁଲ୍‌ରେ ଭାରତ ଶେଷ ସ୍ଥାନକୁ ଖସି ଆସିଛି। ଭାରତ ଏପର୍ଯ୍ୟନ୍ତ ଖେଳିଥିବା ଉଭୟ ମ୍ୟାଚ୍‌ରେ ପରାଜିତ ହୋଇଛି। ଅନ୍ୟପଟେ ୟୁଏଇ ଉଭୟ ମ୍ୟାଚ ଜିତି ଶୀର୍ଷ ସ୍ଥାନରେ ରହିଛି। ପାକିସ୍ତାନ ଦ୍ୱିତୀୟ ସ୍ଥାନରେ ଅଛି। ଲଗାତାର ଦୁଇଟି ପରାଜୟ ପରେ ଟୁର୍ଣ୍ଣାମେଣ୍ଟରେ ଭାରତର ଆଗକୁ ବଢ଼ିବା ରାସ୍ତା କଷ୍ଟକର ହୋଇପଡ଼ିଛି।

ଅନ୍ୟପଟେ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଟି-୨୦ରେ ଭାରତୀୟ ଦଳକୁ ୮୭ ରନ୍‌ରେ ପରାଜୟ ବରଣ କରିବାକୁ ପଡ଼ିଛି। ଖ୍ରୀଷ୍ଟଚର୍ଚ୍ଚର ହାଗ୍ଲି ଓଭାଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ଓ୍ୱିକେଟ ହରାଇ ୨୫୯ ରନ କରିଥିଲା। ଜବାବରେ ଭାରତୀୟ ଦଳ ୨୦ ଓଭରରେ ୯ ଓ୍ୱିକେଟ ହରାଇ ମାତ୍ର ୧୭୨ ରନ କରିପାରିଥିଲା। ଫଳରେ ନ୍ୟୁଜିଲାଣ୍ଡ ୮୭ ରନର ବଡ଼ ବିଜୟ ହାସଲ କରିଥିଲା।

ବର୍ତ୍ତମାନ ବୈଭବଙ୍କ ବୋଲିଂ ଅଭ୍ୟାସକୁ ନେଇ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ଯଦି ସେ ବ୍ୟାଟିଂ ସହ ବୋଲିଂରେ ମଧ୍ୟ ନିଜକୁ ପ୍ରମାଣିତ କରନ୍ତି, ତେବେ ଭାରତୀୟ ଦଳ ପାଇଁ ଜଣେ ଉପଯୋଗୀ ଅଲରାଉଣ୍ଡର ଭାବେ ଉଭା ହୋଇପାରନ୍ତି।

ବିସିସିଆଇର ବଡ଼ ଘୋଷଣା: ନ୍ୟୁଜିଲାଣ୍ଡ ସିରିଜ ପୂର୍ବରୁ ବଦଳିଲା ଟିମ ଇଣ୍ଡିଆ

ନୂଆଦିଲ୍ଲୀ

ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳରେ ଆକିବ ନବୀଙ୍କ ଏଣ୍ଟ୍ରି ହୋଇଛି। ବିସିସିଆଇ ପୁଣି ଥରେ ଟିମ ଇଣ୍ଡିଆରେ ପରିବର୍ତ୍ତନ କରିଛି। ପୂର୍ବରୁ ଜମ୍ମୁ-କଶ୍ମୀରର ଆକିବ ନବୀଙ୍କୁ ତୃତୀୟ ଓ ଚତୁର୍ଥ ମ୍ୟାଚ ପାଇଁ ଦିନିକିଆ ଦଳରେ ସ୍ଥାନ ମିଳିଥିଲା। ଏବେ ତାଙ୍କୁ ପ୍ରଥମ ତିନୋଟି ଦିନିକିଆ ମ୍ୟାଚ ପାଇଁ ମଧ୍ୟ ଦଳରେ ସାମିଲ କରାଯାଇଛି।

ଗତ ମାସରେ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ମ୍ୟାଚ ଖେଳି ଆକିବ ନବୀ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିଲେ। ପ୍ରଥମ ମ୍ୟାଚରେ ସେ ୮୪ ରନ ବ୍ୟୟ କରିଥିଲେ। ଏହା ସତ୍ତ୍ୱେ ଟିମ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତା ତାଙ୍କ ଉପରେ ଭରସା ରଖିଛନ୍ତି।

ସୂଚନାଯୋଗ୍ୟ, ଶୁଭମନ ଗିଲ ଓ ନୀତିଶ କୁମାର ରେଡ୍ଡୀ ଶେଷ ଦୁଇଟି ଦିନିକିଆ ମ୍ୟାଚରେ ଖେଳିବେ ନାହିଁ। ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଗିଲ ଓ ନୀତିଶ ନଭେମ୍ବର ୧୩ ଏବଂ ୧୫ ତାରିଖରେ ହେବାକୁ ଥିବା ଦିନିକିଆ ମ୍ୟାଚରୁ ବାଦ ପଡ଼ିବେ।

ପ୍ରଥମ ୩ଟି ଦିନିକିଆ ପାଇଁ ଭାରତୀୟ ଦଳ:

ଶୁଭମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), କେଏଲ ରାହୁଲ, ଅକ୍ଷର ପଟେଲ, ନମନ ଧୀର, ଅଂଶୁଲ କାମ୍ବୋଜ, ଗୁରନୂର ବରାଡ, ଋତୁରାଜ ଗାଏକ୍ୱାଡ, ଅର୍ଶଦୀପ ସିଂହ, ଇଶାନ କିଶନ, ମହମ୍ମଦ ସିରାଜ, କୁଲଦୀପ ଯାଦବ, ନୀତିଶ କୁମାର ରେଡ୍ଡୀ ଓ ଆକିବ ନବୀ।

ଶେଷ ୨ଟି ଦିନିକିଆ ପାଇଁ ଭାରତୀୟ ଦଳ:

ଶ୍ରେୟସ ଆୟର (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ତିଳକ ବର୍ମା, ଇଶାନ କିଶନ, ଅକ୍ଷର ପଟେଲ, ନମନ ଧୀର, ଆକିବ ନବୀ, ଗୁରନୂର ବରାଡ, ଋତୁରାଜ ଗାଏକ୍ୱାଡ, ଅର୍ଶଦୀପ ସିଂହ, କୁମାର କୁଶାଗ୍ର, ମହମ୍ମଦ ସିରାଜ, ଯଶ ଠାକୁର ଓ କୁଲଦୀପ ଯାଦବ।

ଚେତେଶ୍ୱର ପୂଜାରା ବାଛିଲେ ସର୍ବଶ୍ରେଷ୍ଠ ଦିନିକିଆ ଦଳ : ବାଦ୍ ପଡ଼ିଲେ ଆୟର-ବ୍ରୁକ୍

ନୂଆଦିଲ୍ଲୀ

ଭାରତର ଅଭିଜ୍ଞ କ୍ରିକେଟର ଚେତେଶ୍ୱର ପୂଜାରା ନିଜର ଦିନିକିଆ ସର୍ବୋତ୍ତମ ପ୍ଲେଇଂ ୧୧ ଚୟନ କରିଛନ୍ତି। ପୂଜାରା ଦିନିକିଆରେ ନିଜର ସର୍ବଶ୍ରେଷ୍ଠ ୧୧ ଜଣ ଖେଳାଳିଙ୍କ ତାଲିକାରୁ ଶ୍ରେୟସ ଆୟର ଓ ହ୍ୟାରୀ ବ୍ରୁକଙ୍କୁ ବାଦ୍ ଦେଇଛନ୍ତି। ସେ ସମ୍ପୂର୍ଣ୍ଣ ଟପ୍ ଅର୍ଡରର ଦାୟିତ୍ୱ ଭାରତର ବର୍ତ୍ତମାନର ତ୍ରିମୂର୍ତ୍ତିଙ୍କୁ ଦେଇଛନ୍ତି। ଅନ୍ୟପଟେ ପୂଜାରା ନିଜର ସର୍ବୋତ୍ତମ ପ୍ଲେଇଂ ୧୧ ମଧ୍ୟରୁ ୬ ଜଣ ଖେଳାଳି କେବଳ ଭାରତରୁ ହିଁ ଚୟନ କରିଛନ୍ତି।

ଗତ ପ୍ରାୟ ୨ ବର୍ଷ ମଧ୍ୟରେ ନମ୍ବର-୪ ବ୍ୟାଟିଂ କ୍ରମରେ ସାରା ବିଶ୍ୱରେ ନିଜର ଦବ୍‌ଦବା ଜାହିର କରିଥିବା ଶ୍ରେୟସ ଆୟରଙ୍କୁ ପୂଜାରା ନିଜ ପ୍ଲେଇଂ ୧୧ରୁ ବାଦ୍ ରଖିଛନ୍ତି। ସେହିପରି ହ୍ୟାରୀ ବ୍ରୁକ ନିକଟରେ ଦିନିକିଆ ଇତିହାସର ଦ୍ରୁତତମ ଦ୍ୱିଶତକ ଅର୍ଜନ କରିଥିଲେ। ପୂଜାରା ବ୍ରୁକଙ୍କୁ ମଧ୍ୟ ନିଜ ଦଳରେ ସ୍ଥାନ ଦେଇନାହାନ୍ତି।

ଚେତେଶ୍ୱର ପୂଜାରା ନିଜର ସର୍ବଶ୍ରେଷ୍ଠ ଦିନିକିଆ ପ୍ଲେଇଂ ଇଲେଭେନରେ ଓପନିଂ ଦାୟିତ୍ୱ ଶୁବମନ ଗିଲ୍ ଏବଂ ରୋହିତ ଶର୍ମାଙ୍କୁ ସମ୍ପିଛନ୍ତି। ସେହିପରି ତୃତୀୟ ସ୍ଥାନରେ ବିରାଟ କୋହଲି ଆସିବେ। ଏହି ତିନି ଜଣ ଯାକ ବ୍ୟାଟ୍ସମ୍ୟାନ ଭାରତୀୟ ଦିନିକିଆ ଦଳରେ ଏହି କ୍ରମରେ ହିଁ ବ୍ୟାଟିଂ କରନ୍ତି। ଏହି ତିନି ଜଣ ବର୍ଷ ୨୦୨୬ରେ ସବୁଠାରୁ ଅଧିକ ଦିନିକିଆ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସାମିଲ ଅଛନ୍ତି। ଗିଲ୍ ଚଳିତ ବର୍ଷ ୮୯୫ ରନ୍ କରିସାରିଛନ୍ତି। ରୋହିତ ଶର୍ମା ୬୦୪ ରନ୍ ଏବଂ ବିରାଟ କୋହଲି ମଧ୍ୟ ଚଳିତ ବର୍ଷ ୫୫୨ ରନ୍ ସଂଗ୍ରହ କରିସାରିଛନ୍ତି।

ଚଳିତ ବର୍ଷ ଦିନିକିଆରେ ୮୫ର ଚମତ୍କାର ହାରାହାରିରେ ୬୮୦ ରନ୍ ସଂଗ୍ରହ କରିସାରିଥିବା ଜୋ ରୁଟ୍ ଚତୁର୍ଥ ସ୍ଥାନରେ ଆସିବେ। ଏହା ବ୍ୟତୀତ ପୂଜାରା ମିଡିଲ୍ ଅର୍ଡରରେ କେଏଲ୍ ରାହୁଲ ଏବଂ ଓ୍ୱେଷ୍ଟଇଣ୍ଡିଜର ବର୍ତ୍ତମାନର ହ୍ୱାଇଟ୍ ବଲ୍ ଅଧିନାୟକ ଶାଇ ହୋପ୍‌ଙ୍କୁ ମଧ୍ୟ ସ୍ଥାନ ଦେଇଛନ୍ତି। ରାହୁଲଙ୍କର ମିଡିଲ୍ ଓଭରଗୁଡ଼ିକରେ ଆସି ଇନିଂସକୁ ସମ୍ଭାଳିବାରେ ବିଶେଷ ଦକ୍ଷତା ରହିଛି। ଅଲରାଉଣ୍ଡର ଭୂମିକାରେ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ରହିବେ, ଯିଏକି ଏହି ସମୟରେ ବୋଧହୁଏ ନିଜ କ୍ୟାରିୟରର ସର୍ବଶ୍ରେଷ୍ଠ ଫର୍ମରେ ଗତି କରୁଛନ୍ତି। ବିଶ୍ୱର ନମ୍ବର-୧ ଦିନିକିଆ ବୋଲର ରସିଦ ଖାନ ଏବଂ ମିଚେଲ ସାଣ୍ଟନରଙ୍କୁ ଅଣଦେଖା କରି ପୂଜାରା ନିଜ ପ୍ଲେଇଂ ଇଲେଭେନରେ ମୁଖ୍ୟ ସ୍ପିନର ଭାବେ କୁଲଦୀପ ଯାଦବଙ୍କୁ ସାମିଲ କରିଛନ୍ତି। ଯେତେବେଳେ କି ଦ୍ରୁତ ବୋଲିଂ ବିଭାଗରେ ସେ ଜସପ୍ରୀତ ବୁମ୍ରା, ମ୍ୟାଟ୍ ହେନ୍ରି ଏବଂ ଜେଡନ ସିଲ୍ସଙ୍କୁ ସ୍ଥାନ ଦେଇଛନ୍ତି।

ଚେତେଶ୍ୱର ପୂଜାରାଙ୍କ ସର୍ବୋତ୍ତମ ଦିନିକିଆ ପ୍ଲେଇଂ ଇଲେଭେନ : ଶୁବମନ ଗିଲ୍, ରୋହିତ ଶର୍ମା, ବିରାଟ କୋହଲି, ଜୋ ରୁଟ୍, କେଏଲ୍ ରାହୁଲ, ଶାଇ ହୋପ୍, ମାର୍କୋ ଜାନସେନ, ଜସପ୍ରୀତ ବୁମ୍ରା, ମ୍ୟାଟ୍ ହେନ୍ରି, ଜେଡନ ସିଲ୍ସ, କୁଲଦୀପ ଯାଦବ।

ବିଏସଏନଏଲ ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ କର୍କଟ ଓ ଏଚପିଭି ସ୍କ୍ରିନିଂ ଶିବିର

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ସ୍ତନ କର୍କଟ ସଚେତନତା ମାସ (‘ପିଙ୍କ୍ ଅକ୍ଟୋବର’) ଉପଲକ୍ଷେ ଭୁବନେଶ୍ୱରସ୍ଥିତ ବିଏସଏନଏଲ ଓଡ଼ିଶା ସର୍କଲ ମୁଖ୍ୟ କାର୍ଯ୍ୟାଳୟରେ କ୍ରିୟା ଫାଉଣ୍ଡେସନ୍, ବିଏସଏନଏଲ ଏବଂ ଓଡ଼ିଶା ସରକାରଙ୍କ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ଏକ ବ୍ୟାପକ କର୍କଟ ସଚେତନତା ତଥା ସ୍କ୍ରିନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ଶିବିରକୁ ବିଏସଏନଏଲ ଓଡ଼ିଶା ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଡି. କେ. ବେହେରା, ଉତ୍କଳ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ସଞ୍ଜୟ ମିଶ୍ର ଏବଂ କ୍ରିୟା ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ଲିଲି ଜେନାମଣି ମିଳିତ ଭାବେ ଉଦଘାଟନ କରିଥିଲେ। ବିଏସଏନଏଲର ବରିଷ୍ଠ ପଦାଧିକାରୀ, କର୍ମଚାରୀ ଏବଂ କ୍ରିୟା ଫାଉଣ୍ଡେସନର ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଅପରାହ୍ଣରେ ଆୟୋଜିତ ସଚେତନତା ଅଧିବେଶନରେ ଯୋଗଦେଇ କ୍ରିୟା ଫାଉଣ୍ଡେସନର ଅଧ୍ୟକ୍ଷା ଜେନାମଣି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସଚେତନତା ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ନିରୂପଣ ହିଁ କର୍କଟ ରୋଗର ସଫଳ ନିରାକରଣ ଓ ଉପଚାରର ମୂଳଦୁଆ ବୋଲି ସେ ପ୍ରକାଶ କରିଥିଲେ।

ଏହି ସଚେତନତା କାର୍ଯ୍ୟକ୍ରମରେ ବିଶିଷ୍ଟ ଚିକିତ୍ସା ବିଶେଷଜ୍ଞମାନେ ସ୍ୱତନ୍ତ୍ର ଅଧିବେଶନ ପରିଚାଳନା କରିଥିଲେ: ସ୍ପର୍ଶ ହସ୍ପିଟାଲ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଘନଶ୍ୟାମ ବିଶ୍ୱାସ ସ୍ତନ କର୍କଟର ପ୍ରାଥମିକ ଲକ୍ଷଣ, ସମ୍ଭାବ୍ୟ କାରଣ ଏବଂ ଆଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଡାକ୍ତର ସୋନି ନନ୍ଦ, ସହକାରୀ ପ୍ରଫେସର, ସ୍ତ୍ରୀରୋଗ ବିଭାଗ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ – ଏଏଚପିଜିଆଇସି କଟକ) ମହିଳାମାନଙ୍କ ଜରାୟୁ କର୍କଟ ନିରାକରଣ, ପ୍ରଜନନ ସ୍ୱାସ୍ଥ୍ୟ ଏବଂ ଏଚପିଭି ପରୀକ୍ଷାର ଗୁରୁତ୍ୱ ସମ୍ପର୍କରେ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ।

ଆଲୋଚନା ଚକ୍ର ପରେ ଡାକ୍ତର ସଞ୍ଜୟ ମିଶ୍ର ଏବଂ ଡାକ୍ତର ଶ୍ୱେତାଲିନା ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଶେଷଜ୍ଞ ପରାମର୍ଶ, କ୍ଲିନିକାଲ୍ କର୍କଟ ଯାଞ୍ଚ ଏବଂ ଏଚ୍.ପି.ଭି ସ୍କ୍ରିନିଂ କରାଯାଇଥିଲା। ବିଏସଏନଏଲର କର୍ମଚାରୀ, ଟେଲିକମ୍ ମହିଳା କଲ୍ୟାଣ ସଂଗଠନର ସଦସ୍ୟା ଏବଂ ସେମାନଙ୍କ ପରିବାରବର୍ଗଙ୍କ ସମେତ ପାଖାପାଖି ୧୦୦ ଜଣ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ସୁବିଧାର ଲାଭ ଉଠାଇଥିଲେ।

ଏକ ପ୍ରଶ୍ନୋତ୍ତର ପର୍ଯ୍ୟାୟ ପରେ ବିଏସଏନଏଲ ଓଡ଼ିଶା ସର୍କଲର ସିଜିଏମ, ଟି.ଡବ୍ଲୁ.ଡବ୍ଲୁ.ଓ ର ସଭାପତି ମମତା ବେହେରା, ସମ୍ପାଦିକା ଗାୟତ୍ରୀ ମଲ୍ଲିକ ଏବଂ ଆୟୋଜକ ଦଳଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା। ସରକାରୀ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ଏଭଳି ସହଭାଗିତା ରାଜ୍ୟରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ଆଗେଇ ନେବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା।

ଅବସର ନେବେ ରୋହିତ-କୋହଲି !

ନୂଆଦିଲ୍ଲୀ

ନିକଟରେ ଯୁବରାଜ ସିଂ ବଡ଼ ବୟାନ ଦେଇଛନ୍ତି। ଅଭିଷେକ ଶର୍ମା ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଯୁବ ଖେଳାଳିଙ୍କୁ ଦିନିକିଆ ଦଳରେ ନିଶ୍ଚିତ ସୁଯୋଗ ମିଳିବା ଉଚିତ ବୋଲି ଯୁବରାଜ କହିଛନ୍ତି।

ଆଗାମୀ ପିଢ଼ିର କ୍ରିକେଟରଙ୍କୁ ଗଢ଼ି ତୋଳିବାରେ ଲାଗିଛନ୍ତି ଯୁବରାଜ ସିଂ। ପ୍ରକୃତରେ ଅଭିଷେକ ଶର୍ମା, ଶୁଭମନ ଗିଲ ଏବଂ ପ୍ରଭସିମରନ ସିଂଙ୍କ ଭଳି କ୍ରିକେଟରଙ୍କୁ ଯୁବରାଜ ହିଁ ନିଜ ମାର୍ଗଦର୍ଶନରେ ଗଢ଼ି ତୋଳିଛନ୍ତି। ତାଙ୍କ କହିବା ଅନୁସାରେ, ଅଭିଷେକ, ବୈଭବ ସୂର୍ଯ୍ୟବଂଶୀ ଏବଂ ଇଶାନ କିଶନଙ୍କ ଭଳି ଖେଳାଳିଙ୍କୁ ଯଦି ଦିନିକିଆ ଦଳରେ ସୁଯୋଗ ନମିଳେ, ତେବେ ଏହା ସେମାନଙ୍କ ପ୍ରତିଭାର ଅପଚୟ ହେବ।

ନିକଟରେ ଯୁବରାଜ ସିଂ ମୁମ୍ବାଇ ଯାଇଥିଲେ। ଏଠାରେ ଅଭିଷେକ ଶର୍ମାଙ୍କୁ ଦିନିକିଆ ଦଳରେ ସାମିଲ କରିବା ପ୍ରସଙ୍ଗରେ ସେ କହିଥିଲେ, ମୁଁ ତାଙ୍କୁ (ଅଭିଷେକ) ଦିନିକିଆ ଦଳରେ ଦେଖିବାକୁ ନିଶ୍ଚିତ ଭାବେ ଚାହିଁବି। ମୁଁ ପୂର୍ବରୁ ମଧ୍ୟ କହିଛି ଯେ, ଯଦି ଆମେ ଅଭିଷେକ, ଇଶାନ କିଶନ ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଖେଳାଳିଙ୍କୁ ୫୦ ଓଭର ଫର୍ମାଟରେ ସୁଯୋଗ ନଦେବା, ତେବେ ଆମେ କେଉଁଠି ନା କେଉଁଠି ନିଜ ପ୍ରତିଭା ସହ ଅନ୍ୟାୟ କରିବା। ଏହି ତିନି ଜଣ ବ୍ୟାଟର ଟି-୨୦ କ୍ରିକେଟରେ ଟପ୍ ଅର୍ଡରର ଦାୟିତ୍ୱ ସମ୍ଭାଳୁଛନ୍ତି। ଅନ୍ୟପଟେ ୨୦୨୭ ଦିନିକିଆ ବିଶ୍ୱକପ ପରେ ସମ୍ଭବତଃ ରୋହିତ ଶର୍ମା ଏବଂ ବିରାଟ କୋହଲି ଅବସର ନେଇପାରନ୍ତି। ଏହାପରେ ଭାରତୀୟ ଦଳର ଟପ ଅର୍ଡରରେ ଦୁଇଟି ସ୍ଥାନ ଖାଲି ହୋଇପାରେ। ବିଶେଷ କରି ଅଭିଷେକ ଶର୍ମା ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ପାଖରେ ଲିଷ୍ଟ-ଏ ଓ ଦିନିକିଆ କ୍ରିକେଟର ଅଧିକ ଅଭିଜ୍ଞତା ନାହିଁ। ବୈଭବ ଏପର୍ଯ୍ୟନ୍ତ ମାତ୍ର ୧୩ଟି ଲିଷ୍ଟ-ଏ ମ୍ୟାଚ ଖେଳିଛନ୍ତି। ତଥାପି ଏହି ଯୁବ ଖେଳାଳିଙ୍କୁ ଦିନିକିଆ ଦଳ ପାଇଁ ପ୍ରସ୍ତୁତ କରିବାକୁ ଟିମ ମ୍ୟାନେଜମେଣ୍ଟ ଉଦ୍ୟମ କରିବା ଉଚିତ ବୋଲି ଯୁବରାଜ ମତ ଦେଇଛନ୍ତି।

ଯୁବରାଜ ସିଂ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ବର୍ତ୍ତମାନ ୫୦ ଓଭର ଫର୍ମାଟରେ ଅଭିଷେକ, ବୈଭବ ଏବଂ ଇଶାନଙ୍କ ପାଇଁ ସ୍ଥାୟୀ ସ୍ଥାନ ହାସଲ କରିବା ସହଜ ନୁହେଁ। କିନ୍ତୁ ସେମାନଙ୍କର ବର୍ତ୍ତମାନର ଦମ୍‌ଦାର ପ୍ରଦର୍ଶନକୁ ଦେଖିଲେ ଖୁବଶୀଘ୍ର ସେମାନଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳିବା ଉଚିତ।

ଅଢ଼େଇ ବର୍ଷ ବୟସରେ ସ୍କେଟିଂରେ କମାଲ

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ଅଦ୍ୱିତ

କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ

ଯେଉଁ ବୟସରେ ଶିଶୁଟିଏ ଠିକ୍ ଭାବରେ କଥା କହିବା ମଧ୍ୟ ଶିଖିନଥାଏ, ସେହି ବୟସରେ ନିଜର ଅସାଧାରଣ ପ୍ରତିଭା ଦେଖାଇ ଚର୍ଚ୍ଚାକୁ ଆସିଛନ୍ତି ଅଢ଼େଇ ବର୍ଷର ଶିଶୁ ଅଦ୍ୱିତ (ଯୁଗୁ)। ଅଳ୍ପ ବୟସରେ ସ୍କେଟିଂ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରି ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ନିଜ ନାମ ସ୍ଥାନିତ କରିଛନ୍ତି। ଏହି ସଫଳତା କେବଳ ପରିବାର ପାଇଁ ନୁହେଁ, ବରଂ ଜିଲ୍ଲା ଓ ରାଜ୍ୟ ପାଇଁ ମଧ୍ୟ ଗୌରବର ବିଷୟ ପାଲଟିଛି। ସମ୍ବଲପୁରର ମୂଳ ବାସିନ୍ଦା ତଥା ବର୍ତ୍ତମାନ କଣ୍ଟାବାଞ୍ଜି ରେଳବାଇ କଲୋନୀରେ ରହୁଥିବା ରେଳ ବିଭାଗର ଜଣେ ବଡ଼ ଅଧିକାରୀ ମାନସ କୁମାର ବେହେରାଙ୍କ ପୁଅ ହେଉଛନ୍ତି ଅଦ୍ୱିତ। ମାନସ ନିଜେ ବିଭିନ୍ନ ଖେଳକୁଦ ପ୍ରତି ରୁଚି ରଖୁଥିବାରୁ ପୁଅ ମଧ୍ୟ ଖେଳ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରୁ ବୋଲି ସ୍ୱପ୍ନ ଦେଖୁଥିଲେ। ତେବେ ଏତେ କମ୍ ବୟସରେ ପୁଅ ଏଭଳି ସଫଳତା ହାସଲ କରିବ ବୋଲି ସେ କେବେ ଭାବିନଥିଲେ। ମାଆ ଆଞ୍ଚଲ ବେହେରାଙ୍କ ତତ୍ତ୍ୱାବଧାନ ଓ ନିୟମିତ ଅଭ୍ୟାସ ଯୋଗୁଁ ଅଦ୍ୱିତ ଅତି କମ୍ ବୟସରୁ ସ୍କେଟିଂ ଶିଖିବା ଆରମ୍ଭ କରିଥିଲେ। ବଡ଼ ପିଲାଙ୍କ ଭଳି ସହଜରେ ସ୍କେଟିଂ କରିବା ସହ ବାପା ଓ ମାଆ ଯେଉଁଭଳି ଭାବରେ କରିବାକୁ କହନ୍ତି, ଠିକ୍ ସେହିଭଳି କରି ଦେଖାଉଛନ୍ତି ଯୁଗୁ। ତାଙ୍କର ଏହି ଅସାଧାରଣ ପ୍ରତିଭା ତାଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ଦେଇଛି। ଅଦ୍ୱିତଙ୍କ ଏହି ସଫଳତାରେ ତାଙ୍କ ଅଜା ଲରମ୍ବା କଲେଜର ଅବସର ପ୍ରାପ୍ତ ପ୍ରିନ୍ସପାଲ ଡ. ନରେନ୍ଦ୍ର ବେହେରା ଓ ଆଈ ତରାବତୀ ବେଶ୍ ଖୁସି ଓ ଗର୍ବ ଅନୁଭବ କରୁଛନ୍ତି। ପରିବାରର ସ୍ନେହ, ସହଯୋଗ ଓ ଉତ୍ସାହ ମଧ୍ୟରେ ଅଦ୍ୱିତଙ୍କ ଏହି ପ୍ରତିଭା ଆଗକୁ ଆହୁରି ବିକଶିତ ହେବ ବୋଲି ଆଶା ରଖିଛନ୍ତି ପରିବାରବର୍ଗ।

Government of Odisha "e" Procurement Notice

Bid Identification No.44 /2026-27 13001/2323/2627

1.	Name of the work	:	02 Nos. of work
2.	Estimated cost	:	10.29 lakh to 34.90 Lakh.
3.	Period of completion	:	Two months.
4.	Date & Time of availability of bid document in the portal	:	From 11.00 AM. of 02.11.2026 to 5.00 PM of 16.11.2026
5.	Last date / time for receipt of bids in the portal	:	5.00 PM of 16.11.2026
6.	Name and address of the Officer inviting Bid	:	Executive Engineer, P.H. Division, Bhubaneswar

Further details can be seen from e-procurement portal in the Website (http://tendersorissa.gov.in)

OIPR-13001/13205/1/26-27/0015

Executive Engineer,
P.H.Division, Bhubaneswar

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୪୨୬.୭୧ କୋଟିର ...

ସର୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀରେ ମୁଖ୍ୟମନ୍ତ୍ରୀ ପଟେଲ ଚୌକରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, "ଦେଶର ଲୌହ ପୁରୁଷ, ଅଖଣ୍ଡ ଭାରତର ରୂପକାର ସର୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି। ସେ ଏକ ଶକ୍ତିଶାଳୀ, ସମୃଦ୍ଧ ଏବଂ ସକ୍ଷମ ଭାରତ ନିର୍ମାଣ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ।" ଭାରତ ମାତାର ସେବାରେ ତାଙ୍କର ତ୍ୟାଗ ଏବଂ ସମର୍ପଣ ଏକ ବିକଶିତ ଏବଂ ସ୍ୱାବଲମ୍ବୀ ଭାରତ ନିର୍ମାଣ ପାଇଁ ପ୍ରେରଣାର ଏକ ମହାନ ଉତ୍ସ। ଦିଲ୍ଲୀର ପଟେଲ ଚୌକରେ ଆୟୋଜିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଦିଲ୍ଲୀ ଲେଫ୍ଟନାଣ୍ଟ ଗଭର୍ଣ୍ଣର ତରନଜିତ ସିଂହ ସାନ୍ଧୁ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଲୋକସଭା ସାଂସଦ ବାନସୁରୀ ସ୍ୱରାଜ ମଧ୍ୟ ଉପସ୍ଥିତ ଥିଲେ ଏବଂ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, "କିଛି ବର୍ଷ ଧରି ଭାରତ ସର୍ଦାର ସାହେବଙ୍କୁ ତାଙ୍କ ଅବଦାନ ପାଇଁ ପ୍ରକୃତରେ ଯୋଗ୍ୟ ସମ୍ମାନ ଦେଇନାହିଁ। କଂଗ୍ରେସ ସର୍ଦାର ସାହେବଙ୍କ ସ୍ମୃତିକୁ ଲିଭାଇ ଦେବାକୁ ଚେଷ୍ଟା କରିଛି। ତଥାପି, ସୂର୍ଯ୍ୟର ଆଲୋକ ଲୁଚି ରହିପାରିବ ନାହିଁ।" ସେ କହିଛନ୍ତି, "ନରେନ୍ଦ୍ର ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ହେଲେ, ସେ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିର୍ମାଣ କରି ସମଗ୍ର ଦେଶ ସମ୍ମୁଖରେ ସର୍ଦାର ସାହେବଙ୍କ ଐତିହ୍ୟକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛନ୍ତି। ଏହି ବିଶାଳ ପ୍ରତିମା ଆକାଶର ଉଚ୍ଚତାକୁ ସ୍ପର୍ଶ କରିଥିଲା।" ସର୍ଦାର ବଲ୍ଲଭଭାଇ ପଟେଲ ୩୧ ଅକ୍ଟୋବର ୧୮୭୫ରେ ଗୁଜରାଟର ନାଡିଆଦରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ପ୍ରମୁଖ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ, ଓକିଲ ଏବଂ ରାଜନେତା ଥିଲେ। ସେ ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ଭାବରେ ଜଣାଶୁଣା। ୨୦୧୪ ମସିହାରେ ଭାରତ ସରକାର ୩୧ ଅକ୍ଟୋବରରେ ସର୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀକୁ 'ଜାତୀୟ ଏକତା ଦିବସ' ଭାବରେ ପାଳନ କରିବା ଆରମ୍ଭ କରିଥିଲେ। ସେବେଠାରୁ, ପ୍ରତିବର୍ଷ ୩୧ ଅକ୍ଟୋବରରେ ଏହି ଦିନ ପାଳନ କରାଯାଇ ଆସୁଛି। ଏହାର ଉଦ୍ଦେଶ୍ୟ ହେଉଛି ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ସୁଦୃଢ଼ କରିବାର ବାର୍ତ୍ତା ପ୍ରସାର କରିବା। ଏହି ଦିନ ସାରା ଦେଶରେ 'ରନ୍ ଫର୍ ୟୁନିଟି' ଏବଂ ୟୁନିଟି ମାର୍ଚ୍ଚ ଭଳି ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଚଳିତ ବର୍ଷ, ଏକତା ନଗରରେ 'ରନ୍ ଫର୍ ୟୁନିଟି' ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା।

ସର୍ଦ୍ଦାର ପଟେଲଙ୍କ...

ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସ ବାହିନୀର ନିଷ୍ଠା, କଠିନ ପରିଶ୍ରମ ଓ ଦକ୍ଷତାର ଭୂୟସୀ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ପୋଲିସର ନିରନ୍ତର ଅଭିଯାନ ଫଳରେ ଓଡ଼ିଶା ଆଜି ନକ୍ସଲ ତଥା ମାଓବାଦୀ ହିଂସା କବଳରୁ ମୁକ୍ତ ହେବା ଦିଗରେ ବଡ଼ ସଫଳତା ହାସଲ କରିଛି। ଦିନେ ଯେଉଁ ଜିଲ୍ଲାଗୁଡ଼ିକରେ ଲୋକେ ଦିନବେଳେ ମଧ୍ୟ ଯାତାୟାତ କରିବାକୁ ଭୟ କରୁଥିଲେ, ଆଜି ସେହି ଭୟ ଓ ଆତଙ୍କର ପରିବେଶ ଆଉ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ଶିଳ୍ପାୟନ ଓ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଦୁଇ ବର୍ଷ ଧରି ରାଜ୍ୟରେ ଶିଳ୍ପାୟନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ଏବଂ ଦେଶ-ବିଦେଶର ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜିନିବେଶ କରୁଛନ୍ତି। ଶିଳ୍ପ ଓ ବ୍ୟବସାୟର ବିକାଶ ପାଇଁ ଶାନ୍ତି, ସୁରକ୍ଷା ଓ ସୁଦୃଢ଼ ଆଇନଶୃଙ୍ଖଳା ନିତ୍ୟାନ୍ତ ଆବଶ୍ୟକ ଥିବାବେଳେ ଓଡ଼ିଶା ପୋଲିସର ନିଷ୍ଠାପର ଉଦ୍ୟମ ଯୋଗୁଁ ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ଓ ଅନୁକୂଳ ପରିବେଶ ବଜାୟ ରହିଛି। ସେହିପରି ସ୍ୱାଧୀନତା ସଂଗ୍ରାମ ତଥା ଗଡ଼ଜାତ ମିଶ୍ରଣରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ସମେତ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସ୍ମରଣ କରି ଜାତି, ଧର୍ମ, ବର୍ଣ୍ଣ କିମ୍ବା ଭାଷାର ସୀମା ବାହାରେ ସମସ୍ତେ ପ୍ରଥମେ ଭାରତୀୟ ଓ ଓଡ଼ିଆ ହୋଇ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ପାଇଁ ସଙ୍କଳ୍ପ ନେବାକୁ ସେ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଗୁଜରାଟର ଏକ୍‌ତା ନଗର ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଆୟୋଜିତ ଜାତୀୟ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଏହି ସମାରୋହରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚେଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, କର୍ମଚାରୀ ବୃନ୍ଦ ଏବଂ ଅନ୍ୟାନ୍ୟ ଅତିଥିବୃନ୍ଦ ଅଂଶଗ୍ରହଣ କରିଥିଲେ।

ଏନ୍‌ଭିଏସ୍-୦୩ ...

ତୃତୀୟ ଉପଗ୍ରହ। ଏହା ଭାରତର ନିଜସ୍ୱ ଜିପିଏସ୍ ସିଷ୍ଟମକୁ ଆହୁରି ଅତ୍ୟାଧୁନିକ କରିବା ପାଇଁ ଉତକ୍ଷେପଣ କରାଯାଇଛି।କହିବାକୁ ଗଲେ ଏହି ଉପଗ୍ରହ ଭାରତ ଏବଂ ଏହାର ସୀମାର ପ୍ରାୟ ୧୫ଶହ କିଲୋମିଟର ଦୂରତା ପର୍ଯ୍ୟନ୍ତ ସଠିକ୍ ସ୍ଥାନ, ସଡ଼କ ଏବଂ ସମୟ ନେଇ ସୂଚନା ପ୍ରଦାନ କରିବ। ଏହି ଉପଗ୍ରହର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଏଥିରେ ସ୍ୱଦେଶୀ ଆଟୋମିକ୍ କ୍ଲକ୍ ବ୍ୟବହାର କରାଯାଇଛି। ଏଥିରେ ଏକ ନୂତନ ଏଲ୍‌୧ ସିଗନାଲ ଲଗାଯାଇଛି। ଯାହା ସ୍ମାର୍ଟଫୋନ୍ ଏବଂ ଗାଡିରେ ବ୍ୟବହାର ହେଉଥିବା ନାଭିଗେସନ୍ ତଥ୍ୟକୁ ଆହୁରି ଉନ୍ନତ କରିବ। ଏହା ଦୁଇ ପ୍ରକାରର ନାଭିଗେସନ ସୁବିଧା ପ୍ରଦାନ କରିବ। ସାଧାରଣ ନାଗରିକଙ୍କ ପାଇଁ ଷ୍ଟାଣ୍ଡାର୍ଡ ସେବା ଯେପରିକି ଗୁଗଲ ମ୍ୟାପ୍ ବ୍ୟବହାର ଲାଗି ନାଭିଗେସନ ବ୍ୟବସ୍ଥା। ଆଉ ଅନ୍ୟ ଏକ ହେଉଛି ପ୍ରତିରକ୍ଷା ବାହିନୀ ପାଇଁ ନାଭିଗେସନ୍ ବ୍ୟବସ୍ଥା। ଏହିସେବା କେବଳ ଦେଶର ସାମରିକ ଏବଂ ଅଧିକୃତ ସୁରକ୍ଷା ସଂସ୍ଥା ଗୁଡିକ ଲାଗି ଉପଲବ୍ଧ।

ମାଟି ତଳେ...

ଆକଳନ ସହ ଆଗାମୀ ବାତ୍ୟାର ସଫଳ ମୁକାବିଲା ନିମନ୍ତେ ପ୍ରଶାସନର ସମସ୍ତ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହି କାର୍ଯ୍ୟ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିପର୍ଯ୍ୟୟ ସମୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ଆଧିକାରିକ ଓ ସଠିକ୍ ତଥ୍ୟ ଯୋଗାଇ ଦିଆଯାଉ। ଅନ୍ୟପକ୍ଷରେ, ଗଣମାଧ୍ୟମ ଓ ବିଭିନ୍ନ ସୂତ୍ରରୁ ଆସୁଥିବା ତଥ୍ୟ ଓ ଖବରର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଭ୍ରମାତ୍ମକ ଖବରର ନିରାକରଣ ହୋଇପାରିବ ଏବଂ ଜନସାଧାରଣଙ୍କ ନିକଟରେ ସତ୍ୟ ଓ ନିର୍ଭୁଲ ତଥ୍ୟ ପହଞ୍ଚିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଅଧିକ ଫଳପ୍ରଦ ହୋଇପାରିବ। ଏହି ସମୀକ୍ଷା ବୈଠକ ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟରେ ରେଳ ବିଭାଗର ସକ୍ରିୟ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ପ୍ରଦାନ ସୁନିଶ୍ଚିତ କରାଯାଇଛି। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ରେଳବାଇ ସହାୟତାରେ ଚେନ୍ ପୁଲି ସିଷ୍ଟମ୍ ବ୍ୟବହାର ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଷ୍ଟ କୋଷ୍ଟ ରେଳୱେ ପକ୍ଷରୁ ଏହି ଚେନ୍ ପୁଲି ବ୍ୟବସ୍ଥାକୁ ତୁରନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜି.ଉଦୟଗିରି ଭୂସ୍ଖଳନ ସ୍ଥଳରେ ସିଧାସଳଖ କାମ କରିବା ନିମନ୍ତେ ହେଲିକପ୍ଟର ଯୋଗେ ଅତ୍ୟାଧୁନିକ 'ସିସ୍‌ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍' ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ନୌସେନା ଦ୍ୱାରା ବ୍ୟବହୃତ ଏହି ଅତ୍ୟାଧୁନିକ ପ୍ରଯୁକ୍ତିରେ ଥିବା ସ୍ୱତନ୍ତ୍ର ସେନ୍‌ସର ଓ ସ୍କାନିଂ ମାଧ୍ୟମରେ ମାଟି, ପଙ୍କ କିମ୍ବା ଭଗ୍ନାବଶେଷ ତଳେ ଥିବା ଜୈବିକ ସଙ୍କେତକୁ ସହଜରେ ଚିହ୍ନଟ କରାଯାଇପାରିବ। ବୈଠକର ଆଲୋଚନାରୁ ଜଣାପଡିଛି ଯେ ଘଟଣାସ୍ଥଳରେ ଓଡ୍ରାଫ,ଏନଡିଆରଏଫ୍, ଫାୟାର ଏବଂ ଏସଓଜି ଭଳି ପ୍ରମୁଖ ଉଦ୍ଧାରକାରୀ ସଂସ୍ଥାଗୁଡ଼ିକ ମିଳିତ ଭାବେ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି। ଏହି ସମୀକ୍ଷା ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସେବା, ରାସ୍ତାଘାଟ ଏବଂ ଅନ୍ୟାନ୍ୟ ଜରୁରୀ ସେବାଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ଅଧିକାରୀମାନେ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରୁଛନ୍ତି, ଯାହାଫଳରେ ଲୋକଙ୍କୁ ଯଥାଶୀଘ୍ର ସ୍ୱାଭାବିକ ସେବା ଯୋଗାଇ ଦିଆଯାଇପାରିବ। ଏହା ସହିତ ଆଗାମୀ ସମ୍ଭାବ୍ୟ ବାତ୍ୟା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତି, ବିପଦସଙ୍କୁଳ ଅଞ୍ଚଳରୁ ଆଗୁଆ ସ୍ଥାନାନ୍ତରଣ, ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ଓ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଔଷଧ ମହଜୁଦ ରଖିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ରକ୍ଷା କରିବା ଉପରେ ସମୀକ୍ଷାରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱରସ୍ଥ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି, ସ୍ୱତନ୍ତ୍ର ରିଲିଫ କମିଶନର ଦେବରଞ୍ଜନ କୁମାର ସିଂହ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରିଶ ଏସ. ଏନ., ଗ୍ରାମ୍ୟ ଜଳଯୋଗାଣ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ବାତ୍ୟା ପରବର୍ତ୍ତୀ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟର ତଦାରଖ କରିବା ପାଇଁ ଗୋଷ୍ଠୀ ଗଠନ କରାଯାଇଛି। ଅନ୍ୟପଟେ ଦୁର୍ଗମ ଗଞ୍ଜାମ ପଥରେ ପ୍ରଭାବିତ ଗଜପତି ଜିଲ୍ଲାପାଳ ଓ ଉପ-ଜିଲ୍ଲାପାଳ। ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନେ ନିଜେ ପାହାଡ଼ ଚଢ଼ି ଅପହଞ୍ଚ ଅଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସମସ୍ୟା ବୁଝିଛନ୍ତି ଏବଂ ତୁରନ୍ତ ସହାୟତା ଯୋଗାଇ ଦେବା ନିର୍ଦ୍ଦେଶ ଦେଇଛନ୍ତି। 'ଅର୍ଣ୍ଣବ' ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ମୁକାବିଲା ଏବଂ ରିଲିଫ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୦ ଜଣ ସରକାରୀ କମିଶନର, ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଗଞ୍ଜାମ ଜିଲ୍ଲାରେ ନିୟୋଜିତ କରାଯାଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପୌରାଣିକ କାହାଣୀ ପାଇଁ ପ୍ରସିଦ୍ଧ ମାହେନ୍ଦ୍ରଗିରି ପାହାଡ଼କୁ ସଂଯୋଗ କରୁଥିବା ଭୂସ୍ଖଳନ ରାସ୍ତା ପ୍ରଶାସନ ଯାନବାହନ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ରାସ୍ତା ଉପରେ ପଥର ଓ ମାଟି ଖସିପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲେ ହେଁ, ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଦ୍ରୁତ ପଦକ୍ଷେପ ଯୋଗୁଁ ତୁରନ୍ତ ସ୍ଥିତି ନିୟନ୍ତ୍ରଣକୁ ଅଣାଯାଇଛି।

ବଙ୍ଗୋପସାଗରରେ...

ବାତ୍ୟା ଆଶଙ୍କାକୁ ନେଇ କନ୍ଧମାଳରେ ରବିବାର ଖୋଲା ରହିବ ସମସ୍ତ ସରକାରୀ କାର୍ଯ୍ୟାଳୟ। ଏଥିପାଇଁ ଛୁଟି ବାତିଲ୍ କରାଯାଇଛି।

ଦୀପାବଳିରେ ବାଣ...

ସବୁଜ ବାଣ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ବାଣ କିଣିବା ସମୟରେ ସେଥିରେ ସିଏସ୍‌ଆଇ-ଏନ୍‌ଇଆରଆଇର ଲୋଗୋ ଓ କ୍ୟୁଆର କୋଡ୍ ରହିଛି କି ନାହିଁ ଯାଞ୍ଚ କରିବାକୁ କୁହାଯାଇଛି। ବାଣରେ ବାରିୟମ୍ ଏବଂ ଅନ୍ୟାନ୍ୟ ନିଷିଦ୍ଧ ରାସାୟନିକ ପଦାର୍ଥର ବ୍ୟବହାର ଉପରେ କଟକଣା ରହିଛି । ସେହିପରି ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅତିକ୍ରମ କରୁଥିବା ବାଣ ବ୍ୟବହାର ନକରିବାକୁ କୁହାଯାଇଛି। ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ନିରବ ଅଞ୍ଚଳରେ ବାଣ ଫୁଟାଇବାରୁ ନିବୃତ୍ତ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ବାଣ ଫୁଟାଇବା ସମୟରେ ସୁରକ୍ଷା ନିୟମ ପାଳନ କରିବା ସହ ଖୋଲା ଓ ସୁରକ୍ଷିତ ସ୍ଥାନ ଚୟନ କରିବାକୁ ବୋର୍ଡ ପରାମର୍ଶ ଦେଇଛି। ଜଳି ନଥିବା ବାଣକୁ ପୁନର୍ବାର ଜଳାଇବାକୁ ଚେଷ୍ଟା ନକରିବା ଏବଂ ଛୋଟ ପିଲାଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମଧ୍ୟ କୁହାଯାଇଛି । ପରିବେଶ ସୁରକ୍ଷା ଓ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସମସ୍ତେ ନିୟମ ମାନି ଦୀପାବଳି ପାଳନ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆହ୍ୱାନ ଦିଆଯାଇଛି । ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବା (କେବଳ ସବୁଜ ବାଣ) ପାଇଁ ଅନୁମତି ଦିଆଯାଇଛି। ଏହି ନିୟମ ଉଲ୍ଲଂଘନ ହେଲେ ଆଇନ୍ ଅନୁସାରେ ଦଣ୍ଡବିଧାନ କରାଯିବାକୁ ଚେତାବନୀ ଦିଆଯାଇଛି।

କୋରାପୁଟ ମେଡିକାଲ...

ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ଡାକ୍ତରୀ ଶିକ୍ଷାର ପରିସର ବୃଦ୍ଧି ସହ ଭବିଷ୍ୟତରେ ଅଧିକ ଡାକ୍ତର ସୃଷ୍ଟି କରିବା ଦିଗରେ ଏହା ସହାୟକ ହେବ ଏବଂ ଅଧିକ ମେଧାବୀ ଛାତ୍ରଛାତ୍ରୀ ଡାକ୍ତରୀ ପାଠ ପଢ଼ିବାର ସୁଯୋଗ ପାଇବେ ।

ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ...

ପଞ୍ଜୀକୃତ ହେଲେ ୭ ଦିନ ପର୍ଯ୍ୟନ୍ତ ସର୍ବାଧିକ ୧.୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ଏପରିକି ଯେଉଁ ହସ୍ପିଟାଲଗୁଡ଼ିକ ଆୟୁଷ୍ମାନ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ନୁହନ୍ତି, ସେମାନେ ମଧ୍ୟ ଏଚ. ଇ . ଏମ୍ ଲିଟ୍ ପୋର୍ଟାଲରେ ଲଗ୍‌ଇନ୍ କରି ଦୁର୍ଘଟଣା ପୀଡ଼ିତଙ୍କୁ ଚିକିତ୍ସା ସେବା ଯୋଗାଇପାରିବେ। ଏହି ପୋର୍ଟାଲ ମାଧ୍ୟମରେ ଆବେଦନଗୁଡ଼ିକ ସ୍ୱୟଂଚାଳିତ ଭାବେ ଅନୁମୋଦିତ ହେଉଥିବାରୁ ଯୋଗ୍ୟ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ନିକଟତମ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା ଯୋଗାଇବା ସହଜ ହୋଇପାରିବ। ଉପଲବ୍ଧ ତଥ୍ୟ ଅନୁଯାୟୀ, ଏପର୍ଯ୍ୟନ୍ତ ସମ୍ମିଳିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା – ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଅଧୀନରେ ୩.୪୬ କୋଟି ଲୋକଙ୍କୁ ସାମିଲ କରାଯାଇଛି। ଏହି ହିତାଧିକାରୀମାନଙ୍କ ପାଇଁ ଅନଲାଇନ୍ ୱେବ୍ ପୋର୍ଟାଲ ମାଧ୍ୟମରେ ୩.୪୫ ଲକ୍ଷ କାର୍ଡ ସୃଷ୍ଟି କରାଯାଇଥିବା ବେଳେ ୧.୭୯ କୋଟି ଭୌତିକ କୋ-ବ୍ରାଣ୍ଡେଡ୍ କାର୍ଡ ହିତାଧିକାରୀମାନଙ୍କୁ ବଂଟନ କରାଯାଇଛି। ହିତାଧିକାରୀଙ୍କୁ ଭୌତିକ କୋ-ବ୍ରାଣ୍ଡେଡ୍ କାର୍ଡ ବଣ୍ଟନ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ଭୌତିକ କାର୍ଡ ବଣ୍ଟନ ସହିତ, କମନ୍ ସର୍ଭିସ୍ ସେଣ୍ଟର ମାଧ୍ୟମରେ ଆଧାରଭିତ୍ତିକ ଇ-କେୱାଇସି ଜରିଆରେ ବ୍ୟକ୍ତିଗତ କୋ-ବ୍ରାଣ୍ଡେଡ୍ କାର୍ଡ ମଧ୍ୟ ପ୍ରସ୍ତୁତ ଓ ବଣ୍ଟନ କରାଯାଉଛି। ଏହି କାର୍ଯ୍ୟରେ ଆଶାକର୍ମୀମାନେ ସହଯୋଗ କରୁଛନ୍ତି। ଯେଉଁ ହିତାଧିକାରୀଙ୍କ ନିକଟରେ ଭୌତିକ କୋ-ବ୍ରାଣ୍ଡେଡ୍ କାର୍ଡ ନାହିଁ, ସେମାନେ ମଧ୍ୟ ନିଜର ରାସନ୍ କାର୍ଡ ଓ ଆଧାର କାର୍ଡ ଦେଖାଇ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ୭୭୪ଟି ଘରୋଇ ହସ୍ପିଟାଲକୁ ଏହି ଯୋଜନା ଅଧୀନରେ ତାଲିକାଭୁକ୍ତ କରାଯାଇଛି। ଏଥିସହିତ ରାଜ୍ୟର ସରକାରୀ ହସ୍ପିଟାଲଗୁଡ଼ିକୁ ମଧ୍ୟ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ତ୍ୱରାନ୍ୱିତ କରାଯାଉଛି। ପ୍ରାକ୍-ଅନୁମୋଦନ ପ୍ରକ୍ରିୟାକରଣ, ହିତାଧିକାରୀଙ୍କ ଚିକିତ୍ସା ବାବଦ ଦାବି ପ୍ରକ୍ରିୟାକରଣ ଏବଂ ପୋର୍ଟେବିଲିଟି ଅଧୀନରେ ଦାବି ପୈଠ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସାରା ଦେଶରେ ଆଗୁଆ ରହିଛି । ପୋର୍ଟେବିଲିଟି ଦାବିର ତ୍ୱରିତ ପ୍ରକ୍ରିୟାକରଣ ଦ୍ୱାରା ଓଡ଼ିଶା ବାହାରେ ରହୁଥିବା କିମ୍ବା ରାଜ୍ୟ ବାହାରେ ଉନ୍ନତ ତୃତୀୟ ସ୍ତରୀୟ ଚିକିତ୍ସା ଗ୍ରହଣ କରୁଥିବା ହିତାଧିକାରୀମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି। ଏହି ବୈଠକରେ ସାସ୍‌ର ଅତିରିକ୍ତ ସଚିବ ତଥା ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅରୁପାନନ୍ଦ ପ୍ରଧାନ, ସାସ୍‌ର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ରଶ୍ମି ରଞ୍ଜନ ଶତପଥୀ, ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ) ଡାକ୍ତର ସମ୍ବିତ ବେହେରାଙ୍କ ସମେତ ରାଜ୍ୟ ଆଣ୍ଟି-ଫ୍ରଡ୍ ୟୁନିଟ୍ ଏବଂ ମେଡିକାଲ ଅଡିଟ୍ କମିଟିର ବରିଷ୍ଠ ଡାକ୍ତରମାନେ ଆଲୋଚନାରେ ଭାଗ ନେଇଥିଲେ।

ଇସ୍ରୋ ଟିମ୍‌କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ନବୀନଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଏନଭିଏସ-୦୩ ଉପଗ୍ରହର ସଫଳ ଉତକ୍ଷେପଣ ପାଇଁ ଇସ୍ରୋ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ବ୍ରଜମୋହନ ରାମ । ଏକ୍ସ ହ୍ୟାଣ୍ଡେଲରେ ଜାରି ଏକ ବାର୍ତ୍ତାରେ ସେ କହିଛନ୍ତି ଯେ, ଏନଭିଏସ-୦୩ ଉପଗ୍ରହକୁ ନେଇ ଜିଏସଏଲଭି-ଏଫ୧୮ ରକେଟ୍‌ର ସଫଳ ଉତ୍‌କ୍ଷେପଣ ପାଇଁ ଆମର ଇସ୍ରୋ ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ଅନେକ ଅନେକ ଅଭିନନ୍ଦନ।ଭାରତର ସ୍ୱଦେଶୀ ନାଭିକ୍ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଏବଂ ବୈଷୟିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଆଗକୁ ବଢ଼ାଇବା ଦିଗରେ ଏହା ଏକ ଗର୍ବର ମାଇଲଖୁଣ୍ଟ।

ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶ୍ରୀହରିକୋଟାରୁ ଏନଭିଏସ-୦୩ ନାଭିଗେସନ୍ ଉପଗ୍ରହର ସଫଳ ଉତ୍‌କ୍ଷେପଣ ପାଇଁ ଇସ୍ରୋ ଏବଂ ଏହାର ସମର୍ପିତ ଟିମ୍‌କୁ ହାର୍ଦ୍ଦିକ ଅଭିନନ୍ଦନ। ନାଭିଗେସନ୍ ଉପଗ୍ରହର ସଫଳ ଉତ୍‌କ୍ଷେପଣ ପାଇଁ ଇସ୍ରୋ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ଶୁଭେଚ୍ଛା ବାର୍ତ୍ତା ଜାରି କରି ସେ କହିଛନ୍ତି ଯେ, ଶ୍ରୀହରିକୋଟାରୁ ଏନଭିଏସ – ୦୩ ନାଭିଗେସନ୍ ଉପଗ୍ରହର ସଫଳ ଉତ୍‌କ୍ଷେପଣ ପାଇଁ ଇସ୍ରୋ ଏବଂ ସମଗ୍ର ବୈଜ୍ଞାନିକ ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ନୋଳିଆସାହି ଗ୍ରାମରେ କଂକ୍ରିଟ୍ ରାସ୍ତାର ଶିଳାନ୍ୟାସ

ପାରାଦୀପ, ନ୍ୟୁଜ ବ୍ୟୁରୋ

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ କମ୍ପାନୀ ଏବଂ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗ୍ରାମୀଣ ଭିତ୍ତିଭୂମିର ବିକାଶ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ଥାନୀୟ ଅଞ୍ଚଳର ଦୀର୍ଘଦିନର ଏକ ମୌଳିକ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୋଳିଆସାହି ଗ୍ରାମରେ ୨୯୦ ମିଟର ଲମ୍ବ ଓ ୧୨ ଫୁଟ୍ ପ୍ରସ୍ଥ ବିଶିଷ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଏବଂ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଶିଳାନ୍ୟାସ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଶିଳାନ୍ୟାସ ଉତ୍ସବରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ମିତ୍ରଭାନୁ ଚୌଧୁରୀ ଏବଂ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍, ପାରାଦୀପର ସିଏସ୍‌ଆର୍ ମୁଖ୍ୟ ଅଭିଜିତ ମହାନ୍ତି ଉପସ୍ଥିତ ଥିଲେ। ଏହାସହ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ସମାଜସେବୀ ଓ ସ୍ଥାନୀୟ ପ୍ରତିନିଧି ଯଦୁନାଥ ଖଟୁଆ, ସମ୍ପଦ ବାରିକ, କିଶୋରଲାଲ ବେହେରା ଏବଂ ଦିବ୍ୟପ୍ରକାଶ ବେହେରାଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହିଥିଲେ।

ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ ଶୁଭାରମ୍ଭ

ସମ୍ବଲପୁର, ନ୍ୟୁଜ ବ୍ୟୁରୋ

ସମ୍ବଲପୁରର ରେଙ୍ଗାଲି ବ୍ଲକରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଅନୁଭୂତିମୂଳକ ଶିକ୍ଷା'କୁ ପ୍ରୋତ୍ସାହିତ କରିବା ପାଇଁ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ଦ୍ୱାରା 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ' ଆରମ୍ଭ କରାଯାଇଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ 'ନ୍ୟାସନାଲ୍ କାଉନସିଲ୍ ଅଫ୍ ସାଇନ୍ସ ମ୍ୟୁଜିୟମ'ର ଏକ ଅଂଶ, ଭୁବନେଶ୍ୱର ସ୍ଥିତ 'ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର' ସହ ମିଶି, ଜେଏସ୍‌ଡବ୍ଲୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ଶାଖା 'ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍' ପକ୍ଷରୁ ସମ୍ବଲପୁର ଜିଲ୍ଲାର ଲପଙ୍ଗା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହି 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ'ର ଶୁଭାରମ୍ଭ କରାଯାଇଛି। ଦଶହରା ଛୁଟି ପରେ, ୨୭ ଅକ୍ଟୋବର ୨୦୨୬ରେ ଏହାର ଉଦ୍‌ଘାଟନ କରାଯାଇଥିଲା। 'ଦୈନନ୍ଦିନ ଜୀବନରେ ବିଜ୍ଞାନ' ବିଷୟବସ୍ତୁ ଉପରେ ଆଧାରିତ ଏହି ପ୍ରଦର୍ଶନୀର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ, ବିଶେଷକରି ଗ୍ରାମାଞ୍ଚଳର ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ଜିଜ୍ଞାସା, ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ଅନୁଭୂତିମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍‌ର ପଶ୍ଚିମ ଓଡ଼ିଶା ମୁଖ୍ୟ ବିଶାଳ ରାଜ୍ ଉପସ୍ଥିତ ଥିଲେ। ଏହି ଅବସରରେ ଲାପଙ୍ଗା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ନାଏକ, ବିଦ୍ୟାଳୟର ପ୍ରତିନିଧି, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍‌ର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ବିଶାଳ ଶିକ୍ଷା ଗ୍ରହଣର ଏକ ଅଭିନବ ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ଏହି 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ ବସ୍' ବିଶେଷ ସହାୟକ ହେବ।

ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ୱାକାଥନ୍

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର ଜୋନ୍ ପକ୍ଷରୁ 'ସତର୍କତା ସଚେତନତା ସପ୍ତାହ ୨୦୨୬' ଅବସରରେ ଏକ ୱାକାଥନ୍ ଆୟୋଜିତ ହୋଇଥିଲା। ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ "ସମୃଦ୍ଧି ପାଇଁ ସଚ୍ଚୋଟତା" ବିଷୟବସ୍ତୁକୁ ନେଇ ପାଳନ କରାଯାଉଥିବା ଏହି ସପ୍ତାହ, ଅଗଷ୍ଟ ୧୭ରୁ ନଭେମ୍ବର ୧୬, ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ବ୍ୟାପକ ସତର୍କତା ସଚେତନତା ଅଭିଯାନର ଅଂଶବିଶେଷ। ଏହି ୱାକାଥନ୍‌ରେ ବ୍ୟାଙ୍କର ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ତଥା ଜୋନାଲ୍ ମୁଖ୍ୟ ଶରତ କୁମାର ପାଣିଗ୍ରାହୀ, ଡିଜିଏମ୍-ବିଡି ଦେବୀ ପ୍ରସାଦ ମହାନ୍ତି, ଡିଜିଏମ୍-ଜିଆଇଏଡି ଜଗଜୀବନ ମହାପାତ୍ରଙ୍କ ସମେତ ବରିଷ୍ଠ ଜୋନାଲ୍ ଓ ଆଞ୍ଚଳିକ ଅଧିକାରୀ, ସହରର ବିଭିନ୍ନ ଶାଖା ଏବଂ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଉତ୍ସାହର ସହ ଜନସଚେତନତା ବୃଦ୍ଧି ଏବଂ ନୈତିକ ଆଚରଣ ପ୍ରତି ପ୍ରତିବଦ୍ଧତାର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ ଶରତ କୁମାର ପାଣିଗ୍ରାହୀ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କର୍ମଚାରୀମାନଙ୍କୁ ନୈତିକ ମୂଲ୍ୟବୋଧ ବଜାୟ ରଖିବା ସହ ବୃତ୍ତିଗତ ଓ ସାର୍ବଜନୀନ ଜୀବନରେ ଦୁର୍ନୀତି ବିରୋଧରେ ସର୍ବଦା ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ।

ଜୟଦେବ ଭବନ ପରିଚାଳକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟ ସୂଚନା କେନ୍ଦ୍ର, ଜୟଦେବ ଭବନର ପରିଚାଳକ ସରୋଜ କୁମାର ଶତପଥୀଙ୍କ ଅବସର ଉପଲକ୍ଷେ ଶନିବାର ଅପରାହ୍ନରେ ଜୟଦେବ ଭବନ ପରିସରରେ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜୟଦେବ ଭବନର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯିବା ସହ ତାଙ୍କର ସୁସ୍ଥ, ସୁଖମୟ ଓ ଦୀର୍ଘ ଅବସର ଜୀବନ କାମନା କରାଯାଇଥିଲା। ସଭାରେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର କହିଥିଲେ ଯେ, ଶତପଥୀ ଜଣେ କର୍ତ୍ତବ୍ୟପରାୟଣ, ସମୟାନୁବର୍ତ୍ତୀ, ମିଷ୍ଟଭାଷୀ ଓ ଦକ୍ଷ ପରିଚାଳକ ଭାବେ ସମସ୍ତଙ୍କ ନିକଟରେ ସୁପରିଚିତ।

MUNICIPAL OFFICE : JAYAPUR

Phone 06854- 231098 Fax 06854-230104 ulbjeypore@gmail.com

L. No..5611............/JM **Quotation Call Advertisement** Date.....30.10.26...

Sealed quotations as per the prescribed format in the quotation call notice are hereby invited from eligible, experienced and licensed Electrical Contractors.

"Upgradation of Single-Phase Wiring to Three-Phase Wiring at Urban Health and Wellness Centre, Jayapur Municipality.".

No of works	01
Details of the work	As per QCN, which can be obtained by depositing EMD costs at the office of the undersigned or can also be downloaded from the website, i.e., www.jeyporemuncipality.in
Quotation Start Date	02.11.2026 11.00 hours onwards
Quotation End Date	16.11.2026 up to 17.00 hours
Submission Deadline	18.11.2026 up to 17.00 hours
Opening of Quotation	20.11.2026 at 16.00 hours
EMD Cost (INR)	Rs. 2,000.00

13001/2320/2627

OIPR-13001/13079/1/26-27/0030

Executive Officer
Jeypore Municipality

OFFICE OF THE EXECUTIVE ENGINEER (AGRIL), GANJAM DIVISION, BRAHMAPUR

Gmail-eeagril.ganjam@gmail.com

Letter No. 1688 /EE (Agril), Date: 28.10.26

CORRIGENDUM IN E-TENDER NO. EE(A), GANJAM-2/2026-27 1001/205/2627

In view of Cyclone 'Arnab', the date and time of closing of bid submission in the e-tender Odisha website has been extended to 07.11.2026, 5:00PM and Online Bids shall be opened at 11AM & onwards on 11.11.2026. The date of submission of original bid documents in the O/o. Executive Engineer (Agril.), Ganjam Division, Brahmapur will be extended up to 10.11.2026, 05:00PM.

OIPR-1001/1508/1/26-27/0002

Executive Engineer (Agril.)
Ganjam Division, Berhampur

ନୋଟିସ୍

ତହସିଲଦାର, ଭୁବନେଶ୍ୱର, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା।

ନିରଞ୍ଜନ ପଣ୍ଡା .... ବାଦୀ

ବନାମ

ଭ୍ରମର ସାହୁ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ୍

ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ବିଧି ୫ ନିୟମ ନଂ ୨୦ ମୁତାବକ

ପ୍ରାପ୍ତେଷୁ,
୧.ଶ୍ରୀ ଭ୍ରମର ସାହୁ, ପି: ଜଗନ୍ନାଥ ସାହୁ, ୨. ବାଞ୍ଛା ସାହୁ, ପି: ଜଗନ୍ନାଥ ସାହୁ, ୩. ନାରାୟଣ ସାହୁ, ପି: ନଟବର ସାହୁ, ୪. ଧୋବେଇ ସାହୁ, ପି: କୃଷ୍ଣ ସାହୁ, ୫. ଭ୍ରମର ସେଠୀ, ପି: ବିନୋଦ ସେଠୀ, ୬. ମଦନ ସେଠୀ, ପି: ହାଡୁ ସେଠୀ, ଠିକଣା: ସା/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ଭୁବନେଶ୍ୱର, ୭. ଶାନ୍ତିଲତା ସାହୁ, ସ୍ୱାମୀ: ନୃସିଂହ ଚରଣ ସାହୁ, ଠିକଣା: ପ୍ଲଟ ନଂ: ୧୧୫୫, କେଦାର ଗୌରୀ ଲେନ୍, ପୋ: ଓଲ୍ଡ ଟାଉନ, ଥାନା: ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉ ଅଛି ଯେ ଉପର ଲିଖିତ ମ୍ୟୁଟେସନ କେସ୍ ନମ୍ବର (୩୪-ଜି) ର ଶୁଣାଣି ଅତିରିକ୍ତ ତହସିଲଦାରଙ୍କ ଅଦାଲତ, ଭୁବନେଶ୍ୱର, କାର୍ଯ୍ୟାଳୟରେ ଆସନ୍ତା ତା: ୧୬.୧୧.୨୦୨୬ ରିଖ ସକାଳ ୧୧.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ:

ମୌଜା: ଭୁଆସୁଣୀ: ସାବକ, ଖାତା ନଂ: ୧୫୬, ସାବକ ପ୍ଲଟ ନଂ.: ୫୦୭, ସାବକ ପୁରା ରକବା: ଏ୦.୩୮୬ ଡିସିମିଲି, ସାବକ ହସ୍ତାନ୍ତର ରକବା: ଏ୦.୨୪୬ କିସମ, ସାରଦ-୧.

ମୌଜା: ଭୁଆସୁଣୀ: ହାଲ, ହାଲ ଖାତା ନଂ.: ୯୨୨, ହାଲ ପ୍ଲଟ ନଂ: ୨୨୧୦, ହାଲ ପୁରା ରକବା: ଏ୦.୨୬୯, ହାଲ ହସ୍ତାନ୍ତର ରକବା: ଏ୦.୨୪୬, କିସମ: ପତିତ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜଲାସରେ, ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ସ୍ୱା/-ଅନୁସଚିବ
ଅତିରିକ୍ତ ତହସିଲଦାର, ଭୁବନେଶ୍ୱର ତହସିଲ

୨ୟ ଅତିରିକ୍ତ ସିନିୟର ସିଭିଲ ଜଜ୍ ଭୁବନେଶ୍ୱରଙ୍କ ଇଜିଲାସରେ

ସି.ଏସ୍. ନଂ.: ୧୮୬୧/୨୦୧୬

ତ୍ରୈଲୋକ୍ୟ ପଢିହାରୀ ଏବଂ ଅନ୍ୟମାନେ ...ବାଦୀ

ବନାମ

କୈଳାଶ ସେନାପତି ଓ ଅନ୍ୟମାନେ ....ପ୍ରତିବାଦୀ

ସି.ପି.ସି ର ଆଦେଶ ୫, ନିୟମ ୨୦ ଅଧିନରେ ନୋଟିସ୍

ପ୍ରାପ୍ତେଷୁ,

୫. **ପୂର୍ଣ୍ଣମାସୀ ପାଣି,** ବୟସ: ୪୮, ସ୍ୱାମୀ: ପ୍ରମୋଦ ବିହାରୀ ପ୍ରଧାନ, ଗ୍ରା/ପୋ: ବାରକୋଟ, ଜିଲ୍ଲା: ଦେବଗଡ

୭. **ରମେଶ ଚନ୍ଦ୍ର ମହାପାତ୍ର,** ବୟସ: ୬୪, ପିତା: ୰ ନଟବର ମହାପାତ୍ର, ପ୍ଲଟ ନଂ.: ୪୯୧୯, ଟଙ୍କପାଣୀ ରୋଡ୍, ପୋ: ବି.ଜେ.ବି. ନଗର, ଥାନା: ବଡଗଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ,

୯. **ସନ୍ତୋଷ କୁମାର ସାହୁ,** ବୟସ: ୫୭, ପିତା: ବାଇଧର ସାହୁ, ଗ୍ରା/ପୋ/ ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ

୧୦. **ଅଲେଖ ରାଉତ,** ବୟସ: ୪୮, ପିତା: ୰ ନିଳମଣୀ ରାଉତ, ବାସସ୍ଥାନ: ବିଦ୍ୟାଧରପୁର, ପୋ: ଗୋଡିସାହି, ଥାନା: ବାରଙ୍ଗ, ଜିଲ୍ଲା: କଟକ

୧୨. **ଶୋଭାରାଣୀ ମିଶ୍ର,** ବୟସ: ୪୧, ସ୍ୱାମୀ: ସୀମାଞ୍ଚଳ ମିଶ୍ର, ସା/ପୋ: ସୁନାମୋହନିକୁରାଳ, ଥାନା: ଶରଣକୁଳ, ଜିଲ୍ଲା: ନୟାଗଡ

୧୩. **ସୁରେଖା ଭୂୟାଁ,** ବୟସ: ୩୯, ସ୍ୱାମୀ: ପ୍ରମୋଦ ପାତ୍ର, ସା/ପୋ: ମହାନଦୀ ବିହାର, ଥାନା: ଚାଉଳିଆଗଞ୍ଜ, ଜିଲ୍ଲା: କଟକ,

୧୪. **କବିତା ବିଶ୍ୱାଳ,** ବୟସ: ୩୭, ପିତା: କୀର୍ତ୍ତନ ବିଶ୍ୱାଳ, ଗ୍ରା: ଖାରିବିଲି, ପୋ:ଏରଞ୍ଚ, ଥାନା: ନିଆଳି, ଜିଲ୍ଲା: କଟକ

୧୫. **ମନ୍ମଥ କୁମାର ବେହେରା,** ବୟସ: ୪୦, ପିତା: ପର୍ଶୁରାମ ବେହେରା, ଗ୍ରା: ବଙ୍ଗା, ପୋ: ହରିରାଜପୁର, ଥାନା: ଜଟଣୀ, ଜିଲ୍ଲା: ପୁରୀ

୧୭. **ଶଙ୍କର ପ୍ରଧାନ,** ବୟସ: ୬୩, ପିତା: ଗୋପାଳ ପ୍ରଧାନ, ଗ୍ରା/ପୋ: ଟାଙ୍କଳ, ଥାନା: ଜଙ୍କିଆ, ଜିଲ୍ଲା: ଖୋର୍ଦ୍ଧା

ଏତଦ୍‌ଦ୍ୱାରା ଅବଗତ କରାଯାଉଛି କି ବାଦୀମାନେ ପ୍ରତିବାଦୀମାନଙ୍କ ବିରୁଦ୍ଧରେ ପାର୍ଟିସନ ଘୋଷଣାନାମା, ଖାରଜ ଏବଂ ସ୍ଥାୟୀନିଷେଧାଦେଶ ପାଇଁ ଏହି ମାମଲା ଦାୟର କରିଛନ୍ତି । ଯେଉଁଥିପାଇଁ ଆପଣ ସମସ୍ତଙ୍କୁ ଅନେକ ଥର ନୋଟିସ୍ ଜାରି କରାଯାଇଛି କିନ୍ତୁ ଆପଣ ନୋଟିସ୍ ଗହଣ କରୁନାହାନ୍ତି କିମ୍ବା କୋର୍ଟ ରେ ହାଜର ହେଉନାହାନ୍ତି ।

ତେଣୁ ଆପଣ ସମସ୍ତଙ୍କୁ ଏତଦ୍ୱାରା ନୋଟିସ୍ ଦିଆଯାଉଛି କି ଆସନ୍ତା ତା.୨୦.୧୧.୨୦୨୬ ପୂର୍ବାହ୍ଣ ୧୦.୩୦ଘ ସମୟରେ ଏହି କୋର୍ଟରେ ହାଜର ହୋଇ ମାମଲା ର ପକ୍ଷ ରଖିବେ ଏବଂ ଯଦି ଆପଣ ଙ୍କ କୌଣସି ଲିଖିତ ଜବାବ ଥାଏ ତାହାକୁ ଦାଖଲ କରନ୍ତୁ, ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ମାମଲା ର ଶୁଣାଣି କରାଯାଇ ଏହାର ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

ସୂଚୀ-କ ସମ୍ପତ୍ତି

ଲଟ୍ ନଂ-୧: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର, ଖାତା ନଂ.: ୫୭, ପ୍ଲଟ୍ ନଂ.: ୨୧୯୭, କ୍ଷେତ୍ର: ଏକର୦.୧୨୦ ଡିସିମିଲି, ପ୍ଲଟ୍ ନଂ.: ୧୮୭୩, କ୍ଷେତ୍ର: ଏକର୦.୧୭୦, ପ୍ଲଟ୍ ନଂ.: ୧୪୬୮, କ୍ଷେତ୍ର ଏକର୦.୧୩୦, ପ୍ଲଟ୍ ନଂ.: ୨୧୬୬. କ୍ଷେତ୍ର: ଏକର୦.୧୮୦, ପ୍ଲଟ୍ ନଂ.: ୭୫୩, କ୍ଷେତ୍ର: ଏକର୦.୬୧୦

ଲଟ୍ ନଂ-୨: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର, ଖାତା ନଂ.: ୫୮, ପ୍ଲଟ୍ ନଂ.: ୧୪୬୪, କ୍ଷେତ୍ର: ଏକର୦.୦୮୦ ଡିସିମିଲି, ପ୍ଲଟ୍ ନଂ.: ୧୪୬୫, କ୍ଷେତ୍ର : ଏକର୦.୦୮୦

ଲଟ୍ ନଂ-୩: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର, ଖାତା ନଂ.: ୫୨୦, ପ୍ଲଟ୍ ନଂ.: ୬୯୨, କ୍ଷେତ୍ର: ଏକର୦.୫୦୦

ଲଟ୍ ନଂ-୪: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର, ଖାତା ନଂ.: ୧୯୦, ପ୍ଲଟ୍ ନଂ.: ୨୨୦୮, କ୍ଷେତ୍ର: ଏକର୦.୭୦୦

ଲଟ୍ ନଂ-୫: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର, ଖାତା ନଂ.: ୫୧୬, ପ୍ଲଟ୍ ନଂ.: ୬୮୨, କ୍ଷେତ୍ର: ଏକର୦.୪୫୦, ପ୍ଲଟ୍ ନଂ.: ୬୮୪, କ୍ଷେତ୍ର: ଏକର୦.୩୯୦, ପ୍ଲଟ୍ ନଂ.: ୬୮୮, କ୍ଷେତ୍ର: ଏକର୦.୪୨୦

ଲଟ୍ ନଂ-୬: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର, ଖାତା ନଂ.: ୫୨୮, ପ୍ଲଟ୍ ନଂ.: ୧୧୧୫, କ୍ଷେତ୍ର: ଏକର୦.୪୨୦, ପ୍ଲଟ୍ ନଂ.: ୧୩୧୩, କ୍ଷେତ୍ର: ଏକର୦.୨୭୦, ପ୍ଲଟ୍ ନଂ.: ୧୬୨୩, କ୍ଷେତ୍ର ଏକର୦.୧୫୦, ପ୍ଲଟ୍ ନଂ.: ୧୯୬୦, କ୍ଷେତ୍ର: ଏକର୦.୦୬୦, ପ୍ଲଟ୍ ନଂ.: ୨୦୫୬, କ୍ଷେତ୍ର: ଏକର୦.୧୩୦

ଲଟ୍ ନଂ-୭: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର, ଖାତା ନଂ.: ୫୧୫, ପ୍ଲଟ୍ ନଂ.: ୬୫୩, କ୍ଷେତ୍ର: ଏକର୦.୬୮୦, ପ୍ଲଟ୍ ନଂ.:୬୮୩, କ୍ଷେତ୍ର: ଏକର୦.୩୪୦, ପ୍ଲଟ୍ ନଂ.: ୨୨୬, କ୍ଷେତ୍ର: ଏକର୦.୧୫୦

ଲଟ୍ ନଂ-୮: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର, ଖାତା ନଂ.: ୪୪୬, ପ୍ଲଟ୍ ନଂ.: ୧୮୬୯, କ୍ଷେତ୍ର: ଏକର୦.୧୦୦, ପ୍ଲଟ୍ ନଂ.:୧୮୭୦, କ୍ଷେତ୍ର: ଏକର୦.୧୨୦

ଲଟ୍ ନଂ-୯: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର, ଖାତା ନଂ.: ୪୩୯, ପ୍ଲଟ୍ ନଂ.: ୧୫୬, କ୍ଷେତ୍ର: ଏକର୦.୪୩୦

ଲଟ୍ ନଂ-୧୦: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର ଜାଲି, ଖାତା ନଂ.: ୩୯୦, ପ୍ଲଟ୍ ନଂ.: ୪୪୬, କ୍ଷେତ୍ର: ଏକର୦.୧୮୦

ଲଟ୍ ନଂ-୧୧: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର ଜାଲି, ଖାତା ନଂ.: ୩୯୧, ପ୍ଲଟ୍ ନଂ.: ୪୪୪, କ୍ଷେତ୍ର: ଏକର୦.୪୬୦, ପ୍ଲଟ୍ ନଂ.:୧୪୬୮, କ୍ଷେତ୍ର: ଏକର୦.୩୦୦

ଲଟ୍ ନଂ-୧୨: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର ଜାଲି, ଖାତା ନଂ.: ୨୪୩, ପ୍ଲଟ୍ ନଂ.: ୧୦୮୩, କ୍ଷେତ୍ର: ଏକର୦.୫୧୦, ପ୍ଲଟ୍ ନଂ.: ୧୫୬୩, କ୍ଷେତ୍ର: ଏକର୦.୩୭୦, ପ୍ଲଟ୍ ନଂ.: ୧୫୬୫, କ୍ଷେତ୍ର ଏକର୦.୨୬୦

ଲଟ୍ ନଂ-୧୩: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର ଜାଲି, ଖାତା ନଂ.: ୧୫୧, ପ୍ଲଟ୍ ନଂ.: ୩୮୧, କ୍ଷେତ୍ର: ଏକର୦.୩୮୦, ପ୍ଲଟ୍ ନଂ.: ୯୯୬, କ୍ଷେତ୍ର: ଏକର୦.୩୪୦, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର ଏକର୦.୧୬୦, ପ୍ଲଟ୍ ନଂ.: ୧୦୦୬, କ୍ଷେତ୍ର ଏକର୦.୪୧୦

ଲଟ୍ ନଂ-୧୪: ଜିଲ୍ଲା.: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ରଘୁନାଥପୁର ଜାଲି, ଖାତା ନଂ.: ୫୧୧/୪୮୫, ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର୦୧୧୦

ମୋର ସ୍ୱହସ୍ତରେ ଦସ୍ତଖତ ଏବଂ ମୋହର ସହ ଦିନାଙ୍କ **୨୦ ନଭେମ୍ବର ୨୦୨୬**ରେ ପ୍ରଦତ୍ତ।

ସ୍ୱା/- ଜଜ୍
୨ୟ ଅତିରିକ୍ତ ସିଭିଲ ଜଜ୍ (ସିନିୟର ଡିଭିଜନ) ଭୁବନେଶ୍ୱର

ଭୁବନେଶ୍ୱର, ୧ ନଭେମ୍ବର, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଶ୍ରୀଜଗନ୍ନାଥଙ୍କ ନାମକୁ ଫେରିବ ୪୫୦ କୋଟିର ସମ୍ପତ୍ତି !

ପୁରୀ, ୩୧/୧୦ ନ୍ୟୁଜ ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବୋତ୍ତର ସମ୍ପତ୍ତିର ସୁରକ୍ଷା ଦିଗରେ ଏକ ବଡ଼ ରାୟ ଦେଇଛନ୍ତି ରାଜସ୍ୱ ପର୍ଷଦ ଅଧୀନସ୍ଥ ଚକବନ୍ଦି ଆୟୁକ୍ତ । ପୁରୀ ତହସିଲ ଅନ୍ତର୍ଗତ ଶଙ୍କରପୁର ମୌଜାର ୨୮.୮୪୦ ଏକର ମୂଲ୍ୟବାନ ଜମିର ବିବାଦୀୟ ଚୂଡ଼ାନ୍ତ ରେକର୍ଡକୁ ରଦ୍ଦ କରି ଏହାକୁ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ନାମରେ ରେକର୍ଡ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଓମ୍କାରେଶ୍ୱର ମନ୍ଦିର ସଂଲଗ୍ନ ଏହି ଜମିର ଆନୁମାନିକ ବଜାର ମୂଲ୍ୟ ୪୫୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଇନଜୀବୀ ଅମ୍ବିକା ପ୍ରସାଦ ମିଶ୍ର ମାମଲା ପରିଚାଳନା କରୁଥିଲେ । ସୂଚନା ଅନୁସାରେ, ଶଙ୍କରପୁର ମୌଜାରେ ଥିବା ଏହି ଜମିକୁ ୧୯୬୨-୬୩ ମସିହାରରେ ଉତ୍ତର ପାର୍ଶ୍ୱ ମଠର ତତ୍କାଳୀନ ମହନ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ । ଏଥିସହ ମହାପ୍ରଭୁଙ୍କ ନାମରେ ରେକର୍ଡ କରିବାକୁ ସେଟଲମେଣ୍ଟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ତଦନୁଯାୟୀ, ୧୯୭୭ ମସିହାର ସାବକ ରେକର୍ଡରେ ଏହି ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରେକର୍ଡଭୁକ୍ତ ହୋଇଥିଲା । ଚକବନ୍ଦି ପ୍ରକ୍ରିୟାର ପ୍ରାରମ୍ଭିକ ଜମି ରେଜିଷ୍ଟରରେ ମଧ୍ୟ ମହାପ୍ରଭୁଙ୍କ ନାମ ରହିଥିଲା । ତେବେ ୨୦୧୦ ମସିହାରେ ପୁରୀ ଅତିରିକ୍ତ ଉପଜିଲ୍ଲାପାଳଙ୍କ ଏକ ଆଦେଶ ବଳରେ ଏହି ଜମି ମହନ୍ତଙ୍କ ନାମରେ ରେକର୍ଡ ହୋଇଥିଲା । ଆର.ଆର.ସି. ମାମଲା ନଂ. ୬୬/୨୦୧୦ରେ ମାତ୍ର ୨୬ ଦିନ ମଧ୍ୟରେ ଏହି ପରିବର୍ତ୍ତନ କରାଯାଇଥିଲା । ମନ୍ଦିର ପ୍ରଶାସନର ଅଗୋଚରରେ ମହାପ୍ରଭୁଙ୍କ ନାମକୁ ରେକର୍ଡରୁ ବାଦ୍ ଦିଆଯାଇଥିବା ବେଳେ ୨୦୧୩ରେ ମହନ୍ତଙ୍କ ନାମରେ ପଟ୍ଟା ପ୍ରସ୍ତୁତ ହୋଇଥିଲା । ଏହି ଘଟଣା ସହ ସମ୍ପୃକ୍ତ ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ଅତୀତରେ ସରକାରୀ କାର୍ଯ୍ୟରୁ ନିଲମ୍ବିତ ମଧ୍ୟ କରାଯାଇଥିଲା । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୧୬ ମସିହାରେ ଚକବନ୍ଦି ଆୟୁକ୍ତଙ୍କ ନିକଟରେ ମାମଲା ରୁଜୁ କରାଯାଇଲା । ବିଚାର ସମୟରେ ଆୟୁକ୍ତ ଜାଣିବାକୁ ପାଇଥିଲେ ଯେ, ଜମିର ରେକର୍ଡ ପରିବର୍ତ୍ତନ ସମୟରେ ଶ୍ରୀମନ୍ଦିର ପ୍ରଶାସକ ଓ ଦେବୋତ୍ତର ଆୟୁକ୍ତଙ୍କୁ ଆବଶ୍ୟକ ନୋଟିସ୍ ଦିଆଯାଇ ନଥିଲା । ଫଳରେ ସେମାନେ ନିଜ ପକ୍ଷ ରଖିବାର ସୁଯୋଗ ପାଇ ନଥିଲେ । ଏହାକୁ ନ୍ୟାୟ ପ୍ରକ୍ରିୟାର ମୌଳିକ ନୀତିର ଉଲ୍ଲଂଘନ ବୋଲି ଆୟୁକ୍ତ ବିବେଚନା କରିଛନ୍ତି । ତେଣୁ ଏହି ଜମି ପୁଣି ଥରେ ମହାପ୍ରଭୁଙ୍କ ନାମକୁ ଫେରାଇ ଆଣିବାକୁ ପୁରୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗତ କିଛି ମାସ ଧରି ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁଙ୍କ ପକ୍ଷରୁ ଜଗନ୍ନାଥଙ୍କ ଜମି ସଂପର୍କିତ ମାମଲାଗୁଡ଼ିକ ଉପରେ ନିରନ୍ତର ସମୀକ୍ଷା କରିବା ଦ୍ୱାରା ଏଭଳି ତ୍ୱରିତ ରାୟ ପ୍ରକାଶ ପାଇଛି ।

ଏକାମ୍ର କ୍ଷେତ୍ରର ନିର୍ମାଣ ଜାନୁଆରୀ ସୁଦ୍ଧା ଶେଷ ପାଇଁ ପୂର୍ତ୍ତମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩୧/୧୦ ନ୍ୟୁଜ ବ୍ୟୁରୋ

ଏକାମ୍ର କ୍ଷେତ୍ରର ସାମଗ୍ରିକ ବିକାଶ ତଥା ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ଭିତ୍ତିଭୂମି ବିକାଶ ସହ ପିପିଲି ଚାନ୍ଦୁଆ ହବ ନିର୍ମାଣ ଏବଂ ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟରର ପୁନରୁଦ୍ଧାର ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶନିବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଏକାମ୍ର ପାର୍କିଂ, ପର୍ଯ୍ୟଟକ ସମ୍ମିଳନୀ କେନ୍ଦ୍ର, ଶୌଚାଳୟ ନିର୍ମାଣ, ଭଜନ ମଣ୍ଡପ ନିର୍ମାଣ ଏବଂ ଅନନ୍ତ ବାସୁଦେବ ପ୍ଲାଜାର ବିକାଶ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏଥିସହ ବିନ୍ଦୁ ସାଗରକୁ ପ୍ରଶସ୍ତ ପାଦଚଲା ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏକାମ୍ର କ୍ଷେତ୍ରକୁ ଏକ ସୁସଂଗଠିତ, ସ୍ୱଚ୍ଛ, ସୁନ୍ଦର ଓ ଆକର୍ଷଣୀୟ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଦିଗରେ ସମସ୍ତ ପ୍ରସ୍ତାବିତ କାର୍ଯ୍ୟର ଯୋଜନାବଦ୍ଧ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଏକାମ୍ର କ୍ଷେତ୍ରର ଐତିହ୍ୟ, ପରମ୍ପରା ଓ ଧାର୍ମିକ ଗୁରୁତ୍ୱକୁ ଅକ୍ଷୁଣ୍ଣ ରଖି ଏହାର ସାମଗ୍ରିକ ଉନ୍ନତିକରଣ କରିବା ସହ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଇବା ସହ ଆବଶ୍ୟକ ସମସ୍ତ ନିର୍ମାଣ କାର୍ଯ୍ୟ ଆସନ୍ତା ୨୦୨୭ ଜାନୁଆରୀ ସୁଦ୍ଧା ଶେଷ କରିବା ଉପରେ ବୈଠକରେ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ । ପିପିଲି ଠାରେ ବହୁତଳ କୋଠା ନିର୍ମାଣ କରାଯାଇ ଚାନ୍ଦୁଆ ହବ ପ୍ରତିଷ୍ଠା ସହ ସେଠାରେ ଦୋକାନ ଗୃହ, ଫୁଡ ପ୍ଲାଜା, ଅଡିଓ ଭିଜୁଆଲ ହଲ, ଶୌଚାଳୟ ଆଦିର ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା । ଏହି ଚାନ୍ଦୁଆ ହବର ନିର୍ମାଣ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓବିସିସି ତଥା ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ ।

ଏଥି ସହ ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟର ସହ ଓଡ଼ିଶାର ସଂସ୍କୃତିକ ଭାବାବେଗ ଜଡିତ ଥିବାରୁ ଏହାର ପୁନରୁଦ୍ଧାର ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ବୈଠକରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ବିଏମ୍‌ସି କମିଶନର ଚଞ୍ଚଳ ରଣା, ଓବିସିସି ସିଜିଏମ ଶ୍ରୀଧର ରାଉତଙ୍କ ସମେତ ଏଏସଆଇ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

କନ୍ଧମାଳ ଭୂସ୍ଖଳନରେ ମୃତ ଓ ନିଖୋଜ ବ୍ୟକ୍ତିଙ୍କ ପରିବାରଙ୍କୁ ସମବେଦନା ଜଣାଇଲେ ନବୀନ

ଭୁବନେଶ୍ୱର, ୩୧/୧୦ ନ୍ୟୁଜ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ଭୂସ୍ଖଳନ ଘଟି ଏକାଧିକ ଲୋକଙ୍କ ମୃତ୍ୟୁ ଏବଂ ଅନେକ ନିଖୋଜ ହୋଇଥିବା ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏହି ଦୁଃଖଦ ଘଟଣାରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସେ ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ଏଥିସହ ନିଖୋଜ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ପ୍ରଭାବିତ ଅଞ୍ଚଳରେ ଜନଜୀବନ ସ୍ୱାଭାବିକ କରିବା ଲାଗି ସରକାର ତ୍ୱରିତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି । ସୂଚନା ଅନୁଯାୟୀ ଗତବୁଧବାର ମଧ୍ୟରାତ୍ରିରେ ହଠାତ୍ ମାଡ଼ି ଆସିଲା କାଳ । ପ୍ରବଳ ବର୍ଷା ଯୋଗୁ ଦୁର୍ବଳ ଅବସ୍ଥାରେ ଥିବା ପାହାଡ଼ରୁ ଭୂସ୍ଖଳନ ଘଟିଲା । ଏଥିରେ ଭାସିଗଲେ ଗୋଟିଏ ପରିବାର । ପରିବାରର ବାପା, ମା' ଓ ଶିଶୁପୁତ୍ର ମାଟିରେ ପୋତି ହୋଇ ଚିରନିଦ୍ରାରେ ଶୋଇଗଲେ । କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ମାଣିକେଶ୍ୱର ପଞ୍ଚାୟତର ଡାଙ୍ଗେସି ଗାଁରେ ଏହି ଭୟଙ୍କର ଅଘଟଣ ଘଟିଥିଲା । ମୃତକମାନେ ହେଲେ ଏହି ଗାଁର ଅଚ୍ୟୁତ ପ୍ରଧାନ (୩୬), ପତ୍ନୀ ମାନସୀ ପ୍ରଧାନ (୨୪) ଏବଂ ସେମାନଙ୍କ ୭ ମାସର ଶିଶୁପୁତ୍ର । ଅନ୍ୟପଟେ ଘୁ.ଉଦୟଗିରି ବ୍ଲକ୍ କଟିଙ୍ଗିଆ ପଞ୍ଚାୟତର ୬ଟି ସ୍ଥାନରେ ଭୂସ୍ଖଳନ ହୋଇଛି । ସୀମାବର୍ତ୍ତୀ ଗଞ୍ଜାମଜିଲ୍ଲା ଭଞ୍ଜନଗର ବ୍ଲକ୍ ବାଇବାଲି ପଞ୍ଚାୟତ ଗିଡ଼ିପାବାଲି ଗ୍ରାମ ଏକରକମ ଧ୍ୱଂସସ୍ତୂପରେ ପରିଣତ ହୋଇଛି । ଗତ ବୁଧବାର ଭୋର୍ ୩ଟାରେ ପାହାଡ଼ରୁ ମାଟି, ପଥର, ଗଛ ଓ ପାଣି ମାଡ଼ି ଗାଁକୁ ପୋତି ଦେଇଛି । ୧୩ ଜଣ ନିଖୋଜ ଥିବା ସୂଚନା ମିଳିଛି । ୧୧ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ତେବେ ଉଦ୍ଧାର ହୋଇଥିବା ଦୁଇ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ସେମାନଙ୍କୁ ଘୁ.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଭୂସ୍ଖଳନରେ ନିଖୋଜ ଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ୟୁ. ୟୁ. ଲଳିତଙ୍କ କିଟ୍ ଓ କିସ୍ ପରିଦର୍ଶନ

ଭୁବନେଶ୍ୱର ୩୧ ।୧୦ ନ୍ୟୁଜ ବ୍ୟୁରୋ

ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଉଦୟ ଉମେଶ ଲଳିତ ଶନିବାର କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍‌ର ବିଭିନ୍ନ ୟୁନିଟ୍ ବୁଲି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଅବଦାନ ସଂପର୍କରେ ଅବଗତ ହୋଇଥିଲେ ।

ଏହି ଗସ୍ତ ଅବସରରେ ଜଷ୍ଟିସ୍ ଲଳିତ କିଟ୍ 'ଲ' ସ୍କୁଲର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଏକ ସ୍ୱତନ୍ତ୍ର ବକ୍ତୃତା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଭାଷଣ ଦେଇ ଜଷ୍ଟିସ୍ ଲଳିତ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଆଇନ୍ ଓ ନ୍ୟାୟିକ ବ୍ୟବସ୍ଥା କ୍ଷେତ୍ରରେ ତାଙ୍କର ବିପୁଳ ଅଭିଜ୍ଞତା, ଜ୍ଞାନ ଓ ଅନ୍ତର୍ଦୃଷ୍ଟିକୁ ସେ ଉପସ୍ଥିତ ସମସ୍ତଙ୍କ ସହ ବାଣ୍ଟିଥିଲେ । ତାଙ୍କର ଏହି ମାର୍ଗଦର୍ଶନ ଓ ଆଲୋଚନା ଆଇନ ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନଙ୍କ ପାଇଁ ବେଶ୍ ଉପାଦେୟ ହେବା ସହ ସେମାନଙ୍କୁ ନୂତନ ଦୃଷ୍ଟିକୋଣ ଓ ପ୍ରେରଣା ଯୋଗାଇଥିଲା ।

ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଜଷ୍ଟିସ୍‌ଙ୍କୁ ସ୍ୱାଗତ କରିବା ସହ କିଟ୍ 'ଲ' ସ୍କୁଲ୍‌ର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କ ପାଇଁ ସମୟ ଦେଇଥିବାରୁ ମୁଁ ତାଙ୍କ ନିକଟରେ ଆନ୍ତରିକ କୃତଜ୍ଞତା ଜଣାଉଛି । ତାଙ୍କର ମୂଲ୍ୟବାନ ଜ୍ଞାନ, ଅଭିଜ୍ଞତା, ମାର୍ଗଦର୍ଶନ ଓ ଅନୁଭୂତି ଆଇନ୍ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ବେଶ୍ ଉପାଦେୟ ବୋଲି ସେ କହିଥିଲେ ।

ଯୋଗାଣ ବିଭାଗ ଚଢ଼ଉ ବେଳେ ୨୨୯ ଘରୋଇ ଗ୍ୟାସ ସିଲିଣ୍ଡର ଜବତ

ଭୁବନେଶ୍ୱର, ୩୧/୧୦ ନ୍ୟୁଜ ବ୍ୟୁରୋ

ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଗଚ୍ଛିତ କରାଯାଇଥିବା ଅଭିଯୋଗକୁ ଭିତିକରି ଖୋର୍ଦ୍ଧା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇଛି । ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ କଳିଙ୍ଗ ନଗର ଅନ୍ତର୍ଗତ ବସନ୍ତ ସାହୁ ଛକଠାରେ ଏକ ପରିତ୍ୟକ୍ତ ଆଜ୍‌ବେଷ୍ଟସ୍ ଘରେ ଆଜି ଅଚାନକ ଚଢ଼ାଉ କରି ସେଠାରୁ ବେଆଇନ୍ ଭାବେ ଗଚ୍ଛିତ ବିଭିନ୍ନ ତୈଳ କମ୍ପାନୀ (ଏଚ୍‌ପିସିଏଲ୍, ଆଇଓସିଏଲ୍, ବିପିସିଏଲ୍)ର ୨୨୯ ଗୋଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି ।

ସମୁଦ୍ରରେ ବୁଡିଯାଇ ପର୍ଯ୍ୟଟକଙ୍କ ମୃତ୍ୟୁ

ପୁରୀ, ୩୧ ।୧୦ ନ୍ୟୁଜ ବ୍ୟୁରୋ

ପୁଣି ପୁରୀ ସମୁଦ୍ରରେ ଅଘଟଣ । ସମୁଦ୍ରରେ ସ୍ନାନ କରୁଥିବା ବେଳେ ଚାଲିଗଲା ଜଣେ ପର୍ଯ୍ୟଟକଙ୍କ ଜୀବନ । ପୁରୀ ବେଳାଭୂମିର ସେକ୍ଟର ୧୨ରେ ଘଟିଛି ଏହି ଦୁଃଖଦ ଘଟଣା । ମୃତ ପର୍ଯ୍ୟଟକ ପଶ୍ଚିମବଙ୍ଗର ସୁମନ୍ତ ମାଇତି ବୋଲି ଜଣାପଡ଼ିଛି । ସେକ୍ଟର ୧୨ ବେଳାଭୂମିରେ ଶନିବାର ଅପରାହ୍ନରେ ସମୁଦ୍ର ସ୍ନାନ କରୁଥିଲେ ପଶ୍ଚିମବଙ୍ଗର କିଛି ପର୍ଯ୍ୟଟକ । ଏହି ସମୟରେ ବଡ଼ ଜୁଆର ଆସି ସୁମନ୍ତ ମାଇତିଙ୍କୁ ସମୁଦ୍ର ଭିତରକୁ ଟାଣି ନେଇଥିଲା । ତେବେ ସୁମନ୍ତ ସମୁଦ୍ରରେ ବୁଡ଼ି ଯାଉଥିବା ଦେଖି ବେଳାଭୂମିରେ ଥିବା ଅନ୍ୟ ପର୍ଯ୍ୟଟକ ଚିତ୍କାର କରିଥିଲେ । ପର୍ଯ୍ୟଟକଙ୍କ ଚିତ୍କାର ଶୁଣି ସଙ୍ଗେ ସଙ୍ଗେ ବେଳାଭୂମିରେ ନିୟୋଜିତ ଲାଇଫ୍ ଗାର୍ଡ ଓ ଅଗ୍ନିଶମ ବାହିନୀର କର୍ମଚାରୀ ତୁରନ୍ତ ସମୁଦ୍ର ଭିତରକୁ ଯାଇଥିଲେ । ଲାଇଫ୍ ଗାର୍ଡ ଗଭୀର ସମୁଦ୍ରକୁ ଯାଇ ପ୍ରାୟ ୧୫ ମିନିଟ୍ କାଳ ସମୁଦ୍ର ସହ ସଂଘର୍ଷ କରି ଶେଷରେ ଅଚେତ ଅବସ୍ଥାରେ ସୁମନ୍ତଙ୍କୁ କୂଳକୁ ଆଣିଥିଲେ । ଚିକିତ୍ସା ପାଇଁ ଗୁରୁତର ଅବସ୍ଥାରେ ତୁରନ୍ତ ତାଙ୍କୁ ଏକ ଅଟୋ ଯୋଗେ ପୁରୀ ମେଡିକାଲକୁ ନିଆଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ବାତ୍ୟା ଅର୍ଣ୍ଣବ ପରେ ସମୁଦ୍ର ଏବେ ବି ସମ୍ପୂର୍ଣ୍ଣ ଶାନ୍ତ ହୋଇନାହିଁ । ଏଣୁ ସମୁଦ୍ର କୂଳରେ ରେଡ୍ ଫ୍ଲାଗ୍ ଲଗାଇ ପର୍ଯ୍ୟଟକଙ୍କୁ ଗଭୀର ସମୁଦ୍ରକୁ ନଯିବାକୁ ବାରମ୍ବାର ସତର୍କ କରାଯାଉଛି । ହେଲେ କିଛି ପର୍ଯ୍ୟଟକ ସତର୍କ ସୂଚନାକୁ ଅଣଦେଖା କରି ସମୁଦ୍ରକୁ ଯାଉଥିବାରୁ ଏଭଳି ଅଘଟଣ ଘଟୁଛି ।

ବର୍ଷା ଯୋଗୁଁ ଆଜିଠୁ ଶିମିଳିପାଳ ଖୋଲିବା ନେଇ ଅନିଶ୍ଚିତତା !

ବାରିପଦା, ୩୧ /୧୦ ନ୍ୟୁଜ ବ୍ୟୁରୋ

ବାତ୍ୟା ଅର୍ଣ୍ଣବ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଥିଲେ ମଧ୍ୟ ଏହାର ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲା ସମେତ ଶିମିଳିପାଳ ଅଞ୍ଚଳରେ ଲଗାତାର ବର୍ଷା ଲାଗି ରହିଛି । ଏହାକୁ ନେଇ ଆସନ୍ତା ନଭେମ୍ବର ୧ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଖୋଲିବା ନେଇ ଅନିଶ୍ଚିତତା ଦେଖା ଦେଇଛି । ନଭେମ୍ବର ୧ରୁ ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ଖୋଲିବା ନେଇ ଗତ ୧୫ ତାରିଖରେ ଶିମିଳିପାଳ ବ୍ୟାଘ୍ରପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବେଳେ ଗତ ୨୭ ତାରିଖରୁ ଶିମିଳିପାଳ, ଯଶିପୁର ଓ ବାରିପଦା ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗି ରହିଛି । ଏହାର ପ୍ରଭାବରେ ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ଅନେକ କଚ୍ଚା ରାସ୍ତା ଧୋଇ ହୋଇ ଯାଇଥିବା ବେଳେ ବିଭିନ୍ନ ନଦୀନାଳରେ ଜଳସ୍ତର ବୃଦ୍ଧି ପାଇଛି । ବୁଢାବଳଙ୍ଗ, ଖଇରୀ ଓ ଦେଓ ନଦୀରେ ଜଳପ୍ରବାହ ବଢିଥିବାରୁ ଯାତାୟାତ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢିଛି । ପାଣିପାଗ ପୂର୍ବାନୁମାନ ଅନୁଯାୟୀ ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖ ମଧ୍ୟରେ ମଧ୍ୟ ଶିମିଳିପାଳ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି । ଏପରିକି ନଭେମ୍ବର ୨ ଓ ୩ରେ ଘଡଘଡି ସହ ବର୍ଷା ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଅନ୍ୟପକ୍ଷରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ବନ ବିଭାଗ ପକ୍ଷରୁ ରାସ୍ତା ମରାମତି ଓ ନଦୀ ପୋଲ ଗୁଡିକର ସ୍ଥିତି ଯାଞ୍ଚ କରାଯାଉଥିବା ସୂଚନା ମିଳିଛି । ବର୍ଷା ଲାଗି ରହିଲେ ଶିମିଳିପାଳ ଖୋଲିବା କାର୍ଯ୍ୟକ୍ରମକୁ ହୁଏତ ଆଉ ୨ରୁ ୩ ଦିନ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି । ତେବେ ଏ ସଂପର୍କରେ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଯାବତ୍ କୌଣସି ଆନୁଷ୍ଠାନିକ ସୂଚନା ପ୍ରକାଶ ପାଇନାହିଁ । ତେଣୁ ଶିମିଳିପାଳ ଭ୍ରମଣ ପାଇଁ ଯୋଜନା କରୁଥିବା ପର୍ଯ୍ୟଟକ ମାନେ ଯାତ୍ରା ପୂର୍ବରୁ ଶିମିଳିପାଳ ଟାଇଗର ରିଜର୍ଭର ଅଧିକାରୀଙ୍କ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି । ଏନେଇ ଏସଟିଆରଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା ସତ୍ତ୍ୱେ ଯୋଗାଯୋଗ ହୋଇପାରିନାହିଁ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗତ ତିନି ବର୍ଷ ଧରି ଅକ୍ଟୋବରରେ ପୂଜା ସମୟରେ ଶିମିଳିପାଳ ଖୋଲିବାର ଟ୍ରେଣ୍ଡ ଚାଲିଥିବାବେଳେ ଚଳିତ ବର୍ଷ ଲଗାଣବର୍ଷା ବିପ୍ରାତ ଯୋଗୁଁ ଏଥିରେ ବ୍ୟତିକ୍ରମ ହୋଇଛି । ସୂଚନା ଅନୁସାରେ ଗତ ୨୦୨୩ ଅକ୍ଟୋବର ୧୪ରେ ପୂଜା ସମୟରେ ଶିମିଳିପାଳ ଖୋଲିଥିବା ବେଳେ ୨୦୨୪ ଅକ୍ଟୋବର ୧୦ରେ ଏବଂ ୨୦୨୫ ଅକ୍ଟୋବର ୧୮ରେ ପର୍ଯ୍ୟଟକଙ୍କୁ ଶିମିଳିପାଳ ଭିତରକୁ ଯିବାକୁ ଅନୁମତି ମିଳିଥିଲା । ତେବେ ଚଳିତବର୍ଷ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବିପର୍ଯ୍ୟସ୍ତ ହୋଇ ପଡିଥିବା ରାସ୍ତାଘାଟର ମରାମତି ପରେ ନଭେମ୍ବର ୧ ତାରିଖରେ ଶିମିଳିପାଳ ଖୋଲାହେବାର ଚୂଡାନ୍ତ ନିଷ୍ପତ୍ତି ହୋଇଥିଲେ ସୁଦ୍ଧା ପୁଣି ବାତ୍ୟା ପ୍ରଭାବରେ ବର୍ଷା ଲାଗି ରହିଥିବାରୁ ଶିମିଳିପାଳ ଖୋଲିବ କି ନା ସେ ନେଇ ସନ୍ଦେହ ଉପୁଜିଛି ।

କ୍ଷତିଗ୍ରସ୍ତ ବନ୍ୟା ସୁରକ୍ଷା ବନ୍ଧର ପୁନରୁଦ୍ଧାର ପାଇଁ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ନଦୀ ଜଳସ୍ଥିତି ଏବଂ ବନ୍ୟା ସୁରକ୍ଷା ଭିତିଭୂମିର ଅନୁଧ୍ୟାନ ପାଇଁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁରସ୍ଥିତ ଋଷିକୁଲ୍ୟା ନଦୀର ଗେଜ୍ କେନ୍ଦ୍ର ପରିଦର୍ଶନ କରି ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି । ଏହି କ୍ଷେତ୍ର ପରିଦର୍ଶନ ସମୟରେ ମୁଖ୍ୟ ଯନ୍ତ୍ରୀ, ଡ୍ରେନେଜ୍, ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।



ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭ ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

ସାନଖେମୁଣ୍ଡିରେ ବନ୍ୟା ତାଣ୍ଡବ

ମିଲ୍‌ରେ ପଶିଲା ପାଣି : ଲକ୍ଷ ଲକ୍ଷର ଧାନ-ଚାଉଳ ନଷ୍ଟ

ଦିଗପହଣ୍ଡି, ୩୧/୧୦ ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଅର୍ଣ୍ଣବ ପରର ଦୁଃଖ ଏବେ ସାନଖେମୁଣ୍ଡି ବ୍ଲକର ଚୁଡ଼ଙ୍ଗପୁର ଗ୍ରାମ ପଞ୍ଚାୟତର ଲୁଣି-ଲାଠି ଗ୍ରାମରେ ଦେଖିବାକୁ ମିଳିଛି । ଲଗାଣ ବର୍ଷା ଯୋଗୁଁ ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିବାରୁ ଲୋକେ ହନ୍ତସନ୍ତ ହୋଇପଡିଛନ୍ତି । ଗ୍ରାମରେ ଥିବା ଏକ ରାଇସ ମିଲ୍‌ରେ ବନ୍ୟା ଜଳ ପଶିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି । ମିଲ୍‌ରେ ଗଚ୍ଛିତ ଥିବା ଶହ ଶହ କୁଇଣ୍ଟାଲ ଧାନ ଓ ଚାଉଳ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଏହା ସହିତ ମିଲର ମେସିନ, ମୋଟର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ମଧ୍ୟ ପାଣିରେ ବୁଡି ଅକାମୀ ହୋଇଯାଇଛି । ମିଲ୍ ମାଲିକଙ୍କ କହିବା ଅନୁଯାୟୀ ପ୍ରାୟ '୪୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଛି । ବନ୍ୟା ଜଳ କମିବା ପରେ ମିଲରୁ ଦୁର୍ଗନ୍ଧ ବାହାରୁଛି ଏବଂ ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଅନ୍ୟପଟେ ପାଣିପାଗ ବିଭାଗ ଆଉ ଏକ ଲଘୁଚାପ ଆସୁଥିବା ଚେତାବନୀ ଦେଇଥିବାରୁ ଅଞ୍ଚଳର ଚାଷୀମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଅଛନ୍ତି । ଏବେଠାରୁ ହିଁ ସେମାନଙ୍କ ଫସଲ ଜଳମଗ୍ନ ହୋଇସାରିଥିବା ବେଳେ ପୁଣି ବର୍ଷା ହେଲେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି । ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ଲୋକମାନଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ବେଡ୍ ଅଭାବ : ରୋଗୀଙ୍କ ଦୁର୍ଦ୍ଦଶା

କଟକ, ୩୧/୧୦ ନ୍ୟୁଜ ବ୍ୟୁରୋ

କର୍କଟ ରୋଗ ଭଳି ଜଟିଳ ରୋଗ ସହ ଜୀବନ ସହ ଲଢ଼େଇ କରୁଥିବା ରୋଗୀଙ୍କ ପାଇଁ ଆଶ୍ରୟସ୍ଥଳ ପାଲଟିଛି ହସ୍ପିଟାଲ । କିନ୍ତୁ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ଗବେଷଣା ପ୍ରତିଷ୍ଠାନରେ ଦେଖିବାକୁ ମିଳୁଛି ଏକ ଚିନ୍ତାଜନକ ଚିତ୍ର । ୱାର୍ଡରେ ଶଯ୍ୟା ନମିଳିବାରୁ ଅନେକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଖୋଲା ଆକାଶ ତଳେ ଦିନ କାଟିବାକୁ ପଡୁଛି । ବର୍ଷା ଛିଟା ଓ ଥଣ୍ଡା ପବନ ମଧ୍ୟରେ ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କ ଏଭଳି ଦୁର୍ଦ୍ଦଶା ସ୍ୱାସ୍ଥ୍ୟସେବାର ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି । ଅଭିଯୋଗ ଅନୁଯାୟୀ, ହସ୍ପିଟାଲରେ ଶଯ୍ୟା ଅଭାବ ଯୋଗୁଁ ପ୍ରାୟ ୨୦୦ରୁ ଅଧିକ କର୍କଟ ରୋଗୀ ଉପଯୁକ୍ତ ଆଶ୍ରୟ ପାଇବାରୁ ବଞ୍ଚିତ ହେଉଛନ୍ତି । କେତେକ ରୋଗୀ ଆଡମିସନ୍ ସୁଯୋଗ ନପାଇ ଅପେକ୍ଷା କରୁଥିବା ବେଳେ ଅନ୍ୟ କେତେକ ଆଡମିସନ୍ ପରେ ମଧ୍ୟ ଶଯ୍ୟା ନମିଳିବାରୁ ହସ୍ପିଟାଲ ବାହାରେ ରହୁଥିବା କୁହାଯାଉଛି । ଫଳରେ ରୋଗୀଙ୍କ ସହ ସେମାନଙ୍କ ପରିବାର ଲୋକେ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ବର୍ଷା ହେଲେ ସ୍ଥିତି ଅଧିକ ଦୟନୀୟ ହୋଇପଡୁଛି । ହସ୍ପିଟାଲ ପରିସରରେ ଥିବା ଅସ୍ଥାୟୀ ଆଶ୍ରୟସ୍ଥଳୀ ଓ ଗାଡ଼ି ପାର୍କିଂ ଅଞ୍ଚଳ ଭଳି ସ୍ଥାନରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆଶ୍ରୟ ନେବାକୁ ବାଧ୍ୟ ହେଉଥିବା ଚିତ୍ର ସାମ୍ନାକୁ ଆସୁଛି । ବର୍ଷା ପାଣି ହସ୍ପିଟାଲ ପରିସରରେ ଜମି ରହୁଥିବାରୁ ରୋଗୀଙ୍କ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି । ଏଭଳି ପରିସ୍ଥିତିରେ ଗୁରୁତର ରୋଗୀଙ୍କୁ ଅଧିକ ଅସୁବିଧାର ସାମ୍ନା କରିବାକୁ ପଡୁଛି । ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲକୁ କେବଳ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ନୁହେଁ, ରାଜ୍ୟ ବାହାରୁ ମଧ୍ୟ ବହୁ ସଂଖ୍ୟାରେ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ଏପରି ସ୍ଥିତିରେ ଶଯ୍ୟା ଅଭାବ ଓ ଉପଯୁକ୍ତ ଆଶ୍ରୟ ବ୍ୟବସ୍ଥାର ଅଭାବ ରୋଗୀ ଏବଂ ସେମାନଙ୍କ ପରିବାର ପାଇଁ ବଡ଼ ସମସ୍ୟା ହୋଇଛି । ସ୍ଥାନୀୟ ସ୍ତରରେ ଏଭଳି ଅବ୍ୟବସ୍ଥା ନୂଆ ନୁହେଁ ବୋଲି ଅଭିଯୋଗ ହେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ଦିଗରେ କି ପଦକ୍ଷେପ ନିଆଯାଉଛି, ତାହା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ରୋଗୀଙ୍କ ଚିକିତ୍ସା ସହ ରହିବା, ବିଶ୍ରାମ ନେବା ଓ ପାଣିପାଗରୁ ସୁରକ୍ଷା ପାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ଜରୁରୀ । ସମ୍ପୃକ୍ତ କର୍ତ୍ତୃପକ୍ଷ ଏହି ସମସ୍ୟାର ଶୀଘ୍ର ସମାଧାନ କରି ରୋଗୀଙ୍କୁ ଆଶ୍ୱସ୍ତି ଦେବେ ବୋଲି ଆଶା କରାଯାଉଛି ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭ ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା

ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

Email : utkaldeepika2016@gmail.com